
50

# ଉତ୍କଳ ପ୍ରସଙ୍ଗ

ମାର୍ଚ୍ଚ, ୧୯୯୮



Licence No. C.R.N.P. 5—Licensed to post without Pre-payment





ପୁରୀଠାରେ ଆୟୋଜିତ ପଞ୍ଚମ ବେଳାଭୂମି ଉତ୍ସବକୁ ଭାରତ ସରକାରଙ୍କ ପର୍ଯ୍ୟଟନ ବିଭାଗ ଶାସନ ସଚିବ ଶ୍ରୀ ଏମ୍. ପି. ବେଜବରୁଆ ଉଦ୍‌ଘାଟନ କରୁଛନ୍ତି । ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର ଉପସ୍ଥିତ ଅଛନ୍ତି



ଓଡ଼ିଶା ବିଧାନସଭା ପରିସର ମଧ୍ୟରେ ଥିବା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ମାନ୍ୟବର ଉପବାଚସ୍ପତି ପୁଷ୍ପଗୁଚ୍ଛ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି



ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ [illegible] କମିଶନର ଅଧ୍ୟକ୍ଷ ଶ୍ରୀ ବି. ଏନ୍. ଦାସଙ୍କ ସହ ତାଙ୍କ ସରକାରୀ ବାସଭବନରେ ଆଲୋଚନା କରୁଛନ୍ତି (୨୪-୩-୯୮) ।



ନାବାର୍ଡ଼ର ଅଧ୍ୟକ୍ଷ ଶ୍ରୀ ପି. କୋଟେୟା ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ତାଙ୍କ ସରକାରୀ ବାସଭବନରେ ସାକ୍ଷାତ କରୁଛନ୍ତି (୨୪-୩-୯୮) ।



ଜାତୀୟ ସାମରିକ ମହାବିଦ୍ୟାଳୟର ଉଚ୍ଚପଦସ୍ଥ ପ୍ରତିନିଧି ଦଳଙ୍କ ସହ ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର ଆଲୋଚନା କରୁଛନ୍ତି (୮-୬-୯୮) ।

# ଉତ୍କଳ ପ୍ରସଙ୍ଗ

୫୪ ଭାଗ ୮ମ ସଂଖ୍ୟା ଫାଲ୍‌ଗୁନ-ଚୈତ୍ର ୧୯୧୯ ଶକାବ୍ଦ ମାର୍ଚ୍ଚ ୧୯୯୮

**ଶ୍ରୀ ସଂଜୀବ ଚନ୍ଦ୍ର ହୋତା**
ପ୍ରମୁଖ ଶାସନ ସଚିବ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା

**ଶ୍ରୀ ନରେନ୍ଦ୍ର କୁମାର ମିଶ୍ର**
ନିର୍ଦ୍ଦେଶକ

**ସମ୍ପାଦନା ମଣ୍ଡଳୀ**

**ଶ୍ରୀ ମହେଶ୍ୱର ମୂଳିଆ**
କାର୍ଯ୍ୟନିର୍ବାହୀ ସମ୍ପାଦକ

**ଶ୍ରୀ ଶରତ ଚନ୍ଦ୍ର ସାମନ୍ତରାୟ**
ସମ୍ପାଦନା ସହଯୋଗୀ

**ପ୍ରଚ୍ଛଦପଟ**

ଶ୍ରୀ ପ୍ରଦ୍ୟୁମ୍ନ ଦାଶ

**ବାର୍ଷିକ ଦେୟ : ଟ ୨୦·୦୦**
**ପ୍ରତି ଖଣ୍ଡ : ଟ ୨·୦୦**

*ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।*

*"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।*

**ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ**
**ଏବଂ**
**ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦ ରେ ମୁଦ୍ରିତ ।**
**(ଫଟୋଟାଇପ୍‌ସେଟିଂ ପଦ୍ଧତିରେ ଅକ୍ଷର ସଂଯୋଜିତ)**

# ସୂଚୀ


| | |
|---|---|
| ସଫଳତାର ତିନୋଟି ବର୍ଷ | ୧ |
| ଓଡ଼ିଶାରେ ଉଚ୍ଚ ଶିକ୍ଷା ପ୍ରସାର କାର୍ଯ୍ୟକ୍ରମ | ୫ |
| ମହିଳା ଓ ଶିଶୁ ବିକାଶ ଯୋଜନା | ୭ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରଗତି | ୧୩ |
| ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଉନ୍ନୟନ କାର୍ଯ୍ୟକ୍ରମ | ୧୬ |
| ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ଅଗ୍ରଗତି | ୧୮ |
| ଓଡ଼ିଶାରେ ମତ୍ସ୍ୟ ଉନ୍ନୟନ କାର୍ଯ୍ୟକ୍ରମ | ୧୯ |
| ଶ୍ରମ ଓ ନିଯୋଜନ ବିଭାଗର କାର୍ଯ୍ୟାବଳୀ | ୨୨ |
| ଓଡ଼ିଶାରେ ପର୍ଯ୍ୟଟନର ବିକାଶ | ୨୪ |
| ନିର୍ମାଣ ବିଭାଗର ସାଫଲ୍ୟ | ୨୬ |
| ସାଧାରଣ ପ୍ରଶାସନ ବିଭାଗର ସଫଳତା | ୨୮ |
| କଲ୍ୟାଣ ବିଭାଗର କାର୍ଯ୍ୟାବଳୀ | ୩୦ |
| ସ୍ୱରାଷ୍ଟ୍ର ବିଭାଗର କାର୍ଯ୍ୟାବଳୀ | ୩୧ |
| ରାଜସ୍ୱ ବିଭାଗର ଉଲ୍ଲେଖନୀୟ କାର୍ଯ୍ୟ | ୩୨ |
| ଗୋପାଳପୁର ବନ୍ଦରର ବିକାଶ | ୩୩ |
| ପରିବେଶ ବିଭାଗର ସଫଳ କାର୍ଯ୍ୟକ୍ରମ | ୩୪ |
| କ୍ଷୁଦ୍ର ଜଳସେଚନ (ପ୍ରବାହ) ଯୋଜନା | ୩୫ |
| ବୟନ ଶିଳ୍ପ ଓ ହସ୍ତତନ୍ତ ବିଭାଗର ଅଗ୍ରଗତି | ୩୬ |
| ସାଧାରଣ ଅଭିଯୋଗ ଫଇସଲା ଓ ପେନ୍‌ସନ୍ ପ୍ରଶାସନ ବିଭାଗର କାର୍ଯ୍ୟାବଳୀ | ୩୭ |
| ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ସଫଳତା | ୩୮ |
| ଜଙ୍ଗଲ ଓ ପରିବେଶ ବିଭାଗର ପ୍ରଗତି | ୩୯ |
| ଓଡ଼ିଶାରେ ଉଠା ଜଳସେଚନ ପ୍ରକଳ୍ପ | ୪୦ |
| କୃଷି ବିଭାଗର ସଫଳ କାର୍ଯ୍ୟକ୍ରମ | ୪୨ |
| ଯୋଜନା ଓ ସମନ୍ୱୟ ବିଭାଗର କାର୍ଯ୍ୟାବଳୀ | ୪୩ |
| ଗ୍ରାମ୍ୟ ଅର୍ଥନୀତିର ବିକାଶରେ ସମବାୟ ବିଭାଗର ଭୂମିକା | ୪୪ |
| ଶିଳ୍ପ ବିଭାଗର କାର୍ଯ୍ୟାବଳୀ | ୪୫ |
| ସରକାରୀ ଉଦ୍ୟୋଗ ବିଭାଗର କାର୍ଯ୍ୟକ୍ରମ | ୪୬ |
| କ୍ରୀଡ଼ା ଓ ଯୁବ ସେବା ବିଭାଗର କାର୍ଯ୍ୟାବଳୀ | ୪୭ |
| ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଅଗ୍ରଗତି | ୪୯ |

# ସଫଳତାର ତିନୋଟି ବର୍ଷ

ଓଡ଼ିଶାରେ ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ଏକ ସ୍ଥିର, ଦକ୍ଷ, ଗତିଶୀଳ ସରକାର ଚାଲିଛି ଓ ରାଜନୈତିକ ସ୍ଥିରତା ବଜାୟ ରହିଛି ।



ଗତ ତିନି ବର୍ଷ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ ଓ ବାଣିଜ୍ୟ, କ୍ଷୁଧାରୁ ମୁକ୍ତି ଓ ଦାରିଦ୍ର୍ୟ ଦୂରୀକରଣ ଆଦି ସାଫଲ୍ୟକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଯୋଜନା ବିଶାରଦମାନେ ପ୍ରଶଂସା କରିଛନ୍ତି । କଲିକତାରେ ଅନୁଷ୍ଠିତ ହୋଇଥିବା ଆମେରିକାର ପୁଞ୍ଜିଲଗାଣକାରୀଙ୍କ ବୈଠକରେ ସେହି ଦେଶର ବାଣିଜ୍ୟ ସଚିବ ଉଇଲିୟମ ଡାଲି ଘୋଷଣା କରିଛନ୍ତି ଯେ ଆଗାମୀ ଶତାବ୍ଦୀରେ କଲିକତା ବଦଳରେ ଭୁବନେଶ୍ୱର ହିଁ ହେବ ଦକ୍ଷିଣ–ପୂର୍ବ ଏସିଆର ପ୍ରବେଶ ଦ୍ୱାର । ବିଦେଶୀ ପୁଞ୍ଜି ବିନିଯୋଗ କରି ଶିଳ୍ପର ଦ୍ରୁତ ବିକାଶ କରିବା କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ସେ ଭୂୟସୀ ପ୍ରଶଂସା କରିବା ସହିତ ପୂର୍ବ ଓ ଉତ୍ତର–ପୂର୍ବ ରାଜ୍ୟଗୁଡ଼ିକ ଏହି ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଛନ୍ତି । ବିପୁଳ ପ୍ରାକୃତିକ ସମ୍ପଦଭରା ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ କଂଗ୍ରେସ ସରକାର ସଂକଳ୍ପବଦ୍ଧ ପଦକ୍ଷେପ ନେଇଛି । ୧୯୯୫ ମସିହାରେ କଂଗ୍ରେସ ନିର୍ବାଚନ ଇସ୍ତାହାରରେ ଯେଉଁ ପ୍ରତିଶ୍ରୁତି ଦେଇଥିଲା ସେ ସମସ୍ତ ପ୍ରତିଶ୍ରୁତି ଅକ୍ଷରେ ଅକ୍ଷରେ ପାଳନ କରି ଚାଲିଛି ।

**ସାମାଜିକ ନ୍ୟାୟ ପ୍ରତିଷ୍ଠା :**

- କଂଗ୍ରେସର ପ୍ରତିଶ୍ରୁତି ଅନୁଯାୟୀ "କ୍ଷୁଧାମୁକ୍ତି" ଯୋଜନାରେ ୧୪୩ଟି ଆଦିବାସୀ ଅଧ୍ୟୁଷିତ ମରୁଡ଼ି ପ୍ରବଣ ମଣ୍ଡଳରେ(Block) କିଲୋଗ୍ରାମ ପ୍ରତି ଦୁଇ ଟଙ୍କା ଦରରେ ଚାଉଳ ଯୋଗାଇ ଦିଆଯାଉଛି ।
- ରାଜ୍ୟରେ ସମସ୍ତ ୪୦ ହଜାରରୁ ଊର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟରେ ୪୧ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ହୋଇଛି । ଫଳରେ ଛାତ୍ର ଛାତ୍ରୀଙ୍କ ଉପସ୍ଥାନ ବୃଦ୍ଧି ପାଇଛି । ପ୍ରତି ବିଦ୍ୟାଳୟରେ ଦୁଇଜଣ ନିଃସହାୟ ମହିଳାଙ୍କୁ ପାଚିକା ଓ ସହାୟିକା ଭାବେ ନିଯୁକ୍ତି ଦିଆଯାଇଛି ।
- କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା, ମାଲକାନଗିରି, କୋରାପୁଟ ଓ ରାୟଗଡ଼ା ଜିଲ୍ଲାର ୪୨ଟି ମଣ୍ଡଳରେ(Block) ଅସହାୟ ବୃଦ୍ଧ, ବୃଦ୍ଧା, ଦରିଦ୍ର ଜନସାଧାରଣଙ୍କୁ ମାଗଣା ଖାଦ୍ୟ ଯୋଗାଇ ଦିଆଯାଉଛି ।
- ପାଞ୍ଚଲକ୍ଷ ତିରିଶ ହଜାର ବୃଦ୍ଧ, ବୃଦ୍ଧା, ଦରିଦ୍ର, କ୍ଷୁଦ୍ରଚାଷୀ, ଭୂମିହୀନ, କୃଷକ, ଅକର୍ମଣ୍ୟ ଓ ବିଧବାଙ୍କୁ ମାସିକ ଶହେ ଟଙ୍କା ଭତ୍ତା ପ୍ରଦାନ କରାଯାଉଛି ।
- ଇନ୍ଦିରା ଆବାସ ଯୋଜନାକୁ ଅଗ୍ରାଧିକାର ଦେଇ ଏକ ଲକ୍ଷରୁ ଊର୍ଦ୍ଧ୍ୱ ପରିବାରକୁ ବାସଗୃହ ଯୋଗାଇ ଦିଆଯାଇଛି ।
- ସାମାଜିକ ତଥା ଅର୍ଥନୈତିକ ପଛୁଆବର୍ଗର ଲୋକମାନଙ୍କ ପାଇଁ ଚାକିରି କ୍ଷେତ୍ରରେ ଶତକଡ଼ା ୨୭ ଭାଗ ସ୍ଥାନ ସଂରକ୍ଷିତ କରାଯାଇଛି ।

## ଶିଶୁ ଓ ମହିଳା ବିକାଶ :

- ରାଜ୍ୟର ସମସ୍ତ ୩୧୪ ମଣ୍ଡଳକୁ (Block) ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ପ୍ରତି ଏକ ହଜାର ଜନ ସଂଖ୍ୟାରେ ଗୋଟିଏ ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ କରି ଶିଶୁମାନଙ୍କ ପାଇଁ ସୁଷମ ଖାଦ୍ୟ, ସ୍ୱାସ୍ଥ୍ୟ, ଶିକ୍ଷାର ବ୍ୟବସ୍ଥା ହୋଇଛି । ପ୍ରତି କେନ୍ଦ୍ରରେ ଜଣେ କର୍ମୀ ଓ ସହାୟିକା ନିଯୁକ୍ତି ପାଇଛନ୍ତି ।

- ଦାରିଦ୍ର୍ୟ ସୀମାରେଖା ତଳେ ଥିବା ମହିଳାଙ୍କୁ ପ୍ରଥମ ଓ ଦ୍ୱିତୀୟ ସନ୍ତାନ ଜନ୍ମ ହେବା ସମୟରୁ ୩ ମାସ ପାଇଁ (ପ୍ରସୂତିକାଳୀନ ଚିକିତ୍ସା) ୩୦୦ ଟଙ୍କା ଆର୍ଥିକ ସାହାଯ୍ୟ ଦିଆଯାଇଛି ।

- ଗ୍ରାମାଞ୍ଚଳ ମହିଳାମାନଙ୍କର ଆୟ-ନିଯୁକ୍ତି କାର୍ଯ୍ୟକ୍ରମ (ଡ଼ିଃ ଡବଲ୍ୟୁଃ, ଏଃ ସିଃ ଆର ଃଏଃ) ମାଧ୍ୟମରେ ୨୮୭୮ ମହିଳା ଗ୍ରୁପ୍ ଗଠନ କରାଯାଇ ୪୮,୯୬୫ ଜଣ ମହିଳାଙ୍କ ପାଇଁ ରୋଜଗାର ବ୍ୟବସ୍ଥା କରାଯାଇଛି ।

- ମହିଳାମାନଙ୍କ ପାଇଁ ସରକାରୀ ଓ ଅର୍ଦ୍ଧ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଚାକିରି କ୍ଷେତ୍ରରେ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ କରାଯାଇଛି ।

## ସମସ୍ତଙ୍କ ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟ :

- ଦୁଇ ହଜାର ମସିହା ସୁଦ୍ଧା ସମସ୍ତଙ୍କ ପାଇଁ ଶିକ୍ଷା କାର୍ଯ୍ୟକ୍ରମର ଲକ୍ଷ୍ୟ ହାସଲ ନିମନ୍ତେ ପୂର୍ଣ୍ଣ ସାକ୍ଷରତା ଅଭିଯାନ ପ୍ରବର୍ତ୍ତନ କରାଯାଇଛି ।

- ଦରିଆପାରୀ ଶିକ୍ଷା ବିକାଶ ଯୋଜନା ସହାୟତାରେ ପରିଚାଳିତ ଓଡ଼ିଶା ପ୍ରାଥମିକ ଶିକ୍ଷା ପ୍ରକଳ୍ପରେ ୮ଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରାଯାଇ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଅନ୍ୟୁନ ୨୩୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।

- ନାରୀ ଶିକ୍ଷାକୁ ଅଧିକ ଉତ୍ସାହ ପ୍ରଦାନ ପାଇଁ ୬୭ଟି ବାଳିକା ଉଚ୍ଚ ବିଦ୍ୟାଳୟକୁ ସରକାର ହାତକୁ ନେଇଛନ୍ତି ।

- ପ୍ରଚଳିତ ଛାତ୍ର ବୃତ୍ତି ସମେତ ବୈଷୟିକ ଓ ପରିଚାଳନା ଶିକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ମାସିକ ଏକ ହଜାର ଟଙ୍କା ଛାତ୍ର ବୃତ୍ତି ଦିଆଯାଉଛି ।

- ଉତ୍ତର ଓଡ଼ିଶାରେ ଏକ ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ।

- ରାଜ୍ୟରେ ଅଧିକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ କେନ୍ଦ୍ର ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଇଛି ।

## ଆଦିବାସୀ ଓ ହରିଜନଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ପଦକ୍ଷେପ :

- ୧୯୯୫-୯୬ ଓ ୧୯୯୬-୯୭ ଆର୍ଥିକ ବର୍ଷରେ ୧ ଲକ୍ଷ ୪୮ ହଜାର ୭୫ ଜଣ ଆଦିବାସୀ ଓ ୯୦୫୫୪ ଜଣ ହରିଜନଙ୍କୁ ବିଭିନ୍ନ ଆୟକାରୀ ଯୋଜନା ମାଧ୍ୟମରେ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଉଛି ।

- ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀମାନଙ୍କ ସୁବିଧା ପାଇଁ ଗତ ଦୁଇ ବର୍ଷ ମଧ୍ୟରେ ୩୦ ଶଯ୍ୟା ବିଶିଷ୍ଟ ୫୩ଟି ଛାତ୍ରାବାସ ନିର୍ମାଣ କରାଯାଇଛି ।

- ଆଦିବାସୀ ଓ ହରିଜନ ଶ୍ରେଣୀର ଲୋକମାନେ ବ୍ୟବସାୟ ଓ ବାଣିଜ୍ୟ କରିବା ପାଇଁ ରାଜ୍ୟ ହରିଜନ ଓ ଆଦିବାସୀ ଅର୍ଥ ଉନ୍ନୟନ ନିଗମ ସ୍ୱଳ୍ପ ହାରରେ ଋଣ ଦେବାର ବ୍ୟବସ୍ଥା କରିଛନ୍ତି ।

## ପଞ୍ଚାୟତରାଜ :

- ରାଜ୍ୟର ଜିଲ୍ଲାଠାରୁ ଆରମ୍ଭ କରି ପଞ୍ଚାୟତ ପର୍ଯ୍ୟନ୍ତ ମହିଳା, ହରିଜନ ଆଦିବାସୀ ଓ ପଛୁଆ ବର୍ଗର ଲୋକମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ସହିତ ତିନି ସ୍ତରୀୟ ପଞ୍ଚାୟତ ନିର୍ବାଚନ କରାଯାଇ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ପ୍ରକ୍ରିୟାକୁ ସୁଦୃଢ଼ କରାଯାଇଛି । ରାଜ୍ୟରେ ସମସ୍ତ ମଣ୍ଡଳ(Block)କୁ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଇଃଏଃଏସ୍) ଅନ୍ତର୍ଭୁକ୍ତ କରାଯାଇଛି । ଏହି ଯୋଜନା ଅନୁଯାୟୀ ସବୁ ଗ୍ରାମରେ ପୁଷ୍କରିଣୀ ଖନନ, ପୁରୁଣା ପୁଷ୍କରିଣୀର ପୁନରୁଦ୍ଧାର, ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଅଗ୍ନି ନିରୋଧକ ପକ୍କା ଗୃହ ନିର୍ମାଣ, କ୍ଷୁଦ୍ର ଜଳସେଚନ ପାଇଁ ଆଡ଼ିବନ୍ଧ ନିର୍ମାଣ ସହିତ ପ୍ରତି ପରିବାରକୁ ୧୦୦ ଦିନର ନିଶ୍ଚିତ କର୍ମଯୋଗାଣ ବ୍ୟବସ୍ଥା କରାଯାଇଛି । ପ୍ରତି ଗ୍ରାମରୁ ପଞ୍ଚାୟତ କାର୍ଯ୍ୟାଳୟ ଓ ପଞ୍ଚାୟତରୁ ପଞ୍ଚାୟତ ସମିତି ସଦର ମହକୁମାକୁ ସବୁ ଦିନିଆ ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ କରାଯାଉଛି । ଗ୍ରାମାଞ୍ଚଳ ଗମନାଗମନର ସୁବିଧା ପାଇଁ ଗ୍ରାମାଞ୍ଚଳ ଗମନାଗମନ ସଂଯୋଜକ କାର୍ଯ୍ୟକ୍ରମ ଜରିଆରେ ପ୍ରତି ଜିଲ୍ଲାରେ ଦେଢ଼ କୋଟି ଟଙ୍କା ବ୍ୟୟ କରାଯାଉଛି ।

- ଦୁଇ ହଜାର ମସିହା ସୁଦ୍ଧା ସମସ୍ତ ଗ୍ରାମକୁ ସ୍ୱାସ୍ଥ୍ୟ ଉପଯୋଗୀ ପାନୀୟଜଳ ଯୋଗାଇ ଦେବା ପାଇଁ ସରକାରଙ୍କ ଦ୍ୱାରା ନଳକୂପ, ସ୍ୱଚ୍ଛ କୂପ ଓ ପାଇପ୍ ଯୋଗେ ଜଳ ଯୋଗାଣର ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ପାନୀୟ ଜଳର ସୁବିଧା ପାଇଁ ନଳକୂପ ବସାଇବାର ବ୍ୟବସ୍ଥା କରାଯାଉଛି ।

- ଗରିବ ଲୋକଙ୍କ ଆର୍ଥିକ ଉନ୍ନତି ପାଇଁ ଆଇ.ଆର୍.ଡ଼ି.ପି. ଋଣର ପରିମାଣ ବୃଦ୍ଧି କରାଯାଇଛି । ଏହି ଯୋଜନାରେ ମିଳିତ ଭାବେ ଆବେଦନକାରୀଙ୍କୁ ପାୱାରଟିଲର, ଟ୍ରାକ୍ଟର, ମିନିବସ୍, ଅଟୋରିକ୍ସା,ଟ୍ରକ, ପାଣିପମ୍ପ ସେଟ ସମ୍ପୂର୍ଣ୍ଣ ଆର୍ଥିକ ରିହାତିରେ ଯୋଗାଇ ଦିଆଯାଇଛି ।

- ରାଜ୍ୟର ସମସ୍ତ ପଞ୍ଚାୟତରେ ଅତ୍ୟାବଶ୍ୟକୀୟ କଣ୍ଟ୍ରୋଲ ଦ୍ରବ୍ୟ ଯଥା:—ଚାଉଳ, ଚିନି, ଗହମ ଓ କିରୋସିନି ସୁଲଭ ମୂଲ୍ୟରେ ସୁଷମ ବଣ୍ଟନର ବ୍ୟବସ୍ଥା କରାଯାଇଛି । ବିଶେଷ ଭାବରେ ତିରୋଟ ସମୟରେ ଗ୍ରାମାଞ୍ଚଳର ହାଟମାନଙ୍କରେ କଣ୍ଟ୍ରୋଲ ଦରରେ ଅତ୍ୟାବଶ୍ୟକ ପଦାର୍ଥ ଯୋଗାଇ ଦିଆଯାଉଛି ।

## ସମବାୟ :

- ରାଜ୍ୟରେ ୩·୯୪ ଲକ୍ଷ ଗରିବ କୃଷକ ପରିବାରଙ୍କୁ ୩୧·୬୨ କୋଟି ଟଙ୍କାର ସୁଧ ଛାଡ଼ କରାଯାଇଛି ।

- ରାଜ୍ୟରେ ମହିଳାମାନଙ୍କୁ ବ୍ୟାଙ୍କ ଋଣ ଯୋଗାଇଦେବା ପାଇଁ ୧୬ଟି ମହିଳା ବ୍ୟାଙ୍କ ଖୋଲାଯାଇଛି ।

- ରାଜ୍ୟରେ ଫସଲବୀମା ପ୍ରବର୍ତ୍ତନ ହୋଇଛି ଓ ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ୧୦୯୧୩୬ ଜଣ ଚାଷୀଙ୍କୁ ଫସଲ ବୀମା ଅର୍ଥ ବାବଦରେ ୭·୫୯ କୋଟି ଟଙ୍କା କ୍ଷତି ପୂରଣ ଦିଆଯାଇଛି ।

## କୃଷି—ସଫଳତାର ଏକ ନୂତନ ପଦକ୍ଷେପ :

- କୃଷି କ୍ଷେତ୍ରରେ ଆଶାଜନକ ସଫଳତା ହାସଲ ହୋଇଛି । ସାରା ଦେଶରେ ପ୍ରଥମକରି କୃଷିକୁ ଶିଳ୍ପର ମାନ୍ୟତା ପ୍ରଦାନ କରାଯାଇଛି ।

- ବର୍ଷା ଓ ବନ୍ୟା ବିପନ୍ନ ଚାଷୀମାନଙ୍କୁ ୫୦ ଭାଗ ରିହାତି ମୂଲ୍ୟରେ ବିହନ ଯୋଗାଇ ଦିଆଯାଉଛି ।

- ଶତକଡ଼ା ୫୦ ଭାଗ ରିହାତି ମୂଲ୍ୟରେ କୃଷି ଯନ୍ତ୍ରପାତି ଦିଆଯାଉଛି ।

- କୃଷି ଉଦ୍ୟୋଗୀମାନଙ୍କୁ କୃଷି—ଭିତ୍ତିକ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ସାହାଯ୍ୟ କରିବା ପାଇଁ ଆପିକଲ ସଂସ୍ଥା ଗଠନ କରାଯାଇଛି ।

- ୪୦ ହଜାର ଗ୍ରାମୀଣ ମହିଳାଙ୍କୁ ଗୋ—ପାଳନ ଜରିଆରେ କର୍ମ ନିଯୁକ୍ତି ଦିଆଯାଇଛି ।

- ୧୯୯୬—୯୭ ଖରିଫ୍ ଋତୁରେ ରାଜ୍ୟର ଚାଷୀମାନଙ୍କୁ ୧·୦୮ ଲକ୍ଷ ଟନ ସାର ଦିଆ ଯାଇଛି ।

- ନଦୀ ପଠାରେ ଆଳୁଚାଷର ପ୍ରବର୍ତ୍ତନ କରି ଆଳୁ ଫସଲ ତିନିଗୁଣକୁ ବୃଦ୍ଧି ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ।

- ନଡ଼ିଆ ଚାଷର ପ୍ରସାର ନିମନ୍ତେ ୩ ଲକ୍ଷ ଚାଷୀ ପରିବାରକୁ ଜମିପିଛା ୨ଟି ଉନ୍ନତ ମାନର ଚାରା ସମେତ ଆନୁଷଙ୍ଗିକ କୃଷି ସାମଗ୍ରୀ ଯୋଗାଇ ଦିଆଯାଇଛି ।

## ଜଳସେଚନ ପ୍ରସାର ପାଇଁ ବ୍ୟାପକ ପଦକ୍ଷେପ :

- ରାଜ୍ୟରେ ୫୦ ଭାଗ ଚାଷ ଉପଯୋଗୀ ଜମିକୁ ଆସନ୍ତା ୨ ହଜାର ମସିହା ସୁଦ୍ଧା ଜଳସେଚନ ସୁବିଧା ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

- ସୁବର୍ଣ୍ଣରେଖା ଜଳସେଚନ ଯୋଜନା ତୁରନ୍ତ ଶେଷ କରିବା ପାଇଁ ପଦକ୍ଷେପ ନିଆଯାଉଛି ।

- ୧୯୯୭—୯୮ ବର୍ଷରେ ଅତିରିକ୍ତ ୫୭·୩୦୦ ହେକ୍ଟର ଖରିଫ ଓ ୩୧·୩୩୦ ହେକ୍ଟର ରବି ଜମି ପାଇଁ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରାଯିବା ନିମନ୍ତେ ପଦକ୍ଷେପ ନିଆଯାଇଛି ।

- କ୍ଷୁଦ୍ର ଓ ନାମମାତ୍ର ଚାଷୀ, ହରିଜନ ଓ ଆଦିବାସୀ ଚାଷୀମାନଙ୍କୁ ଜଳସେଚନ ନିମନ୍ତେ ନିସ୍ତୃତ କୂପ ଖନନ ଓ ଉଠା ଜଳସେଚନ ସ୍ଥାପନ ପାଇଁ ସମ୍ପୂର୍ଣ୍ଣ ଆର୍ଥିକ ରିହାତି ପ୍ରଦାନ କରାଯାଇଛି ।

- ଇସ୍ରାଏଲ୍ ସହ ରାଜିନାମା ଅନୁଯାୟୀ କୋରାପୁଟର ଲକ୍ଷ୍ମୀପୁର ଅଞ୍ଚଳରେ ବୁନ୍ଦା ଜଳସେଚନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି ।

## ବିଦ୍ୟୁତ୍ ଶକ୍ତି—ସକଳ ଶକ୍ତିର ଆଧାର :

- ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଏକ ବଳକା ରାଜ୍ୟରେ ପରିଣତ ହୋଇଛି ।

- ଝାରସୁଗୁଡ଼ାଠାରେ ୧୬ ହଜାର କୋଟି ଟଙ୍କା ବ୍ୟୟରେ ୩୯୬୦ ମେଗାୱାଟ କ୍ଷମତା ସମ୍ପନ୍ନ ଶକ୍ତିର ଉତ୍ପାଦନ କାରଖାନା ପ୍ରତିଷ୍ଠା କରାଯାଇଛି ।

- ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ଦ୍ୱାରା ଇବ୍ ଉପତ୍ୟକାରେ ୨ଟି ତାପଜ ବିଦ୍ୟୁତ କେନ୍ଦ୍ର ପ୍ରତିଷ୍ଠା ହୋଇଛି ।

- ରାଜ୍ୟରେ ବିଦ୍ୟୁତ୍ କାଟ କରାଯାଉନାହିଁ ।

- ନବମ ଯୋଜନା କାଳରେ ଆଉ ୧୫୦୦୦ ଗ୍ରାମକୁ ବିଜୁଳି ଯୋଗାଇବାକୁ ପଦକ୍ଷେପ ନିଆଯାଉଛି ।


## ପୁଞ୍ଜି ବିନିଯୋଗ ଓ ଶିଳ୍ପର ପ୍ରସାର :

- ୧୯୯୫ରେ ସମଗ୍ର ଦେଶର ପୁଞ୍ଜି ଲଗାଣ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ତୃତୀୟରେ ଥିଲାବେଳେ ବର୍ତ୍ତମାନ ଓଡ଼ିଶାର ସ୍ଥାନ ପ୍ରଥମ । ଓଡ଼ିଶାରେ ଶିଳ୍ପର ଦ୍ରୁତ ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନିରବଚ୍ଛିନ୍ନ ଉଦ୍ୟମ ଫଳରେ ଏକ ଲକ୍ଷ ତିରିଶ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ ପାଇଁ ବ୍ୟବସ୍ଥା ହୋଇଛି ।

- ରାଜ୍ୟ ସରକାର ନୂତନ ଶିଳ୍ପନୀତି ପ୍ରଣୟନ କରିଛନ୍ତି । ମିତ୍ତଲଙ୍କ ଇସ୍ପାତ କାରଖାନାରେ ଉତ୍ପାଦନ ଆରମ୍ଭ ହେଲାଣି ।
- ଗୋପାଳପୁରଠାରେ ଟାଟା ଓ ଏଲ୍‌: ଆଣ୍ଡ: ଟି: ଦୁଇଟି ଇସ୍ପାତ କାରଖାନାର ନିର୍ମାଣ କାର୍ଯ୍ୟ ଚାଲିଛି ।
- ଭୂଷଣ, ଗଣପତି, ଏସିଆନ ଆଇଏଜ, ବ୍ରାହ୍ମଣୀ ଲୌହ–ଇସ୍ପାତ କମ୍ପାନୀ, ଜିନ୍ଦାଲ୍, ନେସନାଲ ଷ୍ଟିଲ୍ ପ୍ରଭୃତି କମ୍ପାନୀ ସହାୟତାରେ ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ପାଇଁ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରାଗଲାଣି ।
- କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର ଓ ରାୟଗଡ଼ା ଜିଲ୍ଲାରେ ଏବଂ ହୀରାକୁଦଠାରେ ଆଲୁମିନିୟମ୍ କାରଖାନା ପ୍ରତିଷ୍ଠା କରାଯାଉଛି । ଏହି ସମସ୍ତ ଆଲୁମିନା ପ୍ରକଳ୍ପରେ ଦଶହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ବିନିଯୋଗ ହେବ ।
- ଭଦ୍ରକ, ଗଞ୍ଜାମ, କୋରାପୁଟ, ଦେବଗଡ଼ ସମେତ ଅନ୍ୟ ଜିଲ୍ଲାମାନଙ୍କରେ ନଅଟି ଚିନିକଳ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଗଲାଣି ।
- ପାରାଦ୍ୱୀପରେ ତିନିହଜାର କୋଟି ଟଙ୍କା ବିନିଯୋଗରେ ଏକ ତୈଳ ବିଶୋଧନାଗାର ଓ ଗୋପାଳପୁରରେ ପେଟ୍ରୋକେମିକାଲ୍ ଶିଳ୍ପ ପ୍ରତିଷ୍ଠା ହୋଇଛି ।
- ଭୁବନେଶ୍ୱରରେ ରପ୍ତାନୀ ବିକାଶ ଶିଳ୍ପ ପାର୍କ, ଇଲେକଟ୍ରୋନିକ୍ସ ପାର୍କ ଓ ଡାଇମଣ୍ଡ ପାର୍କ, ପାରାଦ୍ୱୀପରେ ଶିଳ୍ପ ପାର୍କ ଏବଂ ଖୋରଧାରେ ଆଲୁମିନିୟମ ପାର୍କ ପ୍ରତିଷ୍ଠା ହୋଇଛି ।

## ପରିବହନ ଓ ପର୍ଯ୍ୟଟନର ବିକାଶ :

- ଏକ ହଜାର କୋଟି ଟଙ୍କା ବିନିଯୋଗରେ ଗୋପାଳପୁରକୁ ପୂର୍ଣ୍ଣାଙ୍ଗ ବୃହତ୍ ବନ୍ଦରରେ ପରିଣତ କରିବା ପାଇଁ କାମ ଆରମ୍ଭ ହୋଇଛି ।
- ବାରଶହ କୋଟି ଟଙ୍କା ବ୍ୟୟରେ ଧାମରାଠାରେ ନୂତନ ବନ୍ଦର ନିର୍ମାଣ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।
- ପ୍ରତି ମଣ୍ଡଳ (Block)ରେ ତହସିଲ୍ କାର୍ଯ୍ୟାଳୟ ପ୍ରତିଷ୍ଠା, ପ୍ରତି ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ଓ ରାଜସ୍ୱ ଆଇନକୁ ସରଳୀକରଣ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ।
- ଏକବିଂଶ ଶତାବ୍ଦୀରେ ଓଡ଼ିଶାକୁ ଭାରତବର୍ଷରେ ଏକ ଅଗ୍ରଗଣ୍ୟ ରାଜ୍ୟରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସଂକଳ୍ପକୁ ସାକାର କରିବା ନିମନ୍ତେ ଜନସାଧାରଣଙ୍କ ଆନ୍ତରିକ ସହଯୋଗ ଏକାନ୍ତ ଆବଶ୍ୟକ ।




ଗୋପାଳପୁରଠାରେ ଇସ୍ପାତ କାରଖାନାର ଶିଳାନ୍ୟାସ

# ଓଡ଼ିଶାରେ ଉଚ୍ଚ ଶିକ୍ଷା ପ୍ରସାର କାର୍ଯ୍ୟକ୍ରମ

ତଦାନିନ୍ତନ ଶିକ୍ଷା ଓ ଯୁବ କଲ୍ୟାଣ ବିଭାଗକୁ ୧୯୯୨ ମସିହାରେ ଦୁଇ ଭାଗରେ ବିଭକ୍ତ କରାଯିବା ଫଳରେ ଉଚ୍ଚଶିକ୍ଷା ବିଭାଗର ସୃଷ୍ଟି ହୋଇଥିଲା ।

ରାଜ୍ୟରେ ଶିକ୍ଷାର ପ୍ରଶାସନିକ ବ୍ୟବସ୍ଥାର ଉନ୍ନତି ପାଇଁ ତିନି ଗୋଟି ଆଞ୍ଚଳିକ ନିର୍ଦ୍ଦେଶାଳୟ ପ୍ରତିଷ୍ଠା କରାଯିବା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସଦୃଶ୍ୟ । ଏହି ଆଞ୍ଚଳିକ ନିର୍ଦ୍ଦେଶାଳୟଗୁଡ଼ିକ ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟର ଭୌଗୋଳିକ ସୀମା ମଧ୍ୟରେ କାର୍ଯ୍ୟ କରିବା ସହିତ ପ୍ରଶାସନିକ ବ୍ୟବସ୍ଥା ସମ୍ପୃକ୍ତ ଅଞ୍ଚଳର ଶିକ୍ଷାନୁଷ୍ଠାନମାନଙ୍କରେ ସହଜ ଉପଲବ୍ଧ ହୋଇପାରିବ ।

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ସର୍ବାଧିକ ମହାବିଦ୍ୟାଳୟ ଥିବାରୁ ଏହି ବିଶ୍ୱବିଦ୍ୟାଳୟ ପରିଚାଳନା କ୍ଷେତ୍ରରେ ସୃଷ୍ଟି ହୋଇଥିବା ସମସ୍ୟାବଳୀ ପ୍ରତି ଦୃଷ୍ଟି ରଖି ଓ ଶିକ୍ଷାର ଗୁଣାତ୍ମକ ମାନର ଉନ୍ନତି ସାଧନ ପାଇଁ ଉତ୍ତର ଓଡ଼ିଶାରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ସିଦ୍ଧାନ୍ତ ନିଆଯାଇଛି । ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଉପଯୁକ୍ତ ସ୍ଥାନ ନିରୂପଣ କରିବା ନିମନ୍ତେ ଗଠିତ ହୋଇଥିବା କମିଟିର ରିପୋର୍ଟ ହସ୍ତଗତ ହୋଇ ସାରିଛି ଏବଂ ତାହା ବର୍ତ୍ତମାନ ସକ୍ରିୟ ବିଚାରାଧୀନ ଅଛି । ଏତଦ୍ ବ୍ୟତୀତ ରାଜ୍ୟରେ ଏକ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ନିମନ୍ତେ ନୀତିଗତ ଭାବରେ ନିଷ୍ପତ୍ତି ନିଆଯାଇଛି ଏବଂ ଏହାର ମୁଖ୍ୟ କାର୍ଯ୍ୟାଳୟ ରାଜ୍ୟର ରାଜଧାନୀରେ ଅବସ୍ଥାପିତ ହେବ ।

ରାଜ୍ୟରେ ଥିବା ୩ଟି ସ୍ୱୟଂଶାସିତ ମହାବିଦ୍ୟାଳୟ ଯଥା-(୧) ରେଭେନ୍ସା ମହାବିଦ୍ୟାଳୟ, କଟକ, (୨) ଖଲ୍ଲିକୋଟ ମହାବିଦ୍ୟାଳୟ, ବ୍ରହ୍ମପୁର ଏବଂ (୩) ଗଙ୍ଗାଧର ମେହେର କଲେଜ, ସମ୍ବଲପୁର ବ୍ୟତୀତ ଅନ୍ୟ ୮ ଗୋଟି ପୁରାତନ ମହାବିଦ୍ୟାଳୟ ଯଥା-ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀ, ବି: ଜେ: ବି: ମହାବିଦ୍ୟାଳୟ, ଭୁବନେଶ୍ୱର, ରମାଦେବୀ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱର, ଧରଣୀଧର ମହାବିଦ୍ୟାଳୟ, କେନ୍ଦୁଝର, ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ, ବାରିପଦା, ଫକୀରମୋହନ ମହାବିଦ୍ୟାଳୟ, ବାଲେଶ୍ୱର, ଭଦ୍ରକ ମହାବିଦ୍ୟାଳୟ, ଭଦ୍ରକ, ଢେଙ୍କାନାଳ ମହାବିଦ୍ୟାଳୟ, ଢେଙ୍କାନାଳ ଏବଂ ଏନ୍: ସି: ମହାବିଦ୍ୟାଳୟ, ଯାଜପୁରକୁ ସ୍ୱୟଂଶାସିତ ମହାବିଦ୍ୟାଳୟର ମର୍ଯ୍ୟାଦା ଦେବାକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗକୁ ସୁପାରିଶ କରାଯାଇଛି ।

ଦୀର୍ଘ ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ଧରି ରାଜ୍ୟର ଉଚ୍ଚ ଶିକ୍ଷାର ପ୍ରସାର ଓ ଉନ୍ନତି କଲେ ରେଭେନ୍ସା ମହାବିଦ୍ୟାଳୟର ଗୌରବୋଜ୍ୱଳ ଭୂମିକାକୁ ଦୃଷ୍ଟିରେ ରଖି ଏହି ଅନୁଷ୍ଠାନକୁ ଏକ ବିବେଚିତ (Deemed) ବିଶ୍ୱବିଦ୍ୟାଳୟ ରୂପେ ଘୋଷଣା କରିବା ସରକାରଙ୍କ ସକ୍ରିୟ ବିଚାରାଧୀନ ଅଛି ।

କମ୍ପ୍ୟୁଟର ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କର ଆକାଂକ୍ଷାକୁ ସଫଳ କରିବା ନିମନ୍ତେ ସ୍ୱଅର୍ଥ ବିନିଯୋଗ ମାଧ୍ୟମରେ ରେଭେନ୍ସା ମହାବିଦ୍ୟାଳୟ, କଟକ, ଖଲ୍ଲିକୋଟ ମହାବିଦ୍ୟାଳୟ, ବ୍ରହ୍ମପୁର, ଗଙ୍ଗାଧର ମେହେର ମହାବିଦ୍ୟାଳୟ, ସମ୍ବଲପୁର ଏବଂ କଟକସ୍ଥିତ ହିସାବ ପରିଚାଳନା ମହାବିଦ୍ୟାଳୟରେ ଏମ୍: ସି: ଏ: ପାଠ୍ୟକ୍ରମ ପ୍ରଚଳନ କରାଯାଇଛି । ବେସରକାରୀ ସ୍ତରରେ ମଧ୍ୟ ପରିଚାଳନା ବିଦ୍ୟା ତଥା କମ୍ପ୍ୟୁଟର ବିଜ୍ଞାନ ଶିକ୍ଷାଦାନକୁ ଉତ୍ସାହିତ କରାଯାଇଛି ।

ରାଜ୍ୟର ମହାବିଦ୍ୟାଳୟବିହୀନ ବ୍ଲକ୍‌ଗୁଡ଼ିକରେ ପର୍ଯ୍ୟାୟକ୍ରମେ ସରକାରୀ ସ୍ତରରେ ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ ଖୋଲିବା ପାଇଁ ସ୍ଥିର କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ମାଲ୍‌କାନଗିରିଠାରେ ଏକ ସରକାରୀ ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ ଖୋଲାଯାଇଛି । ସେହିପରି ନୂଆପଡ଼ା ଏବଂ କେନ୍ଦ୍ରାପଡ଼ାଠାରେ ଗୋଟିଏ ଲେଖାଏଁ ସରକାରୀ ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠା ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି । ଏତଦ୍ ବ୍ୟତୀତ ସୁନ୍ଦରଗଡ଼ ଜିଲ୍ଲାର କୁତ୍ରା, ଗଜପତି ଜିଲ୍ଲାର ରାୟଗଡ଼ ଏବଂ ମୟୂରଭଞ୍ଜ ଜିଲ୍ଲାର ତିରିଙ୍ଗଠାରେ ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ ଖୋଲିବା ପାଇଁ ନୀତିଗତ ଭାବେ ନିଷ୍ପତ୍ତି ନିଆଯାଇଥିଛି ।

ଏତଦ୍ ବ୍ୟତୀତ ୫ ଗୋଟି ସରକାରୀ ମହାବିଦ୍ୟାଳୟ ଯଥା-କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ, ବାଲେଶ୍ୱର, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ, ବ୍ରହ୍ମପୁର,

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ, ସମ୍ବଲପୁର, ସରକାରୀ ମହିଳା ମହାବିଦ୍ୟାଳୟ, ସୁନ୍ଦରଗଡ଼ ଏବଂ ମହିଳା ମହାବିଦ୍ୟାଳୟ, ଢେଙ୍କାନାଳରେ ବିଜ୍ଞାନ ଶିକ୍ଷାର ପ୍ରସାର ପାଇଁ ଯୁକ୍ତ ଦୁଇ ବିଜ୍ଞାନ ପାଠ୍ୟକ୍ରମ ପ୍ରଚଳନ କରାଯାଉଅଛି ।

ରାଜ୍ୟରେ ମୋଟ ୬୯ଟି ସରକାରୀ ମହାବିଦ୍ୟାଳୟ ବ୍ୟତୀତ ୪୬୪ ଗୋଟି ସ୍ୱୀକୃତିପ୍ରାପ୍ତ ବେସରକାରୀ ସ୍ନାତକ ମହାବିଦ୍ୟାଳୟ ଏବଂ ୯୬୧ ଗୋଟି ସ୍ୱୀକୃତିପ୍ରାପ୍ତ ବେସରକାରୀ ଯୁକ୍ତ ଦୁଇ ଶିକ୍ଷାନୁଷ୍ଠାନ ଅଛି । ୧୯୯୫-୯୬ ମସିହାରେ ୧୬ଟି, ୧୯୯୬-୯୭ ମସିହାରେ ୩୬ଟି ଏବଂ ୧୯୯୭-୯୮ ମସିହାରେ ୨୬ଟି ଯୁକ୍ତ ଦୁଇ ମହାବିଦ୍ୟାଳୟ ଖୋଲିବା ପାଇଁ ଅନୁମତି ଦିଆଯାଇଛି । ସେହିପରି ୧୯୯୫-୯୬ ମସିହାରେ ୧୫ଟି, ୧୯୯୬-୯୭ ମସିହାରେ ୧୭ଟି ଏବଂ ୧୯୯୭-୯୮ ମସିହାରେ ୧୬ଟି ସ୍ନାତକ ମହାବିଦ୍ୟାଳୟ ଖୋଲିବା ପାଇଁ ଅନୁମତି ଦିଆଯାଇଛି । ୧୯୯୪ ମସିହାରେ ପରିମାର୍ଜିତ ଅନୁଦାନ ନୀତି ବଳରେ ୧୮୫ ଗୋଟି ଯୁକ୍ତ ଦୁଇ ଶିକ୍ଷାନୁଷ୍ଠାନ ଓ ୩ ଗୋଟି ସ୍ନାତକ ମହାବିଦ୍ୟାଳୟକୁ ସାହାଯ୍ୟପ୍ରାପ୍ତ ଅନୁଷ୍ଠାନ ଭାବେ ଅଧିସୂଚୀତ କରାଯାଇଛି ।

ରାଜ୍ୟରେ ପ୍ରଚଳିତ ୧୮୨ ଗୋଟି ଧନ୍ଦାମୂଳକ ଶିକ୍ଷାନୁଷ୍ଠାନ ବ୍ୟତୀତ ଅଧିକ ୫୦ ଗୋଟି ଧନ୍ଦାମୂଳକ ଶିକ୍ଷାନୁଷ୍ଠାନ ଖୋଲିବା ନିମନ୍ତେ ୧୯୯୬-୯୭ ମସିହାରେ ଆବଶ୍ୟକୀୟ ମଞ୍ଜୁରୀ ପ୍ରଦାନ କରାଯାଇଛି । ଆବଶ୍ୟକୀୟ ଗୃହ ନିର୍ମାଣ କାର୍ଯ୍ୟ ତଥା ଆନୁଷଙ୍ଗିକ ସୁବିଧା ସୁଯୋଗ ଦିଆଯିବା ପରେ ଏହି ଅନୁଷ୍ଠାନଗୁଡ଼ିକ କାର୍ଯ୍ୟକ୍ଷମ ହେବ । ଏତଦ୍ ବ୍ୟତୀତ ଧନ୍ଦାମୂଳକ ଶିକ୍ଷାନୁଷ୍ଠାନମାନଙ୍କର ଯତ୍ନ ନେବା ପାଇଁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ତଥା ଏହି ଯୋଜନାର ଫଳପ୍ରଦ ତଦାରଖ ପାଇଁ ପ୍ରଶାସନିକ ବିଭାଗରେ ଏକ ଧନ୍ଦାମୂଳକ ପ୍ରକୋଷ୍ଠ ପ୍ରତିଷ୍ଠା କରିବା ପାଇଁ ସିଦ୍ଧାନ୍ତ ନିଆଯାଇଛି ।

ନ୍ୟାଯ୍ୟ ପ୍ରାପ୍ୟ ପ୍ରଦାନ ଓ ଉକ୍ତ ପ୍ରାପ୍ୟ ପ୍ରଦାନ ପ୍ରଣାଳୀରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସାହାଯ୍ୟପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର କର୍ମଚାରୀମାନଙ୍କୁ ସେମାନଙ୍କର ପ୍ରାପ୍ୟ Accounts Payee Cheques ମାଧ୍ୟମରେ ପ୍ରଦାନ କରିବା ପାଇଁ ସିଦ୍ଧାନ୍ତ ନିଆଯାଇଛି । ଏତଦ୍ ବ୍ୟତୀତ ରାଜ୍ୟର ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟଗୁଡ଼ିକର ଉଭୟ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କୁ ସେମାନଙ୍କର ପ୍ରାପ୍ୟ ଅନୁଦାନ ପ୍ରଦାନ ନିମିତ୍ତ ସମ୍ପୃକ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ଉଠାଣ ଓ ବିତରଣ ଅଧିକାରୀ ଭାବରେ ଘୋଷଣା କରିବାକୁ ସିଦ୍ଧାନ୍ତ ନିଆଯାଇଛି । ଏହି ସିଦ୍ଧାନ୍ତକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ୨୦ ଗୋଟି ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ଉଠାଣ ଓ ବିତରଣ ଅଧିକାରୀ ଭାବେ ଘୋଷଣା କରାଯାଇଛି ।

ଚଳିତ ବର୍ଷ ରାଜ୍ୟରେ ଉଭୟ ବରିଷ୍ଠ ଓ କନିଷ୍ଠ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ବିଭାଗରେ ପ୍ରାୟ ୪୫,୦୦୦ ଛାତ୍ରଛାତ୍ରୀ ସାମିଲ ହୋଇଛନ୍ତି ଏବଂ ସେମାନଙ୍କର ନିୟମିତ କାର୍ଯ୍ୟକ୍ରମ ତଥା ପ୍ରଶିକ୍ଷଣ ଶିବିରରେ ଯୋଗଦାନକୁ ଉତ୍ସାହିତ କରିବା ପାଇଁ ୨୭ ଲକ୍ଷ ଟଙ୍କା ବ୍ୟୟ ବରାଦର ବ୍ୟବସ୍ଥା କରାଯାଇଛି । ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଭୁବନେଶ୍ୱରସ୍ଥିତ ବିମାନଶାଳାଟିକୁ ଭାଙ୍ଗି ତା' ପରିବର୍ତ୍ତେ ଏକ ନୂତନ ବିମାନଶାଳା ନିର୍ମାଣ ପାଇଁ ୧୯୯୭-୯୮ ମସିହାରେ ଅତିରିକ୍ତ ୫୦ ଲକ୍ଷ ଟଙ୍କା ଏବଂ ୧୯୯୮-୯୯ ମସିହା ନିମନ୍ତେ ୨୭ ଲକ୍ଷ ଟଙ୍କା ବ୍ୟୟ ବରାଦ ବ୍ୟବସ୍ଥା କରାଯାଇଛି ।

ଉଚ୍ଚ ଶିକ୍ଷା ବିଭାଗ ଓ ରେଡକ୍ରସ୍ ସଂସ୍ଥାର ମିଳିତ ଆନୁକୂଲ୍ୟରେ ରାଜ୍ୟର ମହାବିଦ୍ୟାଳୟମାନଙ୍କରେ ଯୁବ ରେଡକ୍ରସ୍ ଯୋଜନା କାର୍ଯ୍ୟକାରୀ କରାଯାଇଛି । ରାଜ୍ୟର ସମସ୍ତ ସରକାରୀ ମହାବିଦ୍ୟାଳୟରେ Senior Scout (Rover) ଓ Senior Guide (Ranger) ପ୍ରଚଳନ କରାଯାଇଛି ।

ଜାତୀୟ ସେବା ଯୋଜନାରେ ସ୍ୱେଚ୍ଛାସେବୀଙ୍କ ସଂଖ୍ୟା ୨୦,୦୦୦ରୁ ୮୨,୫୦୦କୁ ବୃଦ୍ଧି [illegible]ଛି । ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ୱେଚ୍ଛାସେବୀ, କାର୍ଯ୍ୟକ୍ରମ ଅଧିକାରୀ ଏବଂ ୟୁନିଟ୍‌ମାନଙ୍କୁ ରାଜ୍ୟସ୍ତରୀୟ ପୁରସ୍କାର ଦେବା ନିମନ୍ତେ ସ୍ଥିର କରାଯାଇଛି ।

ପ୍ରଚଳିତ ବୃତ୍ତି ଯୋଜନା ବ୍ୟତୀତ ଜାତୀୟ ସ୍ତରରେ ତଥା ରାଜ୍ୟ ସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ଅନୁଷ୍ଠାନମାନଙ୍କରେ ଯାନ୍ତ୍ରିକ, ବୃତ୍ତିଗତ ଓ ପରିଚାଳନା ଶିକ୍ଷା ପାଠ୍ୟକ୍ରମରେ ଯୋଗ ଦେଉଥିବା ମେଧାବୀ ଛାତ୍ରୀମାନଙ୍କୁ ମାସିକ ୧,୦୦୦ ଟଙ୍କା ଲେଖାଏଁ ବୃତ୍ତି ଦେବାକୁ ସ୍ଥିର କରାଯାଇଛି । ଏତଦ୍ ବ୍ୟତୀତ ଯେଉଁ ଛାତ୍ରଛାତ୍ରୀମାନଙ୍କ ପିତାମାତାମାନଙ୍କର ବାର୍ଷିକ ଆୟ ୨୫,୦୦୦ ଟଙ୍କା କିମ୍ବା ତା'ଠାରୁ କମ୍, ସେମାନଙ୍କୁ ମଧ୍ୟ ବୃତ୍ତି ଦିଆଯିବା ପାଇଁ ସ୍ଥିର କରାଯାଇଛି । ଏହି ବୃତ୍ତି ଯୋଜନା ମାଧ୍ୟମରେ ଉଚ୍ଚ ମାଧ୍ୟମିକ ସ୍ତରରେ ୧,୦୫୦ ଜଣ, ସ୍ନାତକ ସ୍ତରରେ ୨୫୦ ଜଣ ଏବଂ ସ୍ନାତକୋତ୍ତର ସ୍ତରରେ ୧୨୫ ଜଣ ଛାତ୍ରଛାତ୍ରୀ ଉପକୃତ ହୋଇପାରୁଛନ୍ତି ।

# ମହିଳା ଓ ଶିଶୁ ବିକାଶ ଯୋଜନା

ଦୁର୍ବଳ ଶ୍ରେଣୀଭୁକ୍ତ ଆବାଳ ବୃଦ୍ଧ ବନିତାଙ୍କୁ ଉପଯୁକ୍ତ ସେବାଯତ୍ନ ଯୋଗାଇ ଦେବା, ପୁଷ୍ଟିକର ଖାଦ୍ୟ ଯୋଗାଣ ପୂର୍ବକ କ୍ଷୁଧା ତାଡ଼ନାରୁ ମୁକ୍ତି ଦେବା ସଙ୍ଗେ ସଙ୍ଗେ ଦୃଷ୍ଟିହୀନତା ଦୂର କରିବା, ଶାରିରୀକ ଅସମର୍ଥ ଓ ମାନସିକ ଅନଗ୍ରସର ବ୍ୟକ୍ତିବିଶେଷଙ୍କୁ ଉପଯୁକ୍ତ ଥଇଥାନ କରି ଅନ୍ୟମାନଙ୍କ ସହିତ ସମକକ୍ଷ କରିବା, ମହିଳାମାନଙ୍କୁ ସାମାଜିକ ନିର୍ଯ୍ୟାତନା ଓ ଶୋଷଣରୁ ରକ୍ଷା କରିବା ସଙ୍ଗେ ସଙ୍ଗେ ଅର୍ଥନୈତିକ ଦୃଷ୍ଟିକୋଣରୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ୧୯୯୪-୯୫ ଆର୍ଥିକ ବର୍ଷରୁ ମହିଳା ଓ ଶିଶୁ ବିକାଶ ବିଭାଗ ଏକ ସ୍ୱତନ୍ତ୍ର ବିଭାଗ ରୂପେ ଆତ୍ମ ପ୍ରକାଶ କରି ସମାଜିକ କଲ୍ୟାଣ କାର୍ଯ୍ୟାକ୍ରମଗୁଡ଼ିକ ସୁଗ୍ମରୂପେ କାର୍ଯ୍ୟକାରୀ କରିଛି । ୧୯୯୫-୯୬ ବର୍ଷରେ ଏହି ବିଭାଗର ସାମୁହିକ ଖର୍ଚ୍ଚ ୨୮,୯୯୯·୧୮ ଲକ୍ଷ ଥିଲାବେଳେ ୧୯୯୬-୯୭ ବର୍ଷରେ ଏହି ବିଭାଗର ସାମୁହିକ ଖର୍ଚ୍ଚ ୩୨,୦୬୬·୩୮ ଲକ୍ଷ ଟଙ୍କା ଥିଲା । ୧୯୯୭-୯୮ ବର୍ଷରେ ଏହି ବିଭାଗର ଖର୍ଚ୍ଚ ୩୦,୩୫୬·୯୫ ଲକ୍ଷ ଟଙ୍କା ବରାଦ କରାଯାଇଥିଲା । ୧୯୯୮-୯୯ ବର୍ଷରେ ୨୪,୬୭୫·୬୮ ଲକ୍ଷ ଟଙ୍କା ଯୋଜନା ଓ ଅଣ ଯୋଜନାରେ ବ୍ୟୟ ଅଟକଳର ଲକ୍ଷ୍ୟ ରଖାଯାଇଛି ।

ଏହି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ନିମ୍ନରେ ସୂଚାଇ ଦିଆଯାଇଛି ।

## ଶିଶୁ କଲ୍ୟାଣ କାର୍ଯ୍ୟକ୍ରମ :

### (କ) ସମନ୍ୱିତ ଶିଶୁ ବିକାଶ ଯୋଜନା :

ସମାଜର ଦୁର୍ବଳ ଶ୍ରେଣୀର ଛଅ ବର୍ଷ ବୟସରୁ କମ୍ ବୟସର ଶିଶୁମାନଙ୍କ ମୃତ୍ୟୁ ହାର ହ୍ରାସ କରିବା, ପୁଷ୍ଟିହୀନତା ଦୂର କରିବା ଉଦ୍ଦେଶ୍ୟରେ ଶିଶୁ ମାତୃଗର୍ଭରେ ସ୍ଥାନ ପାଇବା ଦିନଠାରୁ ମାତା ଓ ଶିଶୁଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା, ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ଉପଯୁକ୍ତ ଦିଗ୍‌ଦର୍ଶନ ଦେବା, ନିରାପଦ ପ୍ରସୂତୀ ନିମନ୍ତେ ଗର୍ଭବତୀ ମହିଳାଙ୍କୁ ଉପଯୁକ୍ତ ପରାମର୍ଶ ଦେବା, ନବଜାତ ଶିଶୁ ଓ ମାତାଙ୍କର ଯତ୍ନ ନିମନ୍ତେ ସମଗ୍ର ରାଜ୍ୟରେ ୨୨୯ଟି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟ କରୁଥିଲା । ୧୯୧ଟି ପ୍ରକଳ୍ପ ବିଶ୍ୱ ବ୍ୟାଙ୍କର ଆର୍ଥିକ ସହାୟତାରେ ପରିଚାଳିତ ହୋଇଥିବା ବେଳେ ୩୮ଟି ପ୍ରକଳ୍ପ କେନ୍ଦ୍ରୀୟ ଯୋଜନାରେ ପରିଚାଳିତ ହେଉଥିଲା । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ୧୧୮ଟି ବ୍ଲକ୍ ମଧ୍ୟରୁ ଗ୍ରାମାଞ୍ଚଳରେ ୧୦୫ଟି ପ୍ରକଳ୍ପ ଓ ସହରାଞ୍ଚଳରେ ୬ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିଲା । ୧୯୯୭-୯୮ ଆର୍ଥିକ ବର୍ଷରେ ରାଜ୍ୟର ସମୁଦାୟ ୩୧୪ଟି ବ୍ଲକକୁ ଏହି କାର୍ଯ୍ୟକ୍ରମ ସମ୍ପ୍ରସାରିତ କରାଯାଇଛି ଏବଂ ବର୍ତ୍ତମାନ ସୁଦ୍ଧା ୨୬୭ଟି ବ୍ଲକରେ ଏବଂ ୧୨ଟି ସହରାଞ୍ଚଳରେ ଏ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି । ଅବଶିଷ୍ଟ ୪୭ଟି ବ୍ଲକରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ନିମିତ୍ତ କେନ୍ଦ୍ର ସରକାରଙ୍କ ଅନୁମୋଦନକୁ ଅପେକ୍ଷା କରାଯାଇଛି ।

ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ଶିଶୁମାନଙ୍କୁ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପ୍ରଦାନ କରିବା, କିଶୋରୀ, ଗର୍ଭବତୀ ମହିଳା, ପ୍ରସୂତି ମହିଳାମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଦେବା, ମହିଳାମାନଙ୍କୁ ରୋଜଗାର ବୃଦ୍ଧି କାର୍ଯ୍ୟକ୍ରମରେ ସମ୍ପୃକ୍ତ କରାଇ ସେମାନଙ୍କର ଅର୍ଥନୈତିକ ଅବସ୍ଥାରେ ଉନ୍ନତି ସାଧନ କରିବା ପ୍ରଭୃତି କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ ହେଉଛି । ଏହି ଯୋଜନା ବାବଦରେ ୧୯୯୬-୯୭ ଆର୍ଥିକ ବର୍ଷ ପାଇଁ ବିଶ୍ୱ ବ୍ୟାଙ୍କ୍ ସହାୟତାରେ ପରିଚାଳିତ ୧୯୧ଟି ପ୍ରକଳ୍ପ ପାଇଁ ରାଜ୍ୟ ଅଂଶ ସହିତ ମୋଟ ୬,୩୬୫·୭୪ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ଏବଂ କେନ୍ଦ୍ରୀୟ ଯୋଜନାରେ ପରିଚାଳିତ ପ୍ରକଳ୍ପ ନିମନ୍ତେ ୨,୦୪୮·୬୬ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ୧୯୯୭-୯୮ ଆର୍ଥିକ ବର୍ଷ ପାଇଁ ଯଥାକ୍ରମେ ୬,୧୫୭·୦୦ ଲକ୍ଷ ଏବଂ ଏ କେନ୍ଦ୍ରୀୟ ଯୋଜନାରେ ୪,୨୪୭·୦୪ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ୧୯୯୮-୯୯ ମସିହାରେ ମୋଟ ୭,୨୪୫·୪୯ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

### (ଖ) ପୁଷ୍ଟିକର ଖାଦ୍ୟ ଯୋଜନା :

ଏହି ଯୋଜନାରେ ରାଜ୍ୟର ସମସ୍ତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଏବଂ କେତୋଟି ସହରାଞ୍ଚଳର ବସ୍ତି ବାସିନ୍ଦା ୬ ବର୍ଷରୁ କମ୍ ବୟସର ଶିଶୁ ତଥା ଗର୍ଭବତୀ ଏବଂ ପ୍ରସୂତୀ ମହିଳାମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଇଛି । ୧୯୯୬-୯୭ ଆର୍ଥିକ ବର୍ଷରେ ମୋଟ ୨୨,୪୦,୪୦୦ ଜଣ

ଶିଶୁ ଏବଂ ମହିଳା ଏହି କାର୍ଯ୍ୟକ୍ରମରେ ଉପକୃତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ରାଜ୍ୟ ଯୋଜନା ଏବଂ ଅଣ ଯୋଜନା ମାଧ୍ୟମରେ ୧୯୯୭-୯୮ ଆର୍ଥିକ ବର୍ଷରେ ୨,୩୧୭·୦୦ ଲକ୍ଷ ଟଙ୍କା ଏବଂ ୨,୧୩୯·୨୪ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ୧୯୯୮-୯୯ ଯୋଜନାରେ ୨,୪୨୯·୨୩ ଲକ୍ଷ ଟଙ୍କା ଓ ଅଣ ଯୋଜନାରେ ୧,୬୮୭·୬୭ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । କେୟାର ଫିଡ଼ିଂ ଯୋଜନାରେ ୩୦,୬୬୪ ମେଟ୍ରିକ୍ ଟନ୍ ଖାଦ୍ୟ ପଦାର୍ଥ ୧୧,୬୭,୦୦୦ ଶିଶୁ ଓ ଗର୍ଭବତୀ ଏବଂ ସ୍ତନ୍ୟଦାୟୀ ମହିଳାମାନଙ୍କୁ ଯୋଗାଇ ଦିଆଯାଇଛି । ଏଥି ନିମିତ୍ତ ଓ ଅନ୍ୟାନ୍ୟ ବାବଦକୁ ୧୯୯୭-୯୮ ବର୍ଷରେ ରାଜ୍ୟ ସରକାର ୩୩୨·୫୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି ।

**(ଗ) ବାଳାଶ୍ରମ :**

ରାଜ୍ୟରେ ସରକାର ଅନାଥମାନଙ୍କୁ ରଖିବା ଏବଂ ସେମାନଙ୍କର ଶିକ୍ଷା ଏବଂ ବୈଷୟିକ ଶିକ୍ଷାର ଯତ୍ନ ପାଇଁ ସ୍ୱୀକୃତିପ୍ରାପ୍ତ ବେସରକାରୀ ଅନୁଷ୍ଠାନମାନଙ୍କୁ ଅନୁଦାନ ପ୍ରଦାନ କରୁଛନ୍ତି । ଏଥିପାଇଁ ୮୬ ଗୋଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଧ୍ୟମରେ ୯୦ ପ୍ରତିଶତ ଅନୁଦାନ ଦିଆଯାଇ ୫,୨୦୩ ଜଣ ଶିଶୁଙ୍କ ଲାଳନ ପାଳନ ଦାୟିତ୍ୱ ସରକାର ବହନ କରିଛନ୍ତି । ସରକାର ପ୍ରତ୍ୟେକ ପିଲା ପିଛା ଶତକଡ଼ା ୯୦ ଭାଗ ଅନୁଦାନ ବାବଦକୁ ମାସିକ ୨୩୮ ଟଙ୍କା ହିସାବରେ ଅନୁଦାନ ମଞ୍ଜୁର କରିଛନ୍ତି ଏବଂ ଅବଶିଷ୍ଟ ଶତକଡ଼ା ୧୦ ଭାଗ ଅର୍ଥ ୨୭·୦୦ ଟଙ୍କା ସମ୍ପୃକ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ବହନ କରିଥାନ୍ତି । ୧୯୯୭-୯୮ ଖାଦ୍ୟ ବସ୍ତୁ ଜନିତ ଖର୍ଚ୍ଚ ପିଲାପ୍ରତି ମାସିକ ୨୩୯ ଟଙ୍କାରୁ ୩୦୦ ଟଙ୍କା ବୃଦ୍ଧି କରିବା ସହିତ ୨୦୦ ଜଣ ଅଧିକ ପିଲାଙ୍କୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି ।

୧୯୯୬-୯୭ ଆର୍ଥିକ ବର୍ଷରେ ଏହି ବାବଦରେ ୧୭୦·୩୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ସ୍ଥଳେ ୧୯୯୭-୯୮ ବର୍ଷ ଖର୍ଚ୍ଚ ରାଜ୍ୟ ଯୋଜନାରେ ୧୩୩·୪୮ ଲକ୍ଷ ଟଙ୍କା ସାଧାରଣ ବର୍ଗର ଲୋକଙ୍କ ନିମନ୍ତେ ଏବଂ ୩୯·୭୩ ଆଦିବାସୀ ବର୍ଗଙ୍କ ନିମନ୍ତେ ବ୍ୟୟ ବରାଦ କରାଯାଇଛି । ୧୯୯୮-୯୯ ରାଜ୍ୟ ଯୋଜନାରେ ଅନୁରୂପ ବ୍ୟୟ ଅଟକଳ ରଖାଯାଇଛି । ଅଣ ଯୋଜନାରେ ୧୯୯୭-୯୮ ବର୍ଷରେ ୬୯·୧୭ ଲକ୍ଷ ଟଙ୍କା ବ୍ୟୟ ବରାଦ ଥିବାବେଳେ ୧୯୯୮-୯୯ରେ ୭୩·୮ ଲକ୍ଷ ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଇଛି ।

**(ଘ) କିଶୋର ନ୍ୟାୟ :**

ଅବହେଳିତ ଓ ଅସାମାଜିକ କାର୍ଯ୍ୟରେ ଲିପ୍ତ କିଶୋର କିଶୋରୀମାନଙ୍କୁ ସଂଶୋଧିତ ସେବା ଯୋଗାଇ ଦେଇ ଉପଯୁକ୍ତ ମାର୍ଗ ଦର୍ଶନ ପୂର୍ବକ ସମାଜରେ ସାମିଲ କରିବା ଉଦ୍ଦେଶ୍ୟରେ ୧୦ଟି ଅବିଭକ୍ତ ଜିଲ୍ଲାରେ ୧୨ ଗୋଟି ପର୍ଯ୍ୟବେକ୍ଷଣ ଆବାସ ଥିବାସ୍ଥଳେ ସ୍ୱତନ୍ତ୍ର ଆବାସ ଓ ଗୋଟିଏ ଲେଖାଏଁ କିଶୋର କିଶୋରୀ ଗୃହ ରାଉରକେଲା ଓ ବ୍ରହ୍ମପୁରଠାରେ କାର୍ଯ୍ୟ କରୁଛି ଏବଂ ୨୦୦ ଜଣ ବାଳ ଅପରାଧୀ ଏହି କାର୍ଯ୍ୟକ୍ରମରେ ଉପକୃତ ହୋଇଛନ୍ତି । କେନ୍ଦ୍ରୀୟ ମହିଳା ଆବାସରେ କେବଳ ବାଳିକା ଅପରାଧୀମାନେ ରହିବା ପାଇଁ ସ୍ୱୀକୃତି ପ୍ରଦାନ କରାଯାଇଛି । ବାଳ ଅପରାଧୀଙ୍କର ପରିଚାଳନା ବାବଦକୁ ସମସ୍ତ ଖର୍ଚ୍ଚ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ମିଳିତ ଭାବେ ବହନ କରିଥାନ୍ତି । ୧୯୯୬-୯୭ ଆର୍ଥିକ ବର୍ଷରେ ଏ ବାବଦରେ ୩୦·୬୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା । ୧୯୯୭-୯୮ ଆର୍ଥିକ ବର୍ଷରେ ଏ ବାବଦରେ ୪୦·୦୦ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇ ୨୦୦ ଜଣ ପିଲାଙ୍କୁ ଉପକୃତ କରିବାର ଲକ୍ଷ୍ୟ ରଖାଯାଇଛି । ୧୯୯୮-୯୯ ଆର୍ଥିକ ବର୍ଷରେ ଏ ବାବଦକୁ ୩୦·୦୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ଏଥିରୁ କେନ୍ଦ୍ର ସରକାରଙ୍କର ଅଂଶ ୧୫·୦୦ ଲକ୍ଷ । ସେହିପରି ରାସ୍ତା କଡ଼ର ପରିତ୍ୟକ୍ତ ଅବହେଳିତ ଅବାଞ୍ଛିତ ଶିଶୁମାନଙ୍କ ରକ୍ଷଣାବେକ୍ଷଣ, ଥଇଥାନ ପାଇଁ ରାସ୍ତା କଡ଼ର ଶିଶୁ ଯତ୍ନ ସୁରକ୍ଷା କାର୍ଯ୍ୟକ୍ରମରେ ୧୯୯୬-୯୭ ଆର୍ଥିକ ବର୍ଷରେ ୩·୫୦ ଲକ୍ଷ ଟଙ୍କା ବ୍ୟୟ ବରାଦ ଥିବା ସ୍ଥଳେ ୧୯୯୮-୯୯ ମସିହାରେ ମଧ୍ୟ ଅନୁରୂପ ବ୍ୟୟ ବରାଦ କରାଯାଇଛି । ଏଥି ପାଇଁ ୫୦ ଜଣ ଶିଶୁଙ୍କୁ ପରିପାଳନ କରାଯାଉଛି ।

**ମହିଳା କଲ୍ୟାଣ କାର୍ଯ୍ୟକ୍ରମ :**

**(କ) ରାଜ୍ୟ ମହିଳା ଆୟୋଗ :**

ପଞ୍ଚାୟତିରାଜ ବିଭାଗର ରିଜୋଲ୍ୟୁସନ୍ ନଂ ୧୦୩୯୯, ୩୦-୧୧-୧୯୯୨ ତାରିଖ ଅନୁଯାୟୀ ରାଜ୍ୟ ମହିଳା ଆୟୋଗ ୧୯୯୨-୯୩ ଆର୍ଥିକ ବର୍ଷଠାରୁ କାର୍ଯ୍ୟ କରି ଆସୁଅଛି । ସମଗ୍ର ରାଜ୍ୟରେ ମହିଳାମାନଙ୍କ ବିରୁଦ୍ଧରେ ଘଟୁଥିବା ବିଭିନ୍ନ ଅପରାଧ ତଥା ଧର୍ଷଣ, ଅପହରଣ, ବିବାହ ଓ ଯୌତୁକଜନିତ ନିର୍ଯ୍ୟାତନା, ଚିକିତ୍ସାଗତ ଅବହେଳା ବିଶେଷ କରି ନାରୀ ନିର୍ଯ୍ୟାତନା ଇତ୍ୟାଦି ବିଷୟରେ ତଥ୍ୟ ସଂଗ୍ରହ ଓ ଜନ ସଚେତନତା ନିମନ୍ତେ କେତୋଟି ପୁସ୍ତକ ପ୍ରକାଶିତ ହୋଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଜିଲ୍ଲାପାଳ ଓ ମହିଳା କଲେଜମାନଙ୍କୁ ଯୋଗାଇ ଦିଆଯାଉଛି । ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ ସେମିନାର ଆୟୋଜନ କରାଯାଇ ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନଙ୍କୁ ନାରୀ ନିର୍ଯ୍ୟାତନା ବିରୁଦ୍ଧରେ ସ୍ୱର ଉତ୍ତୋଳନ ନିମନ୍ତେ ଆଲୋଚନା କରାଯାଉଛି । ମହିଳାମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ସ୍ୱଚ୍ଛଳତାରେ ଉନ୍ନତି ଆଣିବା ଓ ବିଭିନ୍ନ ସାମାଜିକ ଶୋଷଣରୁ ମହିଳାମାନଙ୍କୁ ମୁକ୍ତ କରିବା ଏହି ଆୟୋଗର ମୂଳ

ମନ୍ତ୍ର । ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମହିଳାମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବା ଏହାର ଅନ୍ୟତମ ଲକ୍ଷ୍ୟ । ପୁନଶ୍ଚ ଏହି ଆୟୋଗ ଗତ ୧୯-୧୧-୧୯୯୬ ତାରିଖରେ ମହିଳା ଓ ଶିଶୁ ବିକାଶ ବିଭାଗ ସଂକଳ୍ପ ସଂଖ୍ୟା ୨୦୭୬୨ ଅନୁଯାୟୀ ପୁନର୍ଗଠନ କରାଯାଇଛି ।

୧୯୯୩-୯୪ରୁ ଡିସେମ୍ବର ୧୯୯୭ ମସିହା ପର୍ଯ୍ୟନ୍ତ ମୋଟ ୯,୨୮୩ ମାମଲା ମଧ୍ୟରୁ ୪,୭୬୬ ମାମଲା ଫଇସଲା ହୋଇଛି ଓ ୪,୫୧୭ ମାମଲା ଫଇସଲା ନିମନ୍ତେ ବାକି ଅଛି ।

୧୯୯୬-୯୭ ଆର୍ଥିକ ବର୍ଷରେ ଏହି ଆୟୋଗ ପାଇଁ ୧୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ ଖର୍ଚ୍ଚ କରାଯାଇଥିଲା । ୧୯୯୭-୯୮ ଆର୍ଥିକ ବର୍ଷ ନିମନ୍ତେ ଖର୍ଚ୍ଚ ବାବଦକୁ ୨୦.୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ୧୯୯୮-୯୯ ଆର୍ଥିକ ବର୍ଷ ନିମନ୍ତେ ଖର୍ଚ୍ଚ ବାବଦକୁ ୨୫.୦୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## (ଗ) କର୍ମଜୀବୀ ମହିଳା ଆବାସ ଯୋଜନା :

ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କରେ କାର୍ଯ୍ୟରତ ମହିଳାମାନଙ୍କୁ ବାସସ୍ଥାନ ଯୋଗାଇଦେବା ନିମନ୍ତେ ଏହି ଯୋଜନା ମାଧ୍ୟମରେ କେନ୍ଦ୍ର ସରକାରଙ୍କର ୭୫ ଭାଗ ଓ ଅବଶିଷ୍ଟ ୨୫ ଭାଗ ସମ୍ପୃକ୍ତ ବେସରକାରୀ ଅନୁଷ୍ଠାନ କିମ୍ବା ରାଜ୍ୟ ସରକାରଙ୍କ ସହାୟତାରେ କର୍ମଜୀବୀ ମହିଳା ନିବାସ ନିର୍ମାଣ କରାଯାଇଥାଏ । ବର୍ତ୍ତମାନ ସୁଦ୍ଧା ଏହିଭଳି ୧୧ଟି ଆବାସ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ଏବଂ ୧୭ଟି ଆବାସର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ୧୯୯୬-୯୭ ଆର୍ଥିକ ବର୍ଷରେ ଏ ବାବଦରେ ୫ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ଏବଂ ୧୯୯୭-୯୮ ଆର୍ଥିକ ବର୍ଷରେ ଅସମ୍ପୂର୍ଣ୍ଣ ଆବାସଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇବା ପାଇଁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ୧୯୯୮-୯୯ ମସିହା ପାଇଁ ଏହା ୩.୦୦ ଲକ୍ଷ ଟଙ୍କାକୁ କମାଇ ଦିଆଯାଇଛି ।

## (ଘ) ଅସହାୟ ମହିଳାମାନଙ୍କ ଥଇଥାନ :

ନିରାଶ୍ରୟ ଓ ଅସହାୟ ମହିଳାମାନଙ୍କୁ ବୈଷୟିକ ତାଲିମ ଦ୍ୱାରା ଆର୍ଥିକ ସ୍ୱାଧୀନ କରିବା ଓ ସେମାନଙ୍କୁ ସବୁ କ୍ଷେତ୍ରରେ ସ୍ୱୟଂ ସମ୍ପୂର୍ଣ୍ଣ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ । ଏହି ଯୋଜନାର ଶତକଡ଼ା ୯୦ ଭାଗ ଅର୍ଥ ରାଜ୍ୟ ସରକାର ଓ ଶତକଡ଼ା ୧୦ ଭାଗ ଅର୍ଥ ସମ୍ପୃକ୍ତ ବେସରକାରୀ ଅନୁଷ୍ଠାନ ବହନ କରିଥାନ୍ତି । ୧୯୯୬-୯୭ ଆର୍ଥିକ ବର୍ଷରେ ଏହି ଯୋଜନାରେ ୬ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା ଓ ଏଥିରେ ୨୪୦ ଜଣ ନିରାଶ୍ରୟା ମହିଳା ଉପକୃତ ହୋଇଛନ୍ତି । ୧୯୯୭-୯୮ ବର୍ଷ ପାଇଁ ମଧ୍ୟ ୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ୧୯୯୮-୯୯ ବର୍ଷରେ ୬ ଲକ୍ଷ ଟଙ୍କା ପରିବର୍ତ୍ତେ ୫ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ।

## (ଙ) ଯୌତୁକ ନିରୋଧ ଯୋଜନା :

ସାଂପ୍ରତିକ ସମାଜରୁ ଯୌତୁକ ପ୍ରଥାର କୁପ୍ରଭାବ ଦୂର କରିବା, ଯୌତୁକ ବିରୋଧୀ ଅଭିଯାନ, ଯୌତୁକ ବିହୀନ ବିବାହ, ସେମିନାର, କର୍ମଶାଳା ଆଦି ଆୟୋଜନ କରିବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ରାଜ୍ୟ ସରକାର ଉତ୍ସାହିତ କରୁଛନ୍ତି । ୧୯୯୬-୯୭ ଆର୍ଥିକ ବର୍ଷରେ ଏହି ଯୋଜନା ନିମନ୍ତେ ୫୦,୦୦୦ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା । ଏଥିରୁ ସୈନିକ ସ୍କୁଲ ନିକଟସ୍ଥ 'ଅରଣ୍ୟାନୀ' ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଏକ ସେମିନାର କରିବା ପାଇଁ ୫,୦୦୦ ଟଙ୍କା ମଞ୍ଜୁରୀ ପ୍ରଦାନ କରାଯାଇଛି ଓ ଅବଶିଷ୍ଟ ୪୫,୦୦୦ ଟଙ୍କା ରାଜ୍ୟ ମହିଳା କମିଶନଙ୍କୁ ୯ଟି ଜିଲ୍ଲାସ୍ତରୀୟ ଯୌତୁକ ସେମିନାର କରିବା ପାଇଁ ୧୯୯୬-୯୭ ଆର୍ଥିକ ବର୍ଷରେ ମଞ୍ଜୁରୀ ପ୍ରଦାନ କରାଯାଇଥିଲା । ୧୯୯୭-୯୮ ଆର୍ଥିକ ବର୍ଷ ପାଇଁ କୌଣସି ବ୍ୟୟ ବରାଦ କରାଯାଇ ନାହିଁ ।

## (ଚ) ମହିଳା ବିକାଶ ସମବାୟ ନିଗମ :

ମହିଳା ସମବାୟ ସମିତିଗୁଡ଼ିକର ଏକ ତୁଙ୍ଗ ସଙ୍ଗଠନ ରୂପେ ତଥା ମହିଳାମାନଙ୍କୁ ଏକ ସୁଦୃଢ଼ ସାମାଜିକ ତଥା ଆର୍ଥିକ ଶକ୍ତି ହିସାବରେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାରଙ୍କର ଆର୍ଥିକ ସହାୟତାରେ ୧୯୯୦-୯୧ ଆର୍ଥିକ ବର୍ଷଠାରୁ ମହିଳା ବିକାଶ ସମବାୟ ନିଗମ କାର୍ଯ୍ୟ କରୁଅଛି । 'ମହିଳା ଉଦ୍ୟୋଗୀମାନଙ୍କର ପ୍ରୋତ୍ସାହନ ଓ ଆର୍ଥିକ ବିକାଶ ପାଇଁ ସେମାନଙ୍କୁ ବୈଷୟିକ ଓ ପରିଚାଳନାଗତ ସହାୟତା ନିଗମ ପକ୍ଷରୁ ନିରବିଚ୍ଛିନ୍ନ ଭାବରେ ଯୋଗାଇ ଦିଆଯାଉଛି । ୧୯୯୬-୯୭ ଆର୍ଥିକ ବର୍ଷ ପାଇଁ ଏହି ନିଗମ ନିମନ୍ତେ ୪୨.୪୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ମହିଳା ନିଗମର ଅଂଶଧନ ଏକ କୋଟି ଟଙ୍କାରୁ ଦୁଇ କୋଟି ଟଙ୍କାକୁ ବୃଦ୍ଧି କରିବା ପାଇଁ ଅର୍ଥ ବିଭାଗ ସହମତ ହୋଇଛନ୍ତି । ଏ ପର୍ଯ୍ୟନ୍ତ ଅଂଶଧନ ବାବଦକୁ ମହିଳା ନିଗମକୁ ୧୩୬.୬୨ ଲକ୍ଷ ଟଙ୍କା ଦିଆଯାଇଛି । ତାଲିମ ବାବଦ ୧୯୯୭-୯୭ ଆର୍ଥିକ ବର୍ଷରେ ୯ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଥିଲା ଓ ସମ୍ପୂର୍ଣ୍ଣ ଅର୍ଥ ମହିଳା ନିଗମକୁ ଖର୍ଚ୍ଚ କରିବା ପାଇଁ ଦିଆଯାଇଛି ।

## ସାମାଜିକ ସୁରକ୍ଷା :

## (କ) ବାର୍ଦ୍ଧକ୍ୟ ଭତ୍ତା ଯୋଜନା :

ନିରାଶ୍ରୟ ବୃଦ୍ଧା, ବୃଦ୍ଧ, ବିଧବା ମହିଳା, କୁଷ୍ଠ ରୋଗୀ, ଛୋଟ ଚାଷୀ, ନାମମାତ୍ର ଚାଷୀ, ଭୂମିହୀନ କୃଷକମାନଙ୍କୁ

ରାଜ୍ୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ମାସିକ ୧୦୦ ଟଙ୍କା ହିସାବରେ ପ୍ରତି ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି । ଏ ବାବଦରେ ୧୯୯୬–୯୭ ଆର୍ଥିକ ବର୍ଷରେ ୪,୯୭,୬୦୪ ଜଣ ହିତାଧିକାରୀଙ୍କୁ ୫୬୬୩·୬୮ ଲକ୍ଷ ଟଙ୍କା ଆବଣ୍ଟନ କରାଯାଇଛି । ୧୯୯୭–୯୮ ଆର୍ଥିକ ବର୍ଷ ନିମନ୍ତେ ଏହି ଯୋଜନାରେ ୬୩୬୦·୦୦ ଲକ୍ଷ ଟଙ୍କା ବ୍ୟୟ ପ୍ରସ୍ତାବ କରାଯାଇଛି । ଡିସେମ୍ବର ୧୯୯୭ ମସିହା ସୁଦ୍ଧା ୫,୩୦,୦୦୦ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ ଲକ୍ଷ୍ୟ ଥିଲା ବେଳେ ୫·୨୪ ଲକ୍ଷ ହିତାଧିକାରୀ ଉପକୃତ ହୋଇଛନ୍ତି ।

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା ତା ୧୬–୮–୧୯୯୫ ରିଖ କାର୍ଯ୍ୟକାରୀ ହୋଇ ଆସୁଅଛି । ୬୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ବୃଦ୍ଧା, ବୃଦ୍ଧମାନଙ୍କ ନିମନ୍ତେ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ପ୍ରତି ହିତାଧିକାରୀଙ୍କୁ ୭୫ ଟଙ୍କା ଲେଖାଏଁ ଭତ୍ତା ଦେବାର ବ୍ୟବସ୍ଥା କରିଥିବାରୁ ରାଜ୍ୟ ସରକାର ଅତିରିକ୍ତ ୨୫ ଟଙ୍କା ଲେଖାଏଁ ଦେଇ ରାଜ୍ୟ ବାର୍ଦ୍ଧକ୍ୟ ଭତ୍ତା ସହିତ ସମାନ କରି ବଣ୍ଟନ କରିଥାନ୍ତି । ଏହି ଯୋଜନା ନିମନ୍ତେ କେନ୍ଦ୍ର ସରକାର ୧୯୯୬–୯୭ ଆର୍ଥିକ ବର୍ଷରେ ୨,୮୩,୪୦୦ ଜଣ ହିତାଧିକାରୀଙ୍କୁ ଯଥାକ୍ରମେ ୭୮୪·୦୮ ଲକ୍ଷ ଟଙ୍କା ଏବଂ ୨,୨୯୦·୧୩ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଉକ୍ତ ଭତ୍ତା ବାବଦରେ ରାଜ୍ୟ ସରକାର ୧୯୯୫–୯୬ ଆର୍ଥିକ ବର୍ଷରେ ୨୬୨·୫୫ ଲକ୍ଷ ଟଙ୍କା, ୧୯୯୬–୯୭ ଆର୍ଥିକ ବର୍ଷରେ ୮୫୦·୨୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରି ଥିଲେ । ୧୯୯୭–୯୮ରେ ଅନୁରୂପ ବ୍ୟୟ ବରାଦ ଥିବାସ୍ଥଳେ ୨,୬୫,୨୫୦ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି । ୧୯୯୮–୯୯ରେ ୫୦୯·୭୩ ଲକ୍ଷ ଟଙ୍କା ବ୍ୟୟ ବରାଦର ସ୍ଥିର କରାଯାଇଛି ।

## (ଖ) ପରିବାର ମଙ୍ଗଳ ଯୋଜନା :

ଏହି କେନ୍ଦ୍ରୀୟ ଯୋଜନାଟି କେନ୍ଦ୍ର ସରକାରଙ୍କ ଦ୍ୱାରା ୧୫–୮–୧୯୯୫ ତାରିଖଠାରୁ ପ୍ରଚଳନ କରାଯାଉଛି । ଦାରିଦ୍ର୍ୟ ସୀମା ରେଖାତଳେ ଥିବା ପରିବାରର ମୁଖ୍ୟ ରୋଜଗାର କ୍ଷମ ବ୍ୟକ୍ତିଙ୍କର ୧୮ ବର୍ଷରୁ ୬୫ ବର୍ଷ ମଧ୍ୟରେ ମୃତ୍ୟୁ ଘଟିଲେ ଉକ୍ତ ପରିବାରକୁ ସ୍ୱଳ୍ପସମୟରେ ରାଜ୍ୟ ସରକାରଙ୍କଠାରୁ ୫,୦୦୦ ଟଙ୍କା ଏହି ଯୋଜନାର ମାଧ୍ୟମରେ ଆର୍ଥିକ ସହାୟତା ମିଳି ପାରିବ । ଏହି ଯୋଜନାର ନିୟମ ଅନୁଯାୟୀ ସ୍ୱାଭାବିକ ମୃତ୍ୟୁ ପାଇଁ ୧୦,୦୦୦ ଟଙ୍କା ଏକ କାଳୀନ ଆକସ୍ମିକ ମୃତ୍ୟୁ ପାଇଁ କେନ୍ଦ୍ରୀୟ ସହାୟତା ଯୋଗାଇ ଦିଆଯାଏ । କେନ୍ଦ୍ର ସରକାର ୧୯୯୬–୯୭ ଆର୍ଥିକ ବର୍ଷରେ ୨୦,୫୦୦ ଟି ପରିବାର ପାଇଁ ଯଥାକ୍ରମେ ୫୨୦·୬୮ ଲକ୍ଷ ଟଙ୍କା ଓ ୧୦୬·୫୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ଏଥି ମଧ୍ୟରୁ ଏ ପର୍ଯ୍ୟନ୍ତ ୪,୧୫୩ଟି ପରିବାରଙ୍କୁ ୨୪୨·୯୧ ଲକ୍ଷ ଟଙ୍କା ବଣ୍ଟନ କରାଯାଇ ପାରିଛି । ୧୯୯୭–୯୮ ଏବଂ ୧୯୯୭ ଡିସେମ୍ବର ଶେଷ ପର୍ଯ୍ୟନ୍ତ ୧୭,୨୫୦ ଜଣ ହିତାଧିକାରୀ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ୯୧୮ ଜଣ ହିତାଧିକାରୀଙ୍କୁ ଉକ୍ତ ସାହାଯ୍ୟ ପ୍ରଦାନ କରାଯାଇଛି ।

## (ଗ) ଜାତୀୟ ମାତୃମଙ୍ଗଳ ଯୋଜନା :

ଉକ୍ତ କେନ୍ଦ୍ରୀୟ ଯୋଜନାଟି କେନ୍ଦ୍ର ସରକାରଙ୍କ ଦ୍ୱାରା ୧୫–୮–୧୯୯୫ ତାରିଖଠାରୁ ପ୍ରଚଳିତ କରାଯାଇଛି । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ କେବଳ ଦୁଇଟି ଜୀବିତ ସନ୍ତାନ ଜନ୍ମ କରିବା ପର୍ଯ୍ୟନ୍ତ ଏକ କାଳୀନ ପ୍ରତ୍ୟେକ ଗର୍ଭ ପାଇଁ ୩୦୦ ଟଙ୍କା କେନ୍ଦ୍ରୀୟ ସହାୟତା ମିଳି ପାରିବ ।

କେନ୍ଦ୍ର ସରକାର ୧୯୯୫–୯୬ ଓ ୧୯୯୬–୯୭ ଆର୍ଥିକ ବର୍ଷରେ ୨,୫୩,୪୦୦ ଜଣ ଗର୍ଭବତୀ ମହିଳାଙ୍କ ପାଇଁ ଯଥାକ୍ରମେ ୨୫୦·୦୮ ଲକ୍ଷ ଟଙ୍କା ଓ ୩୯୫·୩୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ଏଥି ମଧ୍ୟରୁ ୫୭,୯୦୬ ଜଣ ଗର୍ଭବତୀ ମହିଳାଙ୍କୁ ୧୮୧·୫୫ ଟଙ୍କା ବଣ୍ଟନ କରାଯାଇଥିଲା ଏବଂ ୧୯୯୭ ଡିସେମ୍ବର ମାସ ଶେଷ ସୁଦ୍ଧା ୮୯,୮୫୭ ଜଣ ହିତାଧିକାରୀଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଇଛି ।

## (ଘ) ନିଶା ନିବାରଣ ଯୋଜନା :

ଏହି ଯୋଜନା ମାଧ୍ୟମରେ ନିଶାସକ୍ତ ବ୍ୟକ୍ତିମାନଙ୍କୁ ନିଶାରୁ ମୁକ୍ତି ଦେବା, ସେମାନଙ୍କର ଥଇଥାନ କରିବା, ନିଶା ନିବାରଣ ନିମନ୍ତେ ଡ୍ରାମା, ପଥପ୍ରାନ୍ତ ନାଟକ, ବୈଠକ ଓ କର୍ମଶାଳା ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ସରକାରୀ ଅନୁଦାନ ଦିଆଯାଇଥାଏ । ୧୯୯୫–୯୬ ଆର୍ଥିକ ବର୍ଷରେ ସର୍ବମୋଟ ୧୫ ଗୋଟି ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ୧,୯୦,୦୦୦ ଟଙ୍କା ଉକ୍ତ ଯୋଜନା ମାଧ୍ୟମରେ ଆବଣ୍ଟନ କରାଯାଇଥିଲା । ସେହିପରି ୧୯୯୬–୯୭ ଆର୍ଥିକ ବର୍ଷରେ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ୧·୯୦ ଲକ୍ଷ ଟଙ୍କା ଆବଣ୍ଟନ କରାଯାଇଛି । ୧୯୯୭–୯୮ ମସିହାରେ ୧·୯୦ ଲକ୍ଷ ଟଙ୍କା ବ୍ୟୟ ବରାଦ ଥିବା ସ୍ଥଳେ ୧୯୯୮–୯୯ ମସିହାରେ ଏହା ପାଇଁ ବ୍ୟୟ ବରାଦ କରାଯାଇ ନାହିଁ ।

## (ଙ) ରୋଗମୁକ୍ତ କୁଷ୍ଠ ବ୍ୟକ୍ତିମାନଙ୍କ ପୁନର୍ବସତି ଯୋଜନା :

କୁଷ୍ଠ ରୋଗ ମୁକ୍ତ ବ୍ୟକ୍ତିମାନଙ୍କୁ ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ଦେଇ ପୁନର୍ବସତି କରିବା ଏହି ଯୋଜନାର ଲକ୍ଷ୍ୟ । ଏହା

ବ୍ୟତୀତ କୁଷ୍ଠ ରୋଗ ମୁକ୍ତ ଶିକ୍ଷା ନବିଶମାନଙ୍କ ପାଇଁ ଖାଦ୍ୟ ଓ ଲୁଗାପଟା ବାବଦରେ ଉକ୍ତ ପୁନର୍ବସତି କେନ୍ଦ୍ର ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ । ସର୍ବମୋଟ ୩,୨୦୧ ଜଣ କୁଷ୍ଠ ରୋଗମୁକ୍ତ ବ୍ୟକ୍ତିଙ୍କର ପୁନର୍ବାସ ଏହି ଯୋଜନାରେ ୩୧-୩-୧୯୯୫ ସୁଦ୍ଧା ହୋଇଥିଲା । ମୋଟ ୩,୨୭୪ କୁଷ୍ଠ ରୋଗମୁକ୍ତ ବ୍ୟକ୍ତିଙ୍କର ପୁନର୍ବାସ ଏହି ଯୋଜନାରେ ୩୧-୧୨-୧୯୯୭ ତାରିଖ ସୁଦ୍ଧା ହୋଇଛି । ୧୯୯୬-୯୭ ମସିହା ପାଇଁ ୧୧·୨୦ ଲକ୍ଷ ଟଙ୍କା ବ୍ୟୟ ବରାଦ ଥିବା ସ୍ଥଳେ ୧୯୯୭-୯୮, ୧୯୯୮-୯୯ ମସିହା ପାଇଁ ଅନୁରୂପ ବ୍ୟୟ ବରାଦ କରାଯାଇଛି । ବର୍ତ୍ତମାନ ଉକ୍ତ ଯୋଜନା ମାଧ୍ୟମରେ ହିନ୍ଦ୍ କୁଷ୍ଠ ନିବାରଣ ସଙ୍ଘ, ଭୁବନେଶ୍ୱର, ମୟୂରଭଞ୍ଜ ଲେପ୍ରୋସି ହୋମ୍, ବାରିପଦା, ଦୟାଶ୍ରମ କଟକ ଏବଂ ଏମ୍.ଡ଼ି:ଜେ:ଏଲ୍:ସି: ପାରଳାଖେମୁଣ୍ଡି ରାଜ୍ୟ ସରକାରଙ୍କଠାରୁ ଆର୍ଥିକ ସହାୟତା ପାଉଛି ।

### (ଚ) ଜରା ନିବାସ :

ଅସହାୟ ବୃଦ୍ଧ ବୃଦ୍ଧାମାନଙ୍କ ସେବା ଯତ୍ନ, ଥଇଥାନ ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଜରିଆରେ ଜରା ନିବାସ, ଦିବା ଯତ୍ନ କେନ୍ଦ୍ର, ଭ୍ରାମ୍ୟମାଣ ଚିକିତ୍ସା କେନ୍ଦ୍ର ପରିଚାଳନା ନିମନ୍ତେ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇ ଥାନ୍ତି । ସେହିପରି ରାଜ୍ୟ ସରକାର ନିଜସ୍ୱ ଖର୍ଚ୍ଚରେ ଜରା ନିବାସ ପରିଚାଳନା କାର୍ଯ୍ୟକାରୀ କରୁଛନ୍ତି । ଏହି ବାବଦରେ ୧୯୯୬-୯୭ ଆର୍ଥିକ ବର୍ଷରେ ୨·୦୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ୧୯୯୭-୯୮ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାରଙ୍କର ଏ ବାବଦରେ ୪·୩୦ ଲକ୍ଷ ଟଙ୍କା ବ୍ୟୟ ବରାଦ ଅଟକଳ କରାଯାଇଛି । ୯୮-୯୯ ମସିହା ଅନୁରୂପ ୪·୩୦ ଲକ୍ଷ ଟଙ୍କାର ବ୍ୟୟ ବରାଦ ଲକ୍ଷ୍ୟ କରାଯାଇଛି ।

### ବିକଳାଙ୍ଗ କଲ୍ୟାଣ :

ଶାରୀରିକ ତଥା ମାନସିକ ଅକ୍ଷମ ବ୍ୟକ୍ତିମାନଙ୍କର ଶିକ୍ଷା, ତାଲିମ ଓ ଥଇଥାନ ନିମନ୍ତେ ଆତ୍ମନିଯୁକ୍ତି ଯୋଜନା, ଛାତ୍ର ବୃତ୍ତି ଓ ଭତ୍ତା ଯୋଜନା, ସ୍ୱତନ୍ତ୍ର ବିଦ୍ୟାଳୟ ପରିଚାଳନା ଧନ୍ଦାମୂଳକ ତାଲିମ କେନ୍ଦ୍ର ପ୍ରତିଷ୍ଠା, ସ୍ୱତନ୍ତ୍ର ସରଞ୍ଜାମ ଯୋଗାଣ, ମାନସିକ ବିକାଶ ବାଧାପ୍ରାପ୍ତ ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା ଆଲୋଚନା ଚକ୍ର, ପାଠଚକ୍ର ଓ ପତ୍ରିକା ପ୍ରକାଶନ, କ୍ରୀଡ଼ା ପାଠଚକ୍ର ଓ ପୁରସ୍କାର ବିତରଣ ପରିଚାଳନାମାନ କାର୍ଯ୍ୟକାରୀ କରାଯାଇଛି । ଚାକିରି କ୍ଷେତ୍ରରେ ସଂରକ୍ଷଣ ନିମନ୍ତେ ସାଧାରଣ ପ୍ରଶାସନ ବିଭାଗ, ଛାତ୍ର ବୃତ୍ତି ନିମନ୍ତେ ଶିକ୍ଷା ବିଭାଗ, ଯାତ୍ରୀ କାଳୀନ ରିହାତି ନିମନ୍ତେ ପରିବହନ ବିଭାଗ, ଡିଲରସିପ୍ ସଂରକ୍ଷଣ ନିମନ୍ତେ ଖାଦ୍ୟ ଯୋଗାଣ ବିଭାଗ ଓ ଖାଉଟି କଲ୍ୟାଣ ବିଭାଗ, ସ୍ୱାସ୍ଥ୍ୟର ଯତ୍ନ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ସହିତ ଆତ୍ମନିଯୁକ୍ତି ନିମନ୍ତେ ଶିଳ୍ପ ବିଭାଗ, ଗ୍ରାମାଞ୍ଚଳରେ ଆତ୍ମ ନିଯୁକ୍ତି ନିମନ୍ତେ ପଞ୍ଚାୟତିରାଜ ବିଭାଗ, ଧନ୍ଦାମୂଳକ ଥଇଥାନ କେନ୍ଦ୍ର ସ୍ଥାପନ ନିମନ୍ତେ ଶ୍ରମ ମନ୍ତ୍ରଣାଳୟ, ଦୃଷ୍ଟିହୀନ ବଧିର ଓ ମାନସିକ ଅନଗ୍ରସର ଛାତ୍ର ଛାତ୍ରୀମାନଙ୍କର ଶିକ୍ଷକମାନଙ୍କର ପ୍ରଶିକ୍ଷଣ ନିମନ୍ତେ ଜାତୀୟ ପ୍ରତିଷ୍ଠାନଗୁଡ଼ିକ ସହିତ ସମନ୍ୱୟ ରକ୍ଷା କରାଯାଇ ସେମାନଙ୍କ କଲ୍ୟାଣ ସାଧନ କରାଯାଉଛି ।

### (କ) ସ୍ୱତନ୍ତ୍ର ବିଦ୍ୟାଳୟମାନଙ୍କୁ ଅନୁଦାନ :

ଦୃଷ୍ଟିହୀନ ମୂକ ଓ ବଧିର, ମାନସିକ ଅନଗ୍ରସର ପିଲାମାନଙ୍କ ଶିକ୍ଷା ନିମନ୍ତେ ସ୍ୱେଚ୍ଛାସେବୀ ସଙ୍ଗଠନ ମାଧ୍ୟମରେ ୫୦ ଗୋଟି ସ୍ୱତନ୍ତ୍ର ବିଦ୍ୟାଳୟରେ ୩,୧୫୮ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି । ୧୯୯୬-୯୭ ଆର୍ଥିକ ବର୍ଷରେ ଏ ବାବଦରେ ୨୫୬·୦୬ ଲକ୍ଷ ଟଙ୍କା ଉଭୟ ଯୋଜନା ଓ ଅଣ ଯୋଜନାରେ ବ୍ୟୟ ବରାଦ କରାଯାଇଥିଲା ଏବଂ ୧୯୯୭-୯୮ ଆର୍ଥିକ ବର୍ଷରେ ଏହି ବାବଦରେ ୨୭୮·୦୯ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ଏବଂ ୧୯୯୮-୯୯ରେ ୩୦୦·୦୪ ଲକ୍ଷ ଟଙ୍କା ବ୍ୟୟ ବରାଦର ସ୍ଥିର କରାଯାଇଛି ।

### (ଖ) ବିକଳାଙ୍ଗ ତାଲିମ ଓ ପୁନଃ ଥଇଥାନ :

ବୟସ୍କ ଅକ୍ଷମ ବ୍ୟକ୍ତିମାନଙ୍କୁ ଲାଭଜନକ ଧନ୍ଦାମୂଳକ ତାଲିମ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା ଦିଆଯାଇ ସେମାନଙ୍କୁ ସ୍ୱାବଲମ୍ବୀ କରାଯାଇଛି । ୧୯୯୬-୯୭ ଆର୍ଥିକ ବର୍ଷରେ ଏହି ଯୋଜନାରେ ୧୪·୯୯ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା ଓ ୧୯୯୭-୯୮ ଆର୍ଥିକ ବର୍ଷରେ ମଧ୍ୟ ୧୪·୯୯ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା ଓ ୧୯୯୮-୯୯ ଆର୍ଥିକ ବର୍ଷ ୧୫·୦୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

### (ଗ) ବିକଳାଙ୍ଗମାନଙ୍କୁ ସରଞ୍ଜାମ ଯୋଗାଣ :

ଶାରୀରିକ ଅକ୍ଷମମାନଙ୍କୁ ତିନିଚକିଆ ସାଇକେଲ, ତିନି ଚକିଆ ମୋଟର ଚାଳିତ ସାଇକେଲ, ଶ୍ରବଣ ଯନ୍ତ୍ର ଓ ଆଶାବାଡ଼ି ଇତ୍ୟାଦି ଯୋଗାଇ ଦିଆଯାଉଛି । ଏହି ବାବଦରେ ୧୯୯୬-୯୭ ଆର୍ଥିକ ବର୍ଷ ନିମନ୍ତେ ୨୪·୫୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ୧୯୯୭-୯୮ ଆର୍ଥିକ ବର୍ଷ ପାଇଁ ଏ ବାବଦରେ ୨୪·୫୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ୧୯୯୮-୯୯ ଆର୍ଥିକ ବର୍ଷରେ ଅଣ ଯୋଜନାରେ ୨୩·୫୦ ଏବଂ ଯୋଜନା ଅର୍ଥ ଅଭାବରୁ ଟୋକନ (Token) ବାବଦ ୧,୦୦୦ ରଖାଯାଇଛି ।

### (ଘ) ଛାତ୍ର ବୃତ୍ତି ପ୍ରଦାନ :

ଅକ୍ଷମ ଛାତ୍ର ଛାତ୍ରୀମାନଙ୍କୁ ଶିକ୍ଷା ଦିଗରେ ଉତ୍ସାହିତ କରିବା ପାଇଁ ରାଜ୍ୟ ସରକାର ମେଧା ବୃତ୍ତି ଯୋଗାଇ ଦେଉଛନ୍ତି ।

ଏହି ପରିକଳ୍ପନା ମାଧ୍ୟମରେ ପ୍ରଥମ ଶ୍ରେଣୀଠାରୁ ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀମାନଙ୍କୁ ଏହି ବୃତ୍ତି ପ୍ରଦାନ କରାଯାଉଛି । ଉଭୟ ଯୋଜନା ଓ ଅଣ ଯୋଜନା ବାବଦରେ ୧୯୯୬–୯୭ ଆର୍ଥିକ ବର୍ଷରେ ୨୨·୪୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଥିଲା । ୧୯୯୭–୯୮ ଏବଂ ୧୯୯୮–୯୯ ମସିହା ପାଇଁ ଅନୁରୂପ ବ୍ୟୟ କରାଯାଇଛି ।

## ସଚେତନତା କାର୍ଯ୍ୟକ୍ରମ :

ସାଧାରଣ ନାଗରିକ, ବିଶେଷତଃ ଅକ୍ଷମମାନଙ୍କର ପିତାମାତାଙ୍କୁ ଅକ୍ଷମତାର କାରଣ ଓ ପ୍ରଭାବ, ଚିକିତ୍ସାଗତ ସୁବିଧା ଓ ସେମାନଙ୍କର ଥଇଥାନ ସମ୍ପର୍କରେ ଅବଗତ କରାଇବା, ଅକ୍ଷମ ବ୍ୟକ୍ତିମାନଙ୍କର ସାମର୍ଥ୍ୟ ଲୋକଲୋଚନକୁ ଆଣିବା ଓ ସେମାନଙ୍କର ଚିତ୍ତ ବିନୋଦନ ନିମନ୍ତେ ପାଠଚକ୍ର, ଆଲୋଚନା ଚକ୍ର, ପ୍ରାଦେଶିକ ଭାଷାରେ ପୁସ୍ତିକା ପ୍ରକାଶନ ଓ କ୍ରୀଡ଼ାର ଆୟୋଜନ ନିମନ୍ତେ ଅର୍ଥ ବ୍ୟବସ୍ଥା କରାଯାଇଥାଏ । ୧୯୯୬–୯୭ ଆର୍ଥିକ ବର୍ଷରେ ଏ ବାବଦରେ ୧·୮୫ ଲକ୍ଷ ଟଙ୍କା ରାଜ୍ୟ ଯୋଜନା ଓ ଅଣ ଯୋଜନାରେ ବ୍ୟୟ ବରାଦ କରାଯାଇଥିଲା ଏବଂ ୧୯୯୭–୯୮ ମସିହାରେ ମଧ୍ୟ ୧·୮୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ୧୯୯୮–୯୯ ମସିହା ପାଇଁ ପ୍ରଚାର, ପାଠଚକ୍ର ଏବଂ କ୍ରୀଡ଼ାପ୍ରତି ଯୋଗିତା ଇତ୍ୟାଦି ପାଇଁ ନାରୀ ଶିଶୁ ଓ ଅକ୍ଷମତା ପାଇଁ ଏକ ନୂତନ କାର୍ଯ୍ୟକ୍ରମ ହାତକୁ ନିଆଯାଇ ୨·୦୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

## ସ୍ୱତନ୍ତ୍ର ବିଦ୍ୟାଳୟ ଶିକ୍ଷକ ତାଲିମ କେନ୍ଦ୍ର :

ଦୃଷ୍ଟିହୀନ ଓ ମୂକ ବଧିର ଛାତ୍ର ଛାତ୍ରୀମାନଙ୍କର ଶିକ୍ଷକମାନଙ୍କୁ ତାଲିମ ଦେବା ନିମନ୍ତେ ଦୁଇଟି ଅଲଗା ଅଲଗା ତାଲିମ କେନ୍ଦ୍ର ଯଥାକ୍ରମେ ଜାତୀୟ ଦୃଷ୍ଟିହୀନ ପ୍ରତିଷ୍ଠାନ ଡେରାଡୁନ୍ ଓ ମୁମ୍ବାଇରେ ରାଜ୍ୟ ସରକାରଙ୍କର ଯୋଥ ସହାୟତାରେ ପ୍ରତିଷ୍ଠିତ ହୋଇଅଛି । ଏହି ଦୁଇଟି କେନ୍ଦ୍ରର ପରିଚାଳନା ନିମନ୍ତେ ରାଜ୍ୟ ସରକାର ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି । ଏତଦ୍ ବ୍ୟତୀତ ଜାତୀୟ ମାନସିକ ନ୍ୟୁନ ପ୍ରତିଷ୍ଠାନର ଆର୍ଥିକ ସହାୟତା ଓ ବୈଷୟିକ ପରାମର୍ଶରେ ଭୁବନେଶ୍ୱରରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନସିକ ଅନଗ୍ରସର ଛାତ୍ର ଛାତ୍ରୀମାନଙ୍କୁ ତାଲିମ ଦେବା ପାଇଁ ଅନ୍ୟ ଏକ ଶିକ୍ଷିତ ତାଲିମ କେନ୍ଦ୍ର ପରିଚାଳନା କରୁଛନ୍ତି । ରାଜ୍ୟ ସରକାର ମଧ୍ୟ ଏ ତାଲିମ କେନ୍ଦ୍ରକୁ କିଛି ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି । ଏହି ଶିକ୍ଷକ ତାଲିମ କେନ୍ଦ୍ରଗୁଡ଼ିକର ପରିଚାଳନା ସହାୟତା ପାଇଁ ୧୯୯୬–୯୭ ଆର୍ଥିକ ବର୍ଷରେ ଏ ବାବଦରେ ୪·୫୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ୧୯୯୭–୯୮ ଆର୍ଥିକ ବର୍ଷରେ ମଧ୍ୟ ଏଥି ନିମନ୍ତେ ୪·୮୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ଶାରୀରିକ ଅକ୍ଷମ ପେନ୍‌ସନ :

ରାଜ୍ୟରେ ଶାରୀରିକ ଅକ୍ଷମମାନଙ୍କୁ ଏବଂ ଦୃଷ୍ଟିହୀନମାନଙ୍କୁ ୨୦୦ ଟଙ୍କା ହାରରେ ମାସିକ ପେନ୍‌ସନ୍ ଦିଆଯାଉଛି । ଏ ବାବଦରେ ୧୯୯୫–୯୬ ଆର୍ଥିକ ବର୍ଷରେ ୪୫,୦୦୦ ହିତାଧିକାରୀଙ୍କ ପାଇଁ ୫୭୮·୦୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା । ୧୯୯୬–୯୭ ନିମନ୍ତେ ୬୦,୦୦୦ ହିତାଧିକାରୀଙ୍କ ପାଇଁ ୭୨୦·୦୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା ଓ ୧୯୯୭–୯୮ ଆର୍ଥିକ ବର୍ଷ ପାଇଁ ୭୨୦·୦୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ୧୯୯୮–୯୯ରେ ମଧ୍ୟ ଅନୁରୂପ ବ୍ୟୟ ବରାଦ କରାଯାଇଛି ।

## ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ :

### (କ) ମଧ୍ୟାହ୍ନ ଭୋଜନ :

ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଶିଶୁମାନଙ୍କୁ ପୁଷ୍ଟିହୀନତା ଦୂର କରିବା ଓ ଛାତ୍ର ଛାତ୍ରୀମାନଙ୍କୁ ଶିକ୍ଷାନୁଷ୍ଠାନ ପ୍ରତି ଆକର୍ଷିତ କରିବା ଉଦ୍ଦେଶ୍ୟରେ ସମଗ୍ର ରାଜ୍ୟରେ ପ୍ରଥମ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ୧–୭–୧୯୯୫ ତାରିଖରୁ ସ୍ୱାଦିଷ୍ଟ ପୁଷ୍ଟିକର ରନ୍ଧନ ଖାଦ୍ୟ ଯୋଗାଇ ଦିଆଯାଉଛି । ୧୫–୮–୧୯୯୫ ତାରିଖଠାରୁ ଭାରତ ସରକାରଙ୍କ ପ୍ରବର୍ତ୍ତିତ ପ୍ରାଥମିକ ଶିକ୍ଷା ପୁଷ୍ଟିକର ଖାଦ୍ୟ ସହାୟତା କାର୍ଯ୍ୟକ୍ରମରେ ୨୩୫ ଗୋଟି ଇ.ଏ.ଏସ୍. ବ୍ଲକରେ ମଧ୍ୟାହ୍ନ ଭୋଜନ ପାଇଁ ବିନା ମୂଲ୍ୟରେ ଚାଉଳ ଏବଂ କ୍ୱିଣ୍ଟାଲ ପ୍ରତି ୨୫ ଟଙ୍କା ହାରରେ ପରିବହନ ଖର୍ଚ୍ଚ ଯୋଗାଇ ଦିଆଯାଇଥିଲା । କିନ୍ତୁ ୧୯୯୭–୯୮ ଆର୍ଥିକ ବର୍ଷରେ ରାଜ୍ୟର ସମସ୍ତ ୩୧୪ଟି ବ୍ଲକରେ ମଧ୍ୟାହ୍ନ ଭୋଜନ ପାଇଁ ବିନା ମୂଲ୍ୟରେ ଚାଉଳ ଏକ କ୍ୱିଣ୍ଟାଲ ପିଛା ୫୦ ଟଙ୍କା ହାରରେ ପରିବହନ ଖର୍ଚ୍ଚ ଯୋଗାଇ ଦିଆଯାଉଛି । ଏହି କାର୍ଯ୍ୟକ୍ରମରେ ୪୦,୧୩୭ଟି ସ୍କୁଲର ୪୦·୩୩ ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି ।

୧୯୯୭–୯୮ ଆର୍ଥିକ ବର୍ଷରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପାଇଁ ୧୧,୯୧୯·୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା । ମାତ୍ର ବ୍ୟୟ ସଙ୍କୋଚ କରାଯାଇ ୬,୩୦୦·୦୦ ଲକ୍ଷ ଟଙ୍କା ସୀମିତ କରାଯାଇଛି । ରାଜ୍ୟ ଯୋଜନାରେ ୧୯୯୮–୯୯ ମସିହା ପାଇଁ ୪,୦୦୦·୦୦ ଲକ୍ଷ ଟଙ୍କା ବ୍ୟୟ ବରାଦ ସ୍ଥିର କରାଯାଇଛି । ଏହି କାର୍ଯ୍ୟକ୍ରମରେ ୪୦,୧୩୭ଟି ବିଦ୍ୟାଳୟର ୪୦·୩୩ ଲକ୍ଷ ଛାତ୍ର ଛାତ୍ରୀ ଉପକୃତ ହେଉଛନ୍ତି ।

### (ଖ) ଜରୁରୀକାଳୀନ ଖାଦ୍ୟ ଯୋଗାଣ :

ଏହି ଯୋଜନାରେ ରାଜ୍ୟର ୬ଟି ଜିଲ୍ଲା ତଥା କଳାହାଣ୍ଡି, ନୂଆପଡ଼ା, କୋରାପୁଟ ମାଲକାନଗିରି, ରାୟଗଡ଼ା ଓ ବଲାଙ୍ଗୀର ଜିଲ୍ଲାମାନଙ୍କରେ ଦିଆଯାଉଛି । ଏହି ଯୋଜନା ଜରିଆରେ ୭୪,୫୬୫ ଜଣ ବୃଦ୍ଧ ବୃଦ୍ଧା ଅକ୍ଷମ ଅକର୍ମଣ୍ୟ ଲୋକଙ୍କୁ ମାସିକ ୨୫ ଦିନ, ଦିନକୁ ଟଙ୍କା ହାରରେ ରକ୍ଷୀ ଖାଦ୍ୟ ଯୋଗାଇ ଦିଆଯାଉଛି ।

# ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରଗତି

ଜାତୀୟ ପୋଲିଓ କାର୍ଯ୍ୟକ୍ରମ ୧୯୯୫ ମସିହାରୁ ଓଡ଼ିଶାରେ ଆରମ୍ଭ କରାଯାଇଛି ୩ ବର୍ଷ ବିଭିନ୍ନ ପର୍ଯ୍ୟାୟରେ ଶତକଡ଼ା ୯୫ ଭାଗ ଶିଶୁଙ୍କୁ ପୋଲିଓ ଟୀକା ଦିଆଯାଇ ପୋଲିଓ ରୋଗ ନିୟନ୍ତ୍ରଣ କରାଯାଇଛି ।

୩୦-୧-୧୯୯୮ରୁ ୫-୨-୧୯୯୮ ପର୍ଯ୍ୟନ୍ତ ଏକ ବୃହତ୍ କୁଷ୍ଠ ରୋଗୀ ଚିହ୍ନଟ ଅଭିଯାନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ୬୨,୮୪୪ ଜଣ କୁଷ୍ଠରୋଗ ଆକ୍ରାନ୍ତ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ମଧ୍ୟରେ ୨,୦୦୦ ମସିହା ସୁଦ୍ଧା କୁଷ୍ଠରୋଗକୁ ସମ୍ପୂର୍ଣ୍ଣ ନିରାକରଣ କରିବା ଲକ୍ଷ୍ୟ ରଖାଯାଇଛି ।

ରାଜ୍ୟର ଦୁଇଟି ବାତ ଜ୍ୱର ପ୍ରବଣ ଜିଲ୍ଲା ଯଥା :—ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ବାତଜ୍ୱର ନିରାକରଣ ପାଇଁ ୧୯୯୭ ମସିହା ନଭେମ୍ବର ମାସରେ ଏକ ବାତଜ୍ୱର ନିରାକରଣ ଅଭିଯାନ ଗ୍ରହଣ କରାଯାଇ ଉପରୋକ୍ତ ଦୁଇଟି ଜିଲ୍ଲାର ସବୁ ଲୋକଙ୍କୁ ସିଙ୍ଗଲ୍ ଡୋଜ୍ ଔଷଧ ବିତରଣ କରାଯାଇଥିଲା ।

ରାଜ୍ୟରେ **DFID** ସହାୟତାରେ ୧-୧୨-୧୯୯୭ରୁ ଏକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ଭଦ୍ରକ ଏବଂ କେଁଝର ଜିଲ୍ଲାରେ କୋଠାବାଡ଼ି ମରାମତି, ଯନ୍ତ୍ରପାତି ମରାମତି, ଔଷଧପତ୍ର ଏବଂ ବଣ୍ଟନ, ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଯାତାୟତ ଏବଂ ସ୍ୱାସ୍ଥ୍ୟସେବା ଉଦ୍‌ବୃଦ୍ଧି ଏହି ଯୋଜନାର ଲକ୍ଷ୍ୟ । ପରେ ଏହା ଅନ୍ୟ ଜିଲ୍ଲାରେ କାର୍ଯ୍ୟକାରୀ କରାଯିବ ।

ଓଡ଼ିଶାର ୧୪ଟି ଜିଲ୍ଲାରେ ଯକ୍ଷ୍ମାରୋଗ ନିରାକରଣ ନିମନ୍ତେ **DANIDA** ପ୍ରକଳ୍ପ ସହାୟତାରେ ଏକ ୫ ବର୍ଷିଆ କାର୍ଯ୍ୟକ୍ରମ ଅକ୍ଟୋବର ୧୯୯୭ରୁ ଆରମ୍ଭ କରାଯାଇଛି । ଏଥିନିମନ୍ତେ **DANIDA** ପ୍ରକଳ୍ପରୁ ୩୦·୯୫ କୋଟି ଟଙ୍କା ଓଡ଼ିଶାକୁ ଅନୁଦାନ ମିଳିବ । ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ମୟୂରଭଞ୍ଜ, କେଁଝର ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଆରମ୍ଭ କରାଯାଇଛି ।

୧-୪-୧୯୯୪ ତାରିଖରୁ ବିଶ୍ୱବ୍ୟାଙ୍କ ସହାୟତାରେ ଅନ୍ଧତ୍ୱ ଦୂରୀକରଣ ଯୋଜନା କାର୍ଯ୍ୟକାରୀ ହୋଇଆସୁଅଛି । ଡିସେମ୍ବର ୯୭ ପର୍ଯ୍ୟନ୍ତ ୬୦,୨୮୨ ଜଣ ଚକ୍ଷୁରୋଗୀଙ୍କୁ ପରୀକ୍ଷା କରାଯାଇ ୫୦·୬୬ ଭାଗ ସଫଳତା ହାସଲ କରାଯାଇଛି । ଓଡ଼ିଶାରେ ଦୃଷ୍ଟିହୀନଙ୍କ ସଂଖ୍ୟା ୨,୦୦୦ ମସିହା ସୁଦ୍ଧା ପ୍ରତି ହଜାରରେ ୧୪ରୁ ୩କୁ କମାଇବା ଏହି ଯୋଜନାର ଲକ୍ଷ୍ୟ ।

୩୧-୧୨-୧୯୯୭ ତାରିଖ ସୁଦ୍ଧା ୨୮୨ ଗୋଟି ଏଚ୍.ଆଇ.ଭି. ପଜିଟିଭ୍ ନିରୂପଣ କରାଯାଇ ସେମାନଙ୍କ ମଧ୍ୟରୁ ୧୪ ଜଣ ଏଡ୍‌ସ୍ ରୋଗୀଙ୍କୁ ଚିହ୍ନଟ କରାଯାଇଅଛି ।

ବିଶ୍ୱ ବ୍ୟାଙ୍କ ସହାୟତାରେ ଏଡ୍‌ସ୍ ରୋଗ ସମ୍ପର୍କରେ ଲୋକମାନଙ୍କୁ ବହୁଳଭାବେ ସଚେତନ କରାଇବା ଏବଂ ଅଧିକ ସଂଖ୍ୟକ ରକ୍ତ ପରୀକ୍ଷା କରିବା କାର୍ଯ୍ୟକ୍ରମ ବ୍ୟାପକ କରାଯିବ ।

ଓଡ଼ିଶାର ୨୧ଟି ଜିଲ୍ଲାରେ ବିଶ୍ୱବ୍ୟାଙ୍କ ପ୍ରକଳ୍ପ ସହାୟତାରେ ମ୍ୟାଲେରିଆ ରୋଗ ନିରାକରଣ ନିମନ୍ତେ ଏକ ୫ ବର୍ଷିଆ ଯୋଜନା ୩୦-୯-୯୭ ତାରିଖଠାରୁ ଆରମ୍ଭ କରାଯାଇଛି ।

୧୯୯୭-୯୮ରୁ ୨୦୦୧-୨୦୦୨ (୫ ବର୍ଷ)ରେ ଶିଶୁ ସ୍ୱାସ୍ଥ୍ୟ ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସ୍ଥିର କରାଯାଇଛି ।

ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ପ୍ରଯୋଜନ କ୍ଷମତା ନିୟନ୍ତ୍ରଣ କରି ମା ଓ ଶିଶୁ ସ୍ୱାସ୍ଥ୍ୟର ଉନ୍ନତି କରିବା ଯଥା :— ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା ଦ୍ୱାରା ରୋଗ ଚିହ୍ନଟ କରି **RTI** ଓ **STI (Reproductive Tract Infection & Sexual Tract Infection)**ର ଚିକିତ୍ସା କରିବା । ମା' ଓ ଶିଶୁର ମୃତ୍ୟୁ ହାର କମାଇବା ସଙ୍ଗେ ସଙ୍ଗେ ବ୍ୟାଧି ଦୂରୀକରଣ ଓ ପ୍ରଜନନ କ୍ଷମତା ନିୟନ୍ତ୍ରଣ କରିବା ଦ୍ୱାରା ମା' ଓ ଶିଶୁର ସ୍ୱାସ୍ଥ୍ୟର ଉନ୍ନତି ହୋଇପାରିବ ଓ ଜନସଂଖ୍ୟା ମଧ୍ୟ ନିୟନ୍ତ୍ରଣ କରାଯାଇ ପାରିବ ।

ଏହି ଯୋଜନାର କାର୍ଯ୍ୟକାରିତା ନିମନ୍ତେ କଳାହାଣ୍ଡି ଜିଲ୍ଲା ପାଇଁ ୧୫ କୋଟି ଟଙ୍କା ଏବଂ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାମାନଙ୍କ

ପାଇଁ ୨୧୧·୪୯ କୋଟି ଟଙ୍କାର ଖର୍ଚ୍ଚ ଅଟକଳ ଧାର୍ଯ୍ୟ କରାଯାଇଅଛି ।

ନରାଡ୍ରୋ ପ୍ରୋଜେକ୍ଟ ସହାୟତାରେ ଆରମ୍ଭ କରାଯାଇଥିବା କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା, କନ୍ଧମାଳ, ନୟାଗଡ଼ ଓ ବୌଦ୍ଧ ଜିଲ୍ଲାର ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ଆଶୁଚିକିତ୍ସା ପ୍ରଦାନରେ ସାହାଯ୍ୟ କରାଯାଇ ଜନ୍ମମୃତ୍ୟୁ ହାର କମାଇ ଦିଆଯାଇ ପାରିଛି ।

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ୍ ହସ୍‌ପିଟାଲ୍, କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ୍ କଲେଜ୍ ହସ୍‌ପିଟାଲ୍‌ର ସଫେଇ କାର୍ଯ୍ୟକ୍ରମ ଘରୋଇ ସଂସ୍ଥା (ସୁଲଭ ଶୌଚାଳୟ) ଦ୍ୱାରା ୧-୯-୧୯୯୭ ତାରିଖଠାରୁ କାର୍ଯ୍ୟକାରୀ କରାଯାଉଅଛି । ସେହିପରି ରାଜଧାନୀ ଡାକ୍ତରଖାନାର ସଫେଇ କାର୍ଯ୍ୟକ୍ରମ ଉକ୍ତ ସଂସ୍ଥା ଦ୍ୱାରା ସମ୍ପାଦନ କରାଯାଉଛି ।

ରାଜ୍ୟର ସରକାରୀ ଡାକ୍ତରଖାନା ପାଇଁ ଔଷଧ କ୍ରୟ ନିମନ୍ତେ କେନ୍ଦ୍ରୀୟ କ୍ରୟ ବ୍ୟବସ୍ଥା ୧୯୯୭-୯୮ ଆର୍ଥିକ ବର୍ଷଠାରୁ ପ୍ରଚଳନ କରାଯାଇଅଛି । ଏହା ଫଳରେ ଦରଦାମ ଦେଇଥିବା ଔଷଧ ଔଷଧ ପ୍ରସ୍ତୁତିକାରୀମାନଙ୍କଠାରୁ କମ୍ ଦରରେ ଖରିଦ କରାଯିବ ଏବଂ ଔଷଧଗୁଡ଼ିକର ଗୁଣ ଏବଂ ମାନ ବିଷୟରେ ପରୀକ୍ଷାଗାରରୁ ଗୁଣାତ୍ମକ ପ୍ରମାଣପତ୍ର ମିଳିବା ପରେ ଖରିଦ କରାଯାଇଥିବା ଔଷଧର ମୂଲ୍ୟ ପ୍ରଦାନ କରାଯିବ ।

ରାଜ୍ୟର ତିନୋଟି ମେଡ଼ିକାଲ୍ କଲେଜ ହସ୍‌ପିଟାଲ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ରାଜଧାନୀ ଡାକ୍ତରଖାନାରେ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟସେବାର ମାନ ବୃଦ୍ଧି କରିବା ନିମନ୍ତେ ଦାରିଦ୍ର୍ୟ ସୀମାରେଖାର ଊର୍ଦ୍ଧ୍ୱରେ ଥିବା ବ୍ୟକ୍ତିମାନଙ୍କଠାରୁ କେତେକ ବିଶେଷ ସ୍ୱାସ୍ଥ୍ୟ ସୁବିଧା ପାଇଁ ପ୍ରତିକାରକ ଦେୟ (User Charges) ୧-୬-୧୯୯୭ ତାରିଖଠାରୁ ଆଦାୟ କରାଯାଉଛି ଏବଂ ଉକ୍ତ ଅର୍ଥ ସମ୍ପୃକ୍ତ ଡାକ୍ତରଖାନାର ସ୍ୱାସ୍ଥ୍ୟସେବାର ମାନ ବୃଦ୍ଧି କରିବା ପାଇଁ ବିନିଯୋଗ କରାଯିବ ।

ରାଜ୍ୟରେ ଥିବା ଏସ୍. ସି. ବି. ମେଡ଼ିକାଲ୍ କଲେଜ୍ ଓ ହସ୍‌ପିଟାଲ୍, ଏମ୍. କେ. ସି. ଜି. ମେଡ଼ିକାଲ୍ କଲେଜ୍ ଓ ହସ୍‌ପିଟାଲ୍ ଭି. ଏସ୍. ଏସ୍. ମେଡ଼ିକାଲ୍ କଲେଜ୍ ହସ୍‌ପିଟାଲ୍ ଶିକ୍ଷକମାନଙ୍କ ପୃଥକ୍ କ୍ୟାଡର୍ କରିବା ନିମନ୍ତେ ସରକାର ନୀତିଗତ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହା ଯଥାଶୀଘ୍ର କାର୍ଯ୍ୟକାରୀ କରିବା ନିମନ୍ତେ ପଦକ୍ଷେପ ନିଆଯାଉଛି ।

ଆଦିବାସୀ ଓ ଅନୁନ୍ନତ ଅଞ୍ଚଳରେ ଡାକ୍ତରମାନେ କାର୍ଯ୍ୟ କଲେ ସେମାନଙ୍କୁ ପି. ଜି. କରିବା ନିମନ୍ତେ ସ୍ନାତକୋତ୍ତର ପ୍ରବେଶିକା ପରୀକ୍ଷାରେ ପାଇଥିବା ନମ୍ବରରେ ଶତକଡ଼ା ୫ ନମ୍ବର ସଂଯୋଗ କରାଯିବା ନିମନ୍ତେ ବ୍ୟବସ୍ଥା କରାଯାଇଛି । ଏହି ଅଞ୍ଚଳରେ ଏକ ବର୍ଷ କାର୍ଯ୍ୟ କଲେ ପି. ଜି. ଶିକ୍ଷା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ।

ରୋଗୀଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇବା ପାଇଁ ରାଜ୍ୟର ତିନୋଟି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌ମାନଙ୍କ ସକାଶେ ନିମ୍ନଲିଖିତ ଉନ୍ନତମାନର ଯନ୍ତ୍ରପାତି କିଣିବା ନିମନ୍ତେ ମଞ୍ଜୁରୀ ପ୍ରଦାନ କରାଯାଇଛି ।

I. Sree Ram Chandra Bhanja Medical College & Hospital; Cuttack :—

(i) Cardiac Catheterisation Laboratory for Cardiology and Cardiothoracic Surgery Department.

(ii) Veterectory Unit for Ophthalmology.

(iii) C. T. Scan Machine.

(iv) Ultra Sound Machine, X-Ray Machine.

II. Veera Surendra Sai Medical College and Hospital, Burla :—

(i) C. T. Scan Machine.

(ii) Ultra Sound Scanner Machine.

III. Maharaja Krushna Chandra Gajapati Medical College & Hospital, Berhampur :—

(i) Ultra Sound Scanner Machine.

(ii) Telecobalt 60 Unit.

୧୯୯୫-୯୬ ମସିହାଠାରୁ ୧୯୯୭-୯୮ ମସିହା ମଧ୍ୟରେ ୫୭ ଗୋଟି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ୧୯ଟି ନୂତନ ଆୟୁର୍ବେଦିକ୍ ଡାକ୍ତରଖାନା, ୧୮ଟି ନୂତନ ହୋମିଓପାଥିକ୍ ଡାକ୍ତରଖାନା, ଏକ ଗୋଟି ୟୁନାନୀ ଡାକ୍ତରଖାନା ପ୍ରତିଷ୍ଠା କରାଯାଇଛି ।

ଡାଃ ଅଭିନ ଚନ୍ଦ୍ର ହୋମିଓପ୍ୟାଥିକ୍ କଲେଜରେ ତିନୋଟି ବିଭାଗରେ ସ୍ନାତକୋତ୍ତର ପାଠ୍ୟକ୍ରମ ଏବଂ ଗୋପବନ୍ଧୁ ଆୟୁର୍ବେଦିକ୍ ମହାବିଦ୍ୟାଳୟ, ପୁରୀରେ ଦୁଇଗୋଟି ବିଭାଗରେ ସ୍ନାତକୋତ୍ତର ପାଠ୍ୟକ୍ରମ ପ୍ରଚଳନ ନିମନ୍ତେ ସ୍ୱୀକୃତି ପ୍ରଦାନ କରାଯାଇଛି ।

ଆର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ଗବେଷଣା ଓ ଚିକିତ୍ସା କେନ୍ଦ୍ର, କଟକଠାରେ ଭରତିୟା ଦାତବ୍ୟ ଟ୍ରଷ୍ଟ ଏକ ଧର୍ମଶାଳା ନିର୍ମାଣ କରିଛନ୍ତି । ଏହା ରୋଗୀ ତଥା ରୋଗୀଙ୍କ ସମ୍ପର୍କୀୟ ବ୍ୟକ୍ତିଙ୍କ ପାଇଁ ବ୍ୟବହାର କରାଯିବ ।

ଏହି ଅନୁଷ୍ଠାନ ସମ୍ମୁଖରେ ରୋଗୀଙ୍କ ଚିତ୍ତବିନୋଦନ ନିମିତ୍ତ ଏକ ଉଦ୍ୟାନ ନିର୍ମିତ ହୋଇଛି ।

Th-780C (Rotation Cobalt) ଯନ୍ତ୍ର ମାର୍ଚ୍ଚ ୧୯୯୭ରେ ସ୍ଥାପନ କରାଯାଇ ରୋଗୀଙ୍କ ଚିକିତ୍ସା ନିମିତ୍ତ ବ୍ୟବହୃତ ହେଉଛି ।

ଭୁବନେଶ୍ୱରଠାରେ ୧୯୯୭-୯୮ ମସିହାରେ ଏକ ବେସରକାରୀ ସଂସ୍ଥା ଦ୍ୱାରା ଏକ ଦନ୍ତ ଚିକିତ୍ସା ମହାବିଦ୍ୟାଳୟ ଏବଂ ଏକ ମେଡିକାଲ୍ କଲେଜ ସ୍ଥାପନ କରିବା ନିମନ୍ତେ ସ୍ୱୀକୃତି ପ୍ରଦାନ କରାଯାଇଛି ।

ରାଜ୍ୟରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମର ରୂପାୟନ ନିମିତ୍ତ ଏପ୍ରିଲ ୧୯୯୬ରୁ ଲକ୍ଷ୍ୟ ମୁକ୍ତ ଆଭିମୁଖ୍ୟ (Target free approach to family welfare) ଗ୍ରହଣ କରାଯାଇଛି ।




ମହାନଦୀ ସେତୁ ଉଦ୍‌ଘାଟନ.

# ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଉନ୍ନୟନ କାର୍ଯ୍ୟକ୍ରମ

୭୩ ତମ ସମ୍ବିଧାନ ସଂଶୋଧନ ଦେଶରେ ପଞ୍ଚାୟତି ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ । ଉକ୍ତ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଆମ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜର ପ୍ରଚଳନ ନିମନ୍ତେ ଗତ ବର୍ଷ ନିର୍ବାଚନ ପ୍ରକ୍ରିୟା ସମାପ୍ତ ହୋଇଅଛି । ମୋଟରେ ୮୧,୦୭୭ ଜଣ ୱାର୍ଡ ମେମ୍ବର, ୫,୨୬୬ ସମିତି ସଭ୍ୟ, ୩୧୪ ସମିତି ଅଧ୍ୟକ୍ଷ, ୮୫୪ ଜିଲ୍ଲା ପରିଷଦ ସଭ୍ୟ ଏବଂ ୩୦ ଜଣ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି । ଗତ ଫେବୃଆରି ୧୯୯୭ ସୁଦ୍ଧା ଜିଲ୍ଲା ପରିଷଦଗୁଡ଼ିକର ନବ ନିର୍ବାଚିତ ପ୍ରତିନିଧିମାନେ ସେମାନଙ୍କର କାର୍ଯ୍ୟଭାର ଗ୍ରହଣ କରିଛନ୍ତି ।

**ପଞ୍ଚାୟତ ସଞ୍ଚାର କେନ୍ଦ୍ର :**

ରାଜ୍ୟରେ ଡାକଘର ନଥିବା ୧୭୩ଟି ଗ୍ରାମ ପଞ୍ଚାୟତରେ ସଦର ମହକୁମାକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଚିହ୍ନଟ କରାଯାଇଅଛି । ତନ୍ମଧ୍ୟରୁ ୬୦ ଗୋଟି ଗ୍ରାମ ପଞ୍ଚାୟତରେ ସମ୍ପୃକ୍ତ ପଞ୍ଚାୟତମାନଙ୍କର ସହାୟତାରେ ଭାରତ ସରକାରଙ୍କ ଡାକ ବିଭାଗ ତରଫରୁ ପଞ୍ଚାୟତ ସଞ୍ଚାର ମଞ୍ଜୁରୀ ମିଳିଛି ଏବଂ ଏପର୍ଯ୍ୟନ୍ତ ୩୦ ଗୋଟି ପଞ୍ଚାୟତ ଡାକଘର ଖୋଲାଯାଇଛି । ପ୍ରତ୍ୟେକ ସଞ୍ଚାର କେନ୍ଦ୍ର ପାଇଁ ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ଜଣେ ଶିକ୍ଷିତ ବେକାରଙ୍କୁ ସଞ୍ଚାର କେନ୍ଦ୍ରର ଏଜେଣ୍ଟ ରୂପେ ନିଯୁକ୍ତି ଦିଆଯାଉଛି । ସେ ମାସକୁ ୩୦୦ ଟଙ୍କା କରି ଭତ୍ତା ପାଇବେ । ସଞ୍ଚାର କେନ୍ଦ୍ର ପାଇଁ ଆବଶ୍ୟକୀୟ ଗୃହ ସମ୍ପୃକ୍ତ ପଞ୍ଚାୟତ ଯୋଗାଇ ଥାଆନ୍ତି ।

**ପଞ୍ଚାୟତ ଗୃହ ନିର୍ମାଣ :**

ରାଜ୍ୟରେ ମୋଟ ୫,୨୬୭ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ୩୮୬ଟି ଗ୍ରାମ ପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ ଗୃହ ନଥିବା ଓ ଆର୍ଥିକ ସାହାଯ୍ୟ ପାଇ ନଥିବା ଗ୍ରାମ ପଞ୍ଚାୟତ ମଧ୍ୟରୁ ୧୯୯୫–୯୬ ଆର୍ଥିକ ବର୍ଷରେ ୨୬୭ଟି ଗ୍ରାମ ପଞ୍ଚାୟତକୁ ନିଜସ୍ୱ କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ୮୦.୭୦ ଲକ୍ଷ ଟଙ୍କା ଓ ୧୯୯୬–୯୭ ଆର୍ଥିକ ବର୍ଷରେ ଦଶମ ଅର୍ଥ ଆୟୋଗଙ୍କ ଅନୁଦାନ କ୍ରମେ ୧୦୦ଟି ଗ୍ରାମ ପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ୨ କୋଟି ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ କରାଯାଉଛି ।

ପଞ୍ଚାୟତିରାଜ ବିଭାଗ ଦ୍ୱାରା ଦରିଦ୍ର ଜନତାଙ୍କ ଉନ୍ନତିକଳ୍ପେ ରାଜ୍ୟରେ ଅନେକଗୁଡ଼ିଏ ଆୟ ସୃଷ୍ଟିକାରୀ ତଥା ନିଯୁକ୍ତି ପ୍ରଦାନକାରୀ ଦାରିଦ୍ର୍ୟ ଦୂରୀକରଣ ଯୋଜନାମାନ କାର୍ଯ୍ୟକାରୀ କରାଯାଉଛି । ବିଶେଷ ଭାବରେ ଗ୍ରାମାଞ୍ଚଳର ଦରିଦ୍ର ଜନତାଙ୍କ ବିକାଶ ନିମନ୍ତେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ ଯୋଜନାଗୁଡ଼ିକ ମଧ୍ୟରୁ ମୁଖ୍ୟ ଯୋଜନାଗୁଡ଼ିକର ବିଗତ ତିନି ବର୍ଷର ସଫଳତା ସମ୍ପର୍କିତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

**ଇନ୍ଦିରା ଆବାସ ଯୋଜନା :**

୧୯୯୫–୯୬ ବର୍ଷଠାରୁ ଚଳିତ ବର୍ଷ ଜାନୁଆରୀ ମାସ ଶେଷ ସୁଦ୍ଧା ୨୧,୮୬୨.୦୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୧,୩୭,୦୮୩ ଗୋଟି ଗୃହ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ମଧ୍ୟରେ ବଣ୍ଟନ କରାଯାଇଅଛି । ତନ୍ମଧ୍ୟରୁ ଆଦିବାସୀ ଓ ହରିଜନ ପରିବାରମାନଙ୍କ ନିମିତ୍ତ ୧,୧୭,୫୯୪ ଗୋଟି ଗୃହ ନିର୍ମାଣ କରି ଯୋଗାଇ ଦିଆଯାଇଛି ।

**ନିଷ୍କୃତ କୂପ ଯୋଜନା :**

୧୯୯୫–୯୬ ବର୍ଷଠାରୁ ଚଳିତ ବର୍ଷ ଜାନୁଆରୀ ମାସ ଶେଷ ସୁଦ୍ଧା ଉକ୍ତ ଯୋଜନା ମାଧ୍ୟମରେ ୧୦,୫୫୨.୧୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୬୨,୧୫୨ ଗୋଟି କୂପ ମୁଖ୍ୟତଃ ଆଦିବାସୀ ଓ ହରିଜନମାନଙ୍କ ଜମିରେ ଖୋଳାଯାଇ ସେମାନଙ୍କୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଅଛି ।

**ସମନ୍ୱିତ ଗ୍ରାମ ଉନ୍ନୟନ ଯୋଜନା :**

୧୯୯୫–୯୬ ବର୍ଷଠାରୁ ଚଳିତ ବର୍ଷ ଜାନୁଆରୀ ମାସ ଶେଷ ସୁଦ୍ଧା ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ତଳେଥିବା ପରିବାରମାନଙ୍କ ନିମିତ୍ତ ୧୭,୬୨୭.୬୮ ଲକ୍ଷ ଟଙ୍କା ରିହାତି ବାବଦକୁ ଖର୍ଚ୍ଚ କରାଯାଇ ୨,୫୨,୩୮୩ ଗୋଟି ପରିବାରକୁ ଆୟ ନିଯୁକ୍ତି ଯୋଗାଇ ଦିଆଯାଇଛି । ଏଥିମଧ୍ୟରୁ ୧,୩୫,୪୫୦ ଜଣ ଆଦିବାସୀ ଓ ହରିଜନ ପରିବାର ସାହାଯ୍ୟ ପାଇଥିବା ସ୍ଥଳେ ୯୧,୦୯୬ ଜଣ ମହିଳା ଉପକୃତ ହୋଇଥାଆନ୍ତି ।

## ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମ :

୧୯୯୫–୯୬ ବର୍ଷଠାରୁ ଚଳିତ ବର୍ଷ ଜାନୁଆରୀ ମାସ ଶେଷ ସୁଦ୍ଧା ରାଜ୍ୟର ଗ୍ରାମାଞ୍ଚଳରେ ୪,୫୦୮ ଗୋଟି ମହିଳା ଗୋଷ୍ଠୀ ଗଠନ କରାଯାଇ ସେମାନଙ୍କ ପାଇଁ ଉତ୍ପାଦନକ୍ଷମ କାର୍ଯ୍ୟକ୍ରମ ନିମିତ୍ତ ୯୮୮·୫୪ ଲକ୍ଷ ଟଙ୍କା ଆବର୍ତ୍ତନ ପାଣ୍ଠି ସ୍ୱରୂପ ଯୋଗାଇ ଦିଆଯାଇଅଛି ।

## ଶ୍ରମ ଭିତ୍ତିକ ଯୋଜନା :

ଜବାହର ରୋଜଗାର ଯୋଜନା, ସଘନ ଜବାହର ରୋଜଗାର ଯୋଜନା ଓ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ୧୯୯୫–୯୬ ବର୍ଷଠାରୁ ଚଳିତ ଆର୍ଥିକ ବର୍ଷ ଜାନୁଆରୀ ମାସ ଶେଷ ସୁଦ୍ଧା ସମୁଦାୟ ୯୬,୫୧୬.୮୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୨,୧୭୫·୭୯ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଅଛି । ତନ୍ମଧ୍ୟରୁ ୧,୪୮୩·୧୦ ଲକ୍ଷ ଶ୍ରମ ଦିବସ ମାଧ୍ୟମରେ କେବଳ ଆଦିବାସୀ ଓ ହରିଜନମାନଙ୍କୁ କର୍ମନିଯୁକ୍ତି ଯୋଗାଇ ଦିଆଯାଇଅଛି ।

୧୯୯୬–୯୭ ଆର୍ଥିକ ବର୍ଷରେ ଦଶମ ଅର୍ଥ କମିଶନ ପଞ୍ଚାୟତିରାଜ ଅନୁଷ୍ଠାନ ପାଇଁ ଦେଇଥିବା ୫୦·୨୫ କୋଟି ଟଙ୍କା ଅନୁଦାନକୁ ଗ୍ରାମାଞ୍ଚଳର ଉନ୍ନତି ପାଇଁ ନିମ୍ନମତେ ଖର୍ଚ୍ଚ କରାଯାଇଅଛି ।

(୧) ଗ୍ରାମ ପଞ୍ଚାୟତ ଗୃହ ନିର୍ମାଣ—୨୦୦·୦୦ ଲକ୍ଷ

(୨) ଜିଲ୍ଲା ପରିଷଦ/ଡ଼ିଃଆରଃଡ଼ିଃଏଃ
ଗୃହ ନିର୍ମାଣ—୪୯୧·୦୭ ଲକ୍ଷ

(୩) ଗ୍ରାମ୍ୟ ସଂଯୋଗକାରୀ ରାସ୍ତା, ପୋଲ ଓ
କଲଭର୍ଟ ଇତ୍ୟାଦି—୪୩୩୩·୯୩ ଲକ୍ଷ

ସେହିପରି ଚଳିତ ଆର୍ଥିକ ବର୍ଷରେ ୫୦·୨୫ କୋଟି ଟଙ୍କା ଗ୍ରାମାଞ୍ଚଳର ଉନ୍ନତି ବାବଦରେ ଖର୍ଚ୍ଚ କରାଯିବା ଲକ୍ଷ୍ୟ ରଖାଯାଇଛି ।



ସାଲେପୁର ହରିଚନ୍ଦନପୁରଠାରେ ଚିତ୍ରୋତ୍ପଳା ନଦୀ ଉପରେ
ଚିତ୍ରୋତ୍ପଳା ସାଇଫନ ସେତୁ ଉଦ୍‌ଘାଟନ

# ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଗ୍ରଗତି

(କ) ୩,୦୦୦ ବେସରକାରୀ ହାଇସ୍କୁଲକୁ ସରକାରୀ କରାଯାଇ ୩୫,୦୦୦ ବେସରକାରୀ ଶିକ୍ଷକଙ୍କୁ ସରକାରୀ ନିଯୁକ୍ତି ଦିଆଯାଇଛି ।

(ଖ) ୧୭,୦୦୦ ପ୍ରାଥମିକ ଶିକ୍ଷକଙ୍କୁ ନିଯୁକ୍ତି ନିମନ୍ତେ ପଦକ୍ଷେପ ନିଆଯାଇଛି । ତନ୍ମଧ୍ୟରୁ ୮,୦୦୦ ଶିକ୍ଷକଙ୍କୁ ଏଥିବଧି ନିଯୁକ୍ତି ଦିଆସରିଲାଣି ।

(ଗ) କର୍ମଚାରୀ ନିଯୁକ୍ତି ପ୍ରବରଣ କମିଟି ଦ୍ୱାରା ଉପଯୁକ୍ତ ସାବ୍ୟସ୍ତ କରାଯାଇ ୧,୦୦୦ ସହକାରୀ ଶିକ୍ଷକଙ୍କୁ ହାଇସ୍କୁଲରେ ନିଯୁକ୍ତି ଦିଆଯାଇଛି ।

(ଘ) ସର୍ବନିମ୍ନ ସାକ୍ଷରତା ସ୍ତରକୁ ସଫଳ କରିବା ପାଇଁ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନ ମାଧ୍ୟମରେ ୧,୨୦,୦୦୦ ପ୍ରାଥମିକ ସ୍କୁଲ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେବା ନିମନ୍ତେ ବ୍ୟବସ୍ଥା ହୋଇଛି । ସେହିପରି ଚାକିରି କରୁଥିବା ଅଣତାଲିମପ୍ରାପ୍ତ ପ୍ରାଥମିକ ଶିକ୍ଷକମାନଙ୍କ ପାଇଁ ୫୦ ପ୍ରତିଶତ ସ୍ଥାନ ମାଧ୍ୟମିକ ପ୍ରଶିକ୍ଷଣ ନିମନ୍ତେ ସଂରକ୍ଷିତ ରହିଛି । ସେଥିରୁ ଅନୁସୂଚିତ ଜାତି ଓ ଉପଜାତିର ଅଣତାଲିମପ୍ରାପ୍ତ ଶିକ୍ଷକଙ୍କ ନିମନ୍ତେ ଅଗ୍ରାଧିକାର ଦିଆଯିବାର ସ୍ଥିର ହୋଇଛି ।

(ଙ) ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ବିତରଣର ସୁବ୍ୟବସ୍ଥା ନିମନ୍ତେ ପଦକ୍ଷେପ ନିଆଯାଇଛି । ୧୯୯୮ ମସିହାରେ ମାଧ୍ୟମିକ ଶିକ୍ଷା ପରୀକ୍ଷା କେବଳ ଦଶମ ଶ୍ରେଣୀ ପାଠ୍ୟ ଖସଡ଼ାକୁ ନେଇ ପର୍ଯ୍ୟବସିତ ହୋଇଛି । ଗଣିତ ଓ ବିଜ୍ଞାନର ପାଠ୍ୟପୁସ୍ତକ ପରିବର୍ତ୍ତିତ ହୋଇଛି । ପ୍ରଥମ ଥର ପାଇଁ ଇଂରାଜୀକୁ ତୃତୀୟ ଶ୍ରେଣୀର ପାଠ୍ୟ ଖସଡ଼ାରେ ଅଣପରୀକ୍ଷା ପାଠ୍ୟ ରୂପେ ରଖାଯାଇଛି । ସେହିପରି ଓଡ଼ିଆକୁ ସବୁ ଇଂରାଜୀ ମାଧ୍ୟମ ସ୍କୁଲମାନଙ୍କରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ବାଧ୍ୟତାମୂଳକ ବିଷୟ ରୂପେ ବିବେଚିତ କରାଯାଇଛି ।

(ଚ) ପାଠ୍ୟପୁସ୍ତକର ଚାହିଦା ମେଣ୍ଟାଇବା ପାଇଁ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ପାଠ୍ୟପୁସ୍ତକ ବିତରଣ ନିମନ୍ତେ ୧୯୯୫ରେ ନିର୍ଦ୍ଧାରିତ ଏକ କୋଟି ଜାତୀୟକରଣ ପୁସ୍ତକ ବିତରଣ ବ୍ୟବସ୍ଥା ଥିଲାବେଳେ ୧୯୯୮ରେ ଦୁଇ କୋଟିକୁ ବୃଦ୍ଧି କରାଯାଇଛି । ସେହିପରି ପଡ଼ୋଶୀ ରାଜ୍ୟ ଆନ୍ଧ୍ର ଓ ପଶ୍ଚିମ ବଙ୍ଗରେ ରହୁଥିବା ଓଡ଼ିଆ ଛାତ୍ରମାନଙ୍କର ସୁବିଧା ନିମନ୍ତେ ଓଡ଼ିଆ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଇଛି । ଗୁଜରାଟ, ବିହାର ଓ ମହାରାଷ୍ଟ୍ର ରାଜ୍ୟଗୁଡ଼ିକ ଏହି ପାଠ୍ୟପୁସ୍ତକକୁ ଆମ ରାଜ୍ୟରୁ କିଣି ସେମାନଙ୍କ ରାଜ୍ୟର ଏହି ଚାହିଦା ମେଣ୍ଟାଇଛନ୍ତି ।

(ଛ) ବିଶ୍ୱ ବ୍ୟାଙ୍କ୍ ଓ ଭାରତ ସରକାରଙ୍କ ସହାୟତାରେ ନାରୀ ସ୍ୱାକ୍ଷରତା ହାର ଏବଂ ଆଦିବାସୀ ଅଞ୍ଚଳରେ ପାଠ ଛାଡୁଥିବା ଛାତ୍ରମାନଙ୍କର ପ୍ରାଥମିକ ଶିକ୍ଷାର ବିକାଶ ନିମନ୍ତେ ୧୯୯୫ରୁ ୮ଟି ଜିଲ୍ଲାରେ ଏହାର ବିସ୍ତୃତ କାର୍ଯ୍ୟକ୍ରମ ପ୍ରଚ୍ଛର କରିବା ପାଇଁ ଓଡ଼ିଶା ପ୍ରାଥମିକ ଶିକ୍ଷା ପ୍ରକଳ୍ପ ଗଠନ କରାଯାଇ ଏହା ମାଧ୍ୟମରେ ଆସନ୍ତା ୭ ବର୍ଷରେ ଏହି କାର୍ଯ୍ୟକ୍ରମ ସାରିବା ପାଇଁ ବ୍ୟବସ୍ଥା ହୋଇଛି ।

(ଜ) ପ୍ରାଥମିକ ଶିକ୍ଷକମାନଙ୍କର ଚାକିରିର ଉନ୍ନତି ଓ ସୁପରିଚାଳନା ନିମନ୍ତେ ୧୯୯୭ରେ ତାଙ୍କର ନିଯୁକ୍ତି ପଦ୍ଧତି ଓ ସର୍ତ୍ତାବଳୀ ଆଇନ ପ୍ରଣୟନ କରାଯାଇଛି ।

# ଓଡ଼ିଶାରେ ମତ୍ସ୍ୟ ଉନ୍ନୟନ କାର୍ଯ୍ୟକ୍ରମ

ଓଡ଼ିଶାରେ ପ୍ରଚୁର ସାମୁଦ୍ରିକ, ମଧୁର ପାଣି ଓ ଖାରିପାଣି ମତ୍ସ୍ୟ ସମ୍ପଦ ରହିଛି । ସୁଷମ ଉପାଦେୟ ଖାଦ୍ୟ ପାଇବା ପାଇଁ ଓ ଗ୍ରାମାଞ୍ଚଳରେ ଆତ୍ମନିଯୁକ୍ତିର ସୁବିଧା ଯୋଗେଇବାକୁ ଏବଂ ବୈଦେଶିକ ବିନିମୟ ମୁଦ୍ରା ଉପାର୍ଜନ ନିମିତ୍ତ ବୈଜ୍ଞାନିକ ଜ୍ଞାନ କୌଶଳର ପ୍ରୟୋଗ କରାଯାଇ ଉକ୍ତ ବିପୁଳ ମତ୍ସ୍ୟ ସମ୍ପଦର ବିକାଶ କରାଯାଉଛି ।

ମତ୍ସ୍ୟ ଉନ୍ନୟନ ନିମିତ୍ତ ୧୯୯୫–୯୬ରୁ ୧୯୯୭–୯୮ ଆର୍ଥିକ ବର୍ଷର ଯୋଜନା ବ୍ୟୟ ଅଟକଳ ଓ ମୋଟ ବ୍ୟୟ ନିମ୍ନରେ ପ୍ରଦତ୍ତ ହେଲା ।

| ବର୍ଷ | ଯୋଜନା ବ୍ୟୟ ଅଟକଳ (ଲକ୍ଷ ଟଙ୍କା ହିସାବରେ) | ସମୁଦାୟ ବ୍ୟୟ (ଲକ୍ଷ ଟଙ୍କା ହିସାବରେ) |
|---|---|---|
| ୧୯୯୫–୯୬ | ୧୭୫୪·୦୦ | ୧୨୨୩·୩୦ |
| ୧୯୯୬–୯୭ | ୧୪୦୯·୭୪ | ୧୨୪୭·୬୫ |
| ୧୯୯୭–୯୮ | ୧୭୬୪·୧୧ | ୫୦୫·୬୭ |

(ଜାନୁୟାରୀ ୯୮ ଶେଷ ସୁଦ୍ଧା)

ରାଜ୍ୟର ମଧୁରପାଣି ଓ ସାମୁଦ୍ରିକ ମତ୍ସ୍ୟ ଉନ୍ନୟନର ମୁଖ୍ୟ ବିଷୟ ୧୯୯୫–୯୬, ୧୯୯୬–୯୭, ୧୯୯୭–୯୮ ଆର୍ଥିକ ବର୍ଷ ପାଇଁ ନିମ୍ନରେ ଉଲ୍ଲେଖ କରାଗଲା :—

## ଅନ୍ତର୍ଦେଶୀୟ ମତ୍ସ୍ୟ ଉନ୍ନୟନ :

ମଧୁର ଜଳ ଓ ଖାରି ପାଣି ପୋଖରୀ, ଜଳ ଭଣ୍ଡାର, ହ୍ରଦ, ନଦୀ, ନାଳ ଓ ନଦୀ ମୁହାଣ ଆଦି ଓଡ଼ିଶାର ଅନ୍ତର୍ଦେଶୀୟ ମତ୍ସ୍ୟ ସମ୍ପଦର ଅନ୍ତର୍ଭୁକ୍ତ । ବର୍ତ୍ତମାନ ବୈଜ୍ଞାନିକ ପ୍ରଣାଳୀରେ ପୋଖରୀରେ ମାଛ ଚାଷ ଆଧୁନିକ ଉପାୟରେ ଉତ୍ପାଦନ ଓ ଉତ୍ପାଦନ ପରବର୍ତ୍ତୀ କୌଶଳ ପ୍ରବର୍ତ୍ତନ ଯୋଗୁଁ ମଧୁର ଜଳ ମାଛ ଉତ୍ପାଦନ ୧୯୯୫–୯୬ ଆର୍ଥିକ ବର୍ଷରେ ୧,୩୪,୮୪୪ ମେଟ୍ରିକ୍ ଟନ୍ ଏବଂ ୧୯୯୬–୯୭ ଆର୍ଥିକ ବର୍ଷରେ ୧,୫୩,୪୯୬ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି । ୧୯୯୭–୯୮ ଆର୍ଥିକ ବର୍ଷରେ ମଧୁର ଜଳ ମତ୍ସ୍ୟ ଉତ୍ପାଦନ ୧,୬୦,୦୦୦ ମେଟ୍ରିକ୍ ଟନ୍‌କୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ଜାନୁୟାରୀ ୧୯୯୮ ଶେଷ ସୁଦ୍ଧା ୧,୦୬,୬୨୧ ମେଟ୍ରିକ୍ ଟନ୍ ଉତ୍ପାଦିତ ହୋଇଛି ଏବଂ ମାର୍ଚ୍ଚ ୧୯୯୮ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବାର ସମ୍ଭାବନା ଅଛି ।

### (କ) ମାଛ ଜାଆଁଳ ଉତ୍ପାଦନ

ରାଜ୍ୟରେ କ୍ରମ ବର୍ଦ୍ଧିଷ୍ଣୁ ମାଛ ଜାଆଁଳ ଚାହିଦା ମେଣ୍ଟାଇବା ପାଇଁ ୧୯ ଗୋଟି ବିଭାଗୀୟ ହ୍ୟାଚେରୀ ଏବଂ ଓଡ଼ିଶା ମତ୍ସ୍ୟ ଜାଆଁଳ ଉନ୍ନୟନ ନିଗମର ୫ ଗୋଟି ହ୍ୟାଚେରୀରୁ ପ୍ରଭାବିତ ପ୍ରଜନନ ପ୍ରଣାଳୀ ଅବଲମ୍ବନରେ ବିଶୁଦ୍ଧ ମାଛ ଜାଆଁଳ ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଆରୋପ କରାଯାଇଛି । ଘରୋଇ କ୍ଷେତ୍ରରେ ଅନୁରୂପ ପ୍ରଚେଷ୍ଟା କରାଯାଇଛି । ୧୯୯୫–୯୬ ଓ ୧୯୯୬–୯୭ ଆର୍ଥିକ ବର୍ଷରେ ଯଥାକ୍ରମେ ୨୧୨୧·୧୯ ଲକ୍ଷ ଏବଂ ୨୧୧୭·୭୨ ଲକ୍ଷ ବିଶୁଦ୍ଧ ଗୁଣ୍ଡ ଜାଆଁଳ ରାଜ୍ୟରେ ଉତ୍ପାଦିତ ହୋଇଛି । ୧୯୯୭–୯୮ ଆର୍ଥିକ ବର୍ଷରେ ୨,୪୦୨ ଲକ୍ଷ ଜାଆଁଳ ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ଏ ପର୍ଯ୍ୟନ୍ତ ୨,୨୮୪ ଲକ୍ଷ ଜାଆଁଳ ଉତ୍ପାଦନ କରାଯାଇଛି ।

### (ଖ) ମତ୍ସ୍ୟ ଚାଷୀ ଉନ୍ନୟନ ସଂସ୍ଥା

ରାଜ୍ୟରେ ୨୭ ଗୋଟି ଜିଲ୍ଲାରେ ଏ ପର୍ଯ୍ୟନ୍ତ ୨୭ ଗୋଟି ମତ୍ସ୍ୟ ଚାଷୀ ଉନ୍ନୟନ ସଂସ୍ଥା ସ୍ଥାପିତ ହୋଇଛି । ୧୯୯୫–୯୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୪,୮୪୭·୬୧ ହେକ୍ଟର ପରିମିତ ମଧୁର ଜଳ ପୋଖରୀର ଉନ୍ନୟନ କରାଯାଇଛି ଏବଂ ଏହି ସଂସ୍ଥା ଦ୍ୱାରା ବୈଜ୍ଞାନିକ କୌଶଳରେ ମାଛ ଚାଷ କରିବାକୁ ୩୯,୮୧୮ ଜଣ ମାଛ ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଇଛି । ୧,୦୫,୬୬୯ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି ଏବଂ ୧୯୯୫–୯୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୨୮୩ ଲକ୍ଷ ଟଙ୍କା ରିହାତି ଆକାରରେ ଦିଆଯାଇଛି । ୧୯୯୬–୯୭ ଓ ୧୯୯୭–୯୮ (ଜାନୁୟାରୀ ୧୯୯୮ ଶେଷ ସୁଦ୍ଧା) ଆର୍ଥିକ ବର୍ଷରେ ଯଥାକ୍ରମେ ୨୪୮୬·୯୭ ହେକ୍ଟର ଓ ୨୧୨୩·୩୩ ହେକ୍ଟର ଆୟତନର ଜଳାଶୟକୁ ଉନ୍ନୟନ କରାଯାଇଛି ଏବଂ ୨,୦୦୪ ଓ ୮୩୧ ଜଣ ମାଛ ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଇଛି । ୪,୬୫୫ ଓ ୩,୪୧୩ ଜଣ ହିତାଧିକାରୀ ଯଥାକ୍ରମେ ଉପକୃତ ହୋଇଛନ୍ତି ।

## (ଗ) ଜଳ ଭଣ୍ଡାରରୁ ମତ୍ସ୍ୟ ଉତ୍ପାଦନ

ବହୁ ସଂଖ୍ୟକ ମତ୍ସ୍ୟଜୀବୀଙ୍କୁ ଆତ୍ମନିଯୁକ୍ତିର ସୁବିଧା ଯୋଗେଇବା ସହାଶେ ଓ ମତ୍ସ୍ୟ ଉତ୍ପାଦନ ଅଭିବୃଦ୍ଧି ନିମିତ୍ତ ବିଶ୍ୱ ବ୍ୟାଙ୍କ୍ ସହାୟତାରେ ଜଳ ଭଣ୍ଡାର ମତ୍ସ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଅନୁଯାୟୀ ରାଜ୍ୟର ଜଳ ଭଣ୍ଡାରଗୁଡ଼ିକ ମତ୍ସ୍ୟ ଚାଷ ପାଇଁ ହାତକୁ ନିଆଯାଇଛି । ଏହି ପ୍ରକଳ୍ପ ଅଧୀନରେ ୪୧ଟି ଜଳ ଭଣ୍ଡାରକୁ ଅନ୍ତର୍ଭୁକ୍ତ କରାଯାଇଛି । ଉକ୍ତ ଜଳ ଭଣ୍ଡାରରେ ୧୦୨-୪୮ ଲକ୍ଷ ଆଙ୍ଗୁଳିକିଆ ବଡ଼ ଜାଆଁଳ ଛଡ଼ାଯାଇଛି । ଜଳ ଭଣ୍ଡାରରୁ ମାଛ ଧରିବା ପାଇଁ ୪୧ ଗୋଟି ମତ୍ସ୍ୟଜୀବୀ ସମବାୟ ସମିତି ଗଠନ କରାଯାଇଛି । ଏହି ସମିତିର ସଭ୍ୟ ସଂଖ୍ୟା ହେଲା ୧,୦୪୪ ଜଣ । ଆନୁଷଙ୍ଗିକ ସୁବିଧା ସ୍ୱରୂପ ୪ କି.ମି. ଦୀର୍ଘ ସଂଯୋଗ ରାସ୍ତା ଓ ୧୫ ଗୋଟି ମାଛ ରଖିବା ଗୃହ ଯୋଗେଇ ଦିଆଯାଇଛି । ଏହି ସମବାୟ ଯୋଜନାରେ ୨୨୧ଟି ମାଛଧରା ବୋଟ ଓ ୯,୦୮୦ କି.ଗ୍ରା. ଓଜନର ମାଛଧରା ଜାଲ ମଧ୍ୟ ଦିଆଯାଇଛି ।

## (ଘ) ମଧୁର ପାଣି ଚିଙ୍ଗୁଡ଼ି ଚାଷ

ରାଜ୍ୟରେ ଏମ୍‌. ମାଲକମୋନି ଓ ଏମ୍‌. ରୋଜନବର୍ଗୀ ନାମକ ଦୁଇ କିସମର ମଧୁର ପାଣି ଚିଙ୍ଗୁଡ଼ିର ମାଛ ସହ ମିଶ୍ରିତ ଚାଷ ଏଥିପାଇଁ ପୋଖରୀରେ ପ୍ରଚଳିତ ହେବା ପରଠାରୁ ଏଥିରୁ ଲାଭ ଦେଖି ମାଛ ଚାଷୀଙ୍କର ପ୍ରବଳ ଆଗ୍ରହ ସୃଷ୍ଟି ହୋଇଛି । ୧୯୯୫-୯୬ ଓ ୧୯୯୬-୯୭ ଆର୍ଥିକ ବର୍ଷରେ ଯଥାକ୍ରମେ ୧,୬୬୬ ଓ ୯୮୯ ଜଣ ଚାଷୀ ଏହି ସୁବିଧା ଅନୁସାରେ ୬୮୩-୬୭ ହେକ୍ଟର ଓ ୩୯୧-୪୦ ହେକ୍ଟର ଆୟତନ ପୋଖରୀରେ ଯଥାକ୍ରମେ ୬୦-୭୧ ଲକ୍ଷ ଓ ୩୮-୫୯ ଲକ୍ଷ ଚିଙ୍ଗୁଡ଼ି ଜାଆଁଳ ଛାଡ଼ିଛନ୍ତି । ୧୯୯୭-୯୮ ଆର୍ଥିକ ବର୍ଷରେ ୮୬ ଲକ୍ଷ ଚିଙ୍ଗୁଡ଼ି ଜାଆଁଳ ଛାଡ଼ିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ଏ ପର୍ଯ୍ୟନ୍ତ ୭୦-୭୨ ଲକ୍ଷ ଚିଙ୍ଗୁଡ଼ି ଜାଆଁଳ ଛଡ଼ାଯାଇଛି ।

## (ଙ) ଖାରି ପାଣି ମତ୍ସ୍ୟ ଚାଷ ଉନ୍ନୟନ ସଂସ୍ଥା

ଖାରି ପାଣି ଚିଙ୍ଗୁଡ଼ି ଚାଷର ବିକାଶ ଘଟାଇବା ନିମିତ୍ତ ରାଜ୍ୟର ସାତଗୋଟି ଉପକୂଳ ଜିଲ୍ଲାରେ ୬ଟି ଖାରି ପାଣି ମତ୍ସ୍ୟ ଚାଷ ଉନ୍ନୟନ ସଂସ୍ଥା ସ୍ଥାପିତ ହୋଇଛି । ୧୯୯୫-୯୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧୨,୬୩୭-୧୫ ହେକ୍ଟର ଆୟତନର ଖାରି ଜଳାଶୟର ଉନ୍ନୟନ କରାଯାଇଛି । ୮,୮୯୮ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି ଓ ଏହି ସଂସ୍ଥା ଦ୍ୱାରା ୩,୩୬୦ ଜଣ ଚିଙ୍ଗୁଡ଼ି ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଇଛି । ୧୯୯୭-୯୮ ଆର୍ଥିକ ବର୍ଷରେ (ଜାନୁୟାରୀ ୧୯୯୮ ଶେଷ ସୁଦ୍ଧା) ୧୨,୬୩୯-୦୭ ହେକ୍ଟର ଆୟତନର ଖାରି ଜଳାଶୟର ଉନ୍ନୟନ କରାଯାଇଛି, ୮,୯୬୭ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି ଓ ଆଧୁନିକ ପ୍ରଣାଳୀରେ ଚିଙ୍ଗୁଡ଼ି ଚାଷ କରିବାକୁ ୩,୬୬୫ ଜଣ ଚିଙ୍ଗୁଡ଼ି ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଇଛି ।

## (ଚ) ବିଶ୍ୱ ବ୍ୟାଙ୍କ୍ ପ୍ରକଳ୍ପ ସହାୟତାରେ ଚିଙ୍ଗୁଡ଼ି ଚାଷ

ବିଶ୍ୱ ବ୍ୟାଙ୍କ୍ ସହାୟତାରେ ମତ୍ସ୍ୟ ଉନ୍ନୟନ ନିମିତ୍ତ ୧୦୮-୫୫ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ନୂତନ ଯୋଜନା ୧୯୯୨-୯୩ ଆର୍ଥିକ ବର୍ଷଠାରୁ ରାଜ୍ୟରେ ପ୍ରବର୍ତ୍ତିତ ହୋଇଛି । ପ୍ରକଳ୍ପର ଅବଧି ଶେଷ ସୁଦ୍ଧା ୧୨୦୦ ମେ. ଟନ୍ ଚିଙ୍ଗୁଡ଼ି ଉତ୍ପାଦନ ଲକ୍ଷ୍ୟ ରଖି ୮୬୩ ହେକ୍ଟର ଆୟତନର ଖାରି ଜଳାଶୟର ଉନ୍ନୟନ ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ଅଟେ । ତିନୋଟି କ୍ଷେତ୍ରର ୨୩ ଶହ ହେକ୍ଟର ଆୟତନର ଖାରି ଜଳାଶୟକୁ ବିଶଦ ସର୍ବେକ୍ଷଣ କରାଯାଇଛି ଏବଂ ୬୬୫୦ ଚାଷୀ ପରିବାରକୁ ଚିହ୍ନଟ କରାଯାଇଛି । ୪୮୬ଟି ଖାରିପାଣି ପୋଖରୀର ନିର୍ମାଣ କାର୍ଯ୍ୟ ଚାଲିଛି । ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଗୋପାଳପୁର ନିକଟସ୍ଥ ଭେଙ୍କଟପୁରଠାରେ ଚିଙ୍ଗୁଡ଼ି ହ୍ୟାଚେରୀ ପ୍ରତିଷ୍ଠା ପାଇଁ ସ୍ଥିର କରାଯାଇଛି ଏବଂ ଉକ୍ତ ସ୍ଥାନକୁ ରାଜସ୍ୱ ବିଭାଗଠାରୁ ନିଆଯାଇଛି ।

## ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ

ରାଜ୍ୟରେ ଉପକୂଳ ରେଖା ୪୮୦ କି.ମି. ପର୍ଯ୍ୟନ୍ତ ବିସ୍ତୃତ ଏବଂ ପ୍ରାଚୁର୍ଯ୍ୟପୂର୍ଣ୍ଣ ସାମୁଦ୍ରିକ ମତ୍ସ୍ୟ ସମ୍ପଦର ଉତ୍ତୋଳନ ପାଇଁ ୪୮୪୧ଟି ଯାନ୍ତ୍ରିକ ଓ ଇଞ୍ଜିନ୍ ଖଞ୍ଜା ମାଛଧରା ପୋତ ଓ ୮୩୬୩ଟି ଦେଶୀ ମାଛଧରା ଡଙ୍ଗା ଉପକୂଳାଞ୍ଚଳରେ ମାଛଧରା କାର୍ଯ୍ୟ କରୁଛି । ୧୯୯୫-୯୬ ଆର୍ଥିକ ବର୍ଷରେ ୧,୨୩,୧୯୯ ମେ.ଟନ୍ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ହୋଇଛି ଏବଂ ୧୯୯୬-୯୭ରେ ୧,୩୩,୫୬୨ ମେ.ଟନ୍ ମାଛ ଧରା ଯାଇଛି । ୧୯୯୭-୯୮ ଆର୍ଥିକ ବର୍ଷରେ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ୧,୫୬,୦୦୦ ମେ.ଟନ୍ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ଜାନୁୟାରୀ ୯୮ ଶେଷ ସୁଦ୍ଧା ୧,୨୦ ୦୬୦ ମେ.ଟନ୍ ମାଛ ଉତ୍ପାଦିତ ହୋଇଛି । ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବାର ଆଶା କରାଯାଇଛି ।

## (କ) ମତ୍ସ୍ୟ ଅବତରଣ କେନ୍ଦ୍ର ନିର୍ମାଣ

୧୯୯୫-୯୬ ଆର୍ଥିକ ବର୍ଷରେ ଜଗତ୍‌ସିଂହପୁର ଜିଲ୍ଲାର ବଳିଆରଠାରେ, କେନ୍ଦ୍ରାପଡ଼ା ଜିଲ୍ଲାର ଖଣ୍ଡିଆପାଟଣାଠାରେ, ଖୋର୍ଦ୍ଧା ଜିଲ୍ଲାର ବାଲିପାଟପୁର/ଭୁଷଣ୍ଡପୁରଠାରେ ଏବଂ ଗଞ୍ଜାମ ଜିଲ୍ଲାର ସୋରଡ଼ାଠାରେ କ୍ଷୁଦ୍ର ମତ୍ସ୍ୟ ଅବତରଣ କେନ୍ଦ୍ର ସ୍ଥାପନ କରାଯାଇଛି ।

କେନ୍ଦ୍ରାପଡ଼ା ଜିଲ୍ଲାର ଖରନାସୀଠାରେ କ୍ଷୁଦ୍ର ମତ୍ସ୍ୟ ଅବତରଣ କେନ୍ଦ୍ରର ନିର୍ମାଣ ସରିଛି । କେନ୍ଦ୍ରାପଡ଼ା ଜିଲ୍ଲାର ତାଣ୍ଡିଆପାଳ ଓ ବାଲେଶ୍ୱର ଜିଲ୍ଲାର ବାହାବଳପୁରଠାରେ ମତ୍ସ୍ୟ ଅବତରଣ କେନ୍ଦ୍ର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି । କୀଉନୀଆର ତାଳଶରୀ, ପେଷକଟା ଓ ଗୋପାଳପୁର

ବେଳାଭୂମିଠାରେ ମତ୍ସ୍ୟ ଅବତରଣ କେନ୍ଦ୍ର ନିର୍ମାଣ ପାଇଁ ଭାରତ ସରକାରଙ୍କଠାରୁ ପ୍ରଶାସନିକ ଅନୁମୋଦନ ମିଳିସାରିଛି ଏବଂ ପାଣ୍ଠି ଯୋଗାଣ ପରେ କାର୍ଯ୍ୟଟି ଶୀଘ୍ର ଆରମ୍ଭ ହେବ ।

### (ଖ) ଦେଶୀ ମାଛଧରା ପୋତ ଯାନ୍ତ୍ରୀକରଣ

କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଅଧୀନରେ ଶତକଡ଼ା ୫୦ ଭାଗ କେନ୍ଦ୍ରୀୟ ଅନୁଦାନ ପୂର୍ବକ ଦେଶୀ ମାଛଧରା ଡଙ୍ଗାକୁ ଯାନ୍ତ୍ରୀକରଣ ଲାଗି ତଫସିଲଭୁକ୍ତ ମତ୍ସ୍ୟଜୀବୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ଏଥିପାଇଁ ଆଉଟ୍‌ବୋର୍ଡ଼ ଇଞ୍ଜିନ୍ ଯୋଗାଇ ଦିଆଯାଉଛି । ୧୯୯୬–୯୭ ଆର୍ଥିକ ବର୍ଷରେ ୧୦୦ଟି ଦେଶୀ ଡଙ୍ଗାକୁ ଯାନ୍ତ୍ରୀକରଣ କରାଯାଇଛି ଏବଂ ୧୯୯୭–୯୮ ଆର୍ଥିକ ବର୍ଷରେ ୧୩୦ଟି ଦେଶୀ ଡଙ୍ଗାକୁ ଯାନ୍ତ୍ରୀକରଣ ଲାଗି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।

### (ଗ) ଡିଜେଲ ତେଲ ଉପରୁ ଅବକାରୀ ଶୁଳ୍କ ଛାଡ଼

୨୦ ମିଟର ଦୀର୍ଘରୁ କମ୍ ଆକାରର ମାଛଧରା ପୋତରେ ସମବାୟ ଓ ନିଗମ ପରିଚାଳିତ ଡ଼ିଜେଲ ଯୋଗାଣ କେନ୍ଦ୍ରମାନଙ୍କରୁ ବ୍ୟବହୃତ ଡ଼ିଜେଲ ଉପରୁ କେନ୍ଦ୍ରୀୟ ଅବକାରୀ ଶୁଳ୍କ ଛାଡ଼ କାର୍ଯ୍ୟକ୍ରମ ରାଜ୍ୟରେ ପ୍ରବର୍ତ୍ତିତ ହୋଇଛି । ୧୯୯୫–୯୬ ଆର୍ଥିକ ବର୍ଷରେ ଏଥିପାଇଁ ୨୫ ଲକ୍ଷ ଟଙ୍କା ରିହାତି ପ୍ରଦାନ କରାଯାଇଛି ଏବଂ ୧୯୯୭–୯୮ ବର୍ଷ ପାଇଁ ଏହି ଉଦ୍ଦେଶ୍ୟରେ ୭୫ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି ।

### (ଘ) ଜାତୀୟ କଲ୍ୟାଣ ପାଣ୍ଠି

ମତ୍ସ୍ୟଜୀବୀଙ୍କର ସର୍ବନିମ୍ନ ଆବଶ୍ୟକତା ପୂରଣ ଲାଗି ରାଜ୍ୟରେ ଜାତୀୟ କଲ୍ୟାଣ ପାଣ୍ଠି ନାମକ ଏକ କାର୍ଯ୍ୟକ୍ରମ ପ୍ରବର୍ତ୍ତିତ ହୋଇଛି । ଏହି କାର୍ଯ୍ୟକ୍ରମ ଅଧୀନରେ ସ୍ୱଳ୍ପ ମୂଲ୍ୟ ବାସଗୃହ, ପାନୀୟଜଳ ସୁବିଧା, ବିଶ୍ରାମଗୃହ ଆବଶ୍ୟକ କରୁଥିବା ମତ୍ସ୍ୟଜୀବୀଙ୍କୁ ଯୋଗାଇ ଦିଆଯାଉଛି । ୨୧୪ଟି ସ୍ୱଳ୍ପ ମୂଲ୍ୟ ବାସଗୃହ ଓ ଦଶଗୋଟି ନଳକୂପ ଯୋଗେଇ ଦେବାକୁ ବ୍ୟବସ୍ଥା ହୋଇଛି । ତନ୍ମଧ୍ୟରୁ ୬୨ଟି ଗୃହ ନିର୍ମାଣ ସରିଛି ଓ ୧୦୨ଟି ଗୃହ ନିର୍ମାଣ ଚାଲିଛି । ଅବଶିଷ୍ଟ ୫୦ଟି ଗୃହ ଓ ୧୦ ଗୋଟି ନଳକୂପ ନିର୍ମାଣ ଶୀଘ୍ର ଆରମ୍ଭ ହେବ ।

### (ଙ) ମତ୍ସ୍ୟଜୀବୀ ଦୁର୍ଘଟଣା ବୀମା

ଦୁର୍ଘଟଣା ବୀମା ଯୋଜନା ଅଧୀନରେ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ସହାୟତା ଦେବାଲାଗି ୧,୦୦,୦୦୦ ମତ୍ସ୍ୟଜୀବୀଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । ୧୯୯୫–୯୬ ଆର୍ଥିକ ବର୍ଷରେ ୮ ଜଣ ଅକର୍ମଣ୍ୟ ଏବଂ ୧୪ ଜଣ ଦୁର୍ଘଟଣାରେ ମୃତ ପରିବାର ଉପକୃତ ହୋଇଛନ୍ତି ଓ ୪.୫୦ ଲକ୍ଷ ଟଙ୍କା ଏମାନଙ୍କୁ ବିତରଣ କରାଯାଇଛି । ୧୯୯୬–୯୭ ଆର୍ଥିକ ବର୍ଷରେ ଜଣେ ଅକର୍ମଣ୍ୟ ଏବଂ ୧୭ ଜଣ ମୃତବ୍ୟକ୍ତିଙ୍କ ସପକ୍ଷରେ ୪.୩୭ ଲକ୍ଷ ଟଙ୍କା ବିତରଣ କରାଯାଇଛି । ୧୯୯୭–୯୮ ଆର୍ଥିକ ବର୍ଷରେ ଏହି କାର୍ଯ୍ୟକ୍ରମରେ ୧,୦୦,୦୦୦ ମତ୍ସ୍ୟଜୀବୀଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

### (ଚ) ସଞ୍ଚୟ ଓ ସାହାଯ୍ୟ ଯୋଜନା

ବର୍ଷର ଆଠମାସ ମାନ୍ଦା ମାଛଧରା ସମୟରେ ଦରିଦ୍ର ମତ୍ସ୍ୟଜୀବୀଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ଏହି କେନ୍ଦ୍ରିୟ ଯୋଜନା ପ୍ରବର୍ତ୍ତିତ ହୋଇଛି । ୧୯୯୫–୯୬ ଆର୍ଥିକ ବର୍ଷରେ ୪୭୦୦ ଜଣ ମତ୍ସ୍ୟଜୀବୀ ଏଥିରେ ଉପକୃତ ହୋଇଛନ୍ତି ଏବଂ ରାଜ୍ୟ ଅଂଶ ସ୍ୱରୂପ ୩୩.୮୪ ଲକ୍ଷ ଟଙ୍କା ବିତରଣ କରାଯାଇଛି । ୧୯୯୭–୯୮ ଆର୍ଥିକ ବର୍ଷରେ ୨୨୭ ଜଣ ମତ୍ସ୍ୟଜୀବୀ ଉପକୃତ ହେବାପାଇଁ ୨ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି ।

### (ଛ) ମାଛ ଶୁଖେଇବା ଖୋଲା ଥାକ ଯୋଗାଣ

ଅସ୍ୱାସ୍ଥ୍ୟ ପ୍ରଣାଳୀରେ ମାଛରୁ ଶୁଖୁଆ ପ୍ରସ୍ତୁତ କରୁଥିବା ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ସହାୟତା ଦେବା ଉଦ୍ଦେଶ୍ୟରେ ପ୍ରତି ମହିଳା ମତ୍ସ୍ୟଜୀବୀଙ୍କୁ ୨ଟି ଲେଖାଏ ହିସାବରେ ୧୯୯୫–୯୬ ଆର୍ଥିକ ବର୍ଷରେ ମାଛ ଶୁଖେଇବା ଖୋଲା ଥାକ ଯୋଗାଇ ଦିଆଯାଇଛି । ଏହି ବର୍ଷରେ ୨୦୦ ଜଣ ମହିଳା ମତ୍ସ୍ୟଜୀବୀ ଉପକୃତ ହୋଇଛନ୍ତି ।

### (ଛ) ମାଛ ବିକ୍ରିବଟା ନିମିତ୍ତ ପରିବହନ ବାକ୍ସ ଯୋଜନା

ସହଜରେ ମାଛ ପରିବହନ ଏବଂ ବରଫ ଦେଇ ମାଛ ସଂରକ୍ଷଣଲାଗି ରାଜ୍ୟରେ ଆଲୁମିନିଅମ ପରିବହନ ବାକ୍ସ ଯୋଗାଣ କାର୍ଯ୍ୟକ୍ରମ ପ୍ରବର୍ତ୍ତିତ ହୋଇଛି । ଏହିବର୍ଷ ଏକ ଲକ୍ଷ ଟଙ୍କା ବିନିମୟରେ ୨୦୦ଟି ମାଛ ପରିବହନ ବାକ୍ସ ୨୦୦ ଜଣ ହିତାଧିକାରୀଙ୍କୁ ଯୋଗାଇ ଦିଆଯାଇଛି ।

### (୩) ମତ୍ସ୍ୟ ସମବାୟ

ଆଭ୍ୟନ୍ତରୀଣ ଓ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ କାର୍ଯ୍ୟରେ ନିୟୋଜିତ ଦରିଦ୍ର ମତ୍ସ୍ୟଜୀବୀଙ୍କର ସାମାଜିକ–ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ ୬୨୬ ଗୋଟି ମତ୍ସ୍ୟଜୀବୀ ସମବାୟ ସମିତି ଗଠନ କରାଯାଇଛି । ଉକ୍ତ ସମିତିର ସଭ୍ୟ ସଂଖ୍ୟା ୬୯,୮୬୯ ଜଣ । ମତ୍ସ୍ୟଜୀବୀ ସମବାୟ ସମିତିର ଆବଶ୍ୟକତା ପୂରଣ ଲାଗି ଓଡ଼ିଶା ମତ୍ସ୍ୟଜୀବୀ ସମବାୟ ମହାସଙ୍ଘ ପ୍ରତିଷ୍ଠା କରାଯାଇଛି ।

# ଶ୍ରମ ଓ ନିଯୋଜନ ବିଭାଗର କାର୍ଯ୍ୟାବଳୀ

ବିର୍ତ୍ତମାନର ସରକାର ବିଗତ ୩ ବର୍ଷ ମଧ୍ୟରେ ଶ୍ରମ ଓ ନିଯୋଜନ ବିଭାଗ ଆନୁକୂଲ୍ୟରେ ଶ୍ରମ କଲ୍ୟାଣ ଓ ପ୍ରଶାସନ, କାରଖାନା ଓ ବାଷ୍ପିତ ନିରୀକ୍ଷଣ, ବେକାରମାନଙ୍କୁ ନିଯୋଜନ ଓ ଶ୍ରମିକମାନଙ୍କର ସାମାଜିକ ସୁରକ୍ଷା କ୍ଷେତ୍ରରେ ଅନେକ ଆଣ୍ଠୁଭୁଣିଆ ,ସଫଳ କାର୍ଯ୍ୟକ୍ରମମାନ ଗ୍ରହଣ କରିଥାଇଛନ୍ତି । ଏହା ଦ୍ୱାରା ସମଗ୍ର ରାଜ୍ୟର କଳକାରଖାନାରେ କାର୍ଯ୍ୟ କରୁଥିବା ବହୁ ସଙ୍ଗଠିତ ଶ୍ରମଜୀବୀ ଓ କୃଷିକ୍ଷେତ୍ରଠାରୁ ଆରମ୍ଭ କରି ବିଭିନ୍ନ ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମଜୀବିମାନେ ବହୁଧା ଉପକୃତ ହେବା ସଙ୍ଗେ ସଙ୍ଗେ ସେମାନଙ୍କର ସାମାଜିକ, ଅର୍ଥନୈତିକ, ଶିକ୍ଷା ଏବଂ ସାମ୍ପ୍ରତିକ କ୍ଷେତ୍ରରେ ଏକ ନିଶ୍ଚୟାତ୍ମକ ଉନ୍ନତି ପରିଲକ୍ଷିତ ହେଉଛି ।

ରାଜ୍ୟରେ ଦୈନିକ କାର୍ଯ୍ୟ କରୁଥିବା ଏକକୋଟି ଅଠର ଲକ୍ଷ କାର୍ଯ୍ୟରତ ଶ୍ରମିକମାନଙ୍କର କଲ୍ୟାଣ ନିମନ୍ତେ ଓଡ଼ିଶା କଲ୍ୟାଣ ପାଣ୍ଠି ବିଲ୍ ୧୯୯୬ ବିଧାନ ସଭାରେ ଉପସ୍ଥାପନ କରି ସରକାର ଶ୍ରମ କଲ୍ୟାଣ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ଅଧିନିୟମଟି ରାଷ୍ଟ୍ରପତିଙ୍କ ସ୍ୱୀକୃତି ଅପେକ୍ଷାରେ ରହିଅଛି । ଏହା କାର୍ଯ୍ୟକାରୀ ହେଲେ ଅଣ ସାଙ୍ଗଠନିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ବିଭିନ୍ନ ବୈଧାନିକ ବ୍ୟବସ୍ଥାର ସୁବିଧା ସୁଯୋଗ ପାଇପାରିବେ ।

କୃଷି ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରି ଆଇନର ଉଚିତ ପ୍ରୟୋଗ ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ । ସର୍ବନିମ୍ନ ମଜୁରୀ ପ୍ରଦାନ ଅଧିନିୟମର ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ପ୍ରତି ସରକାର ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି । ୧୯୯୬ ମସିହା ଶେଷ ସୁଦ୍ଧା ସର୍ବମୋଟ ୮୨ଟି ନିଯୋଜନକୁ ସର୍ବନିମ୍ନ ମଜୁରୀ ପ୍ରଦାନ ଆଇନର ପରିସରଭୁକ୍ତ କରାଯାଇଛି ଏବଂ ଉକ୍ତ ନିଯୋଜନରେ ସବୁଶ୍ରେଣୀର ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ କରାଯାଇଛି । ରାଜ୍ୟ ସରକାର ୧୯୯୬ ମସିହା ଅଗଷ୍ଟ ମାସରେ ୮୨ଟି ନିଯୋଜନରେ କାର୍ଯ୍ୟ କରୁଥିବା ଅଣକୁଶଳୀ ଶ୍ରମିକମାନଙ୍କର ଦୈନିକ ମଜୁରି ୨୫ ଟଙ୍କାରୁ ୩୦ ଟଙ୍କାକୁ ବୃଦ୍ଧି କରିଛନ୍ତି । ୧୯୯୬ ମସିହା ଅଗଷ୍ଟ ୨୫ ତାରିଖଠାରୁ ୮୨ଟି ନିଯୋଜନରେ କାର୍ଯ୍ୟ କରୁଥିବା ଅର୍ଦ୍ଧକୁଶଳୀ, କୁଶଳୀ ଓ ଉଚ୍ଚକୁଶଳୀ ଶ୍ରମିକମାନଙ୍କର ଦୈନିକ ମଜୁରି ଯଥାକ୍ରମେ ୩୬ ଟଙ୍କା, ୪୨ ଟଙ୍କା ଓ ୪୮ ଟଙ୍କାକୁ ସଂଶୋଧିତ କରାଯାଇଛି ।

ସମ୍ବଲପୁର ଜିଲ୍ଲାର ରେଙ୍ଗାଲିଠାରେ କାର୍ଯ୍ୟ କରୁଥିବା ଗୋଟିଏ ଶିଶୁ ଶ୍ରମିକ ପ୍ରକଳ୍ପ ବ୍ୟତୀତ ୧୬ ଗୋଟି ନୂତନ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି ଏବଂ ସେଗୁଡ଼ିକ ଅଣଆନୁଷ୍ଠାନିକ ଶିକ୍ଷା ଓ ଧନ୍ଦାମୂଳକ ପ୍ରଶିକ୍ଷଣ ମାଧ୍ୟମରେ ଶିଶୁ ଶ୍ରମିକମାନଙ୍କୁ ବିପଦ ସଙ୍କୁଳ କାର୍ଯ୍ୟରୁ ନିବୃତ୍ତ କରିବା ଉଦ୍ଦେଶ୍ୟରେ ମୟୂରଭଞ୍ଜ, ଅନୁଗୋଳ, ସମ୍ବଲପୁର (କୁଚିଣ୍ଡା ବ୍ଲକ୍), ବରଗଡ଼, ଦେଓଗଡ଼, ଝାରସୁଗୁଡ଼ା, ସୋନପୁର, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡ଼ା, ଗଜପତି ଏବଂ ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟ କରୁଅଛି । ଏହି ପରିକଳ୍ପନା ଅନୁସାରେ ପ୍ରତି ୧୦୦/୫୦ ଶିଶୁ ଶ୍ରମିକ ପାଇଁ ୪୦୦ଟି ସ୍ୱତନ୍ତ୍ର ବିଦ୍ୟାଳୟ ଖୋଲାଯାଇ ଏଥିରେ ଅଣଉପଚାରିକ ଏବଂ ଧନ୍ଦାମୂଳକ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି ।

ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ୧୯୯୭ ମାର୍ଚ୍ଚ ଓ ମଇମାସ ମଧ୍ୟରେ ରାଜ୍ୟରେ ଏକ ଶିଶୁ ଶ୍ରମିକ ସର୍ବେକ୍ଷଣ କରାଯାଇଥିଲା ଏବଂ ଏଥିରେ ୨.୧୫ ଲକ୍ଷ ଶିଶୁ ଶ୍ରମିକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଥଇଥାନ/ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଅଛି ଓ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କୁ ଶ୍ରମ ଓ ନିଯୋଜନ ବିଭାଗ ଦ୍ୱାରା ଏ ସମ୍ପର୍କିତ ଆବଶ୍ୟକୀୟ ଦିଗ୍‌ଦର୍ଶନ ଦିଆଯାଇଛି । ୧୯୯୭-୯୮ ବର୍ଷରେ ୨୫,୧୭୩ ଜଣ ଶିଶୁ ଶ୍ରମିକଙ୍କୁ ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଅଧୀନରେ ଥିବା ୪୦୭ଟି ସ୍ୱତନ୍ତ୍ର ବିଦ୍ୟାଳୟରେ ବିଦ୍ୟାଦାନ କରାଯାଇଛି ।

କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେଓଗଡ଼, ବରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, କଳାହାଣ୍ଡି ଏବଂ ନୂଆପଡ଼ା ଇତ୍ୟାଦି ୧୦ଟି ଜିଲ୍ଲାର ଶିଳ୍ପ ଶ୍ରମିକମାନଙ୍କର ଶିଳ୍ପବିବାଦ ବିଚାର କରିବା ପାଇଁ ୧୯୯୬ ମସିହା ସେପ୍ଟେମ୍ବର ମାସରୁ ରାଉରକେଲାଠାରେ ଗୋଟିଏ ଶିଳ୍ପ ଟ୍ରିବ୍ୟୁନାଲ ଖୋଲାଯାଇଛି ।

୧୯୯୬ ମସିହା ଜାନୁଆରୀ ମାସ ୧୬ ତାରିଖଠାରୁ ଅନୁଗୁଳଠାରେ ପ୍ରାୟ ୬୨୨୭ ଜଣ ଶିଳ୍ପ ଶ୍ରମିକ ତଥା ତାଙ୍କ

ପରିବାରବର୍ଗଙ୍କ ଚିକିତ୍ସାର ସୁବିଧା ନିମନ୍ତେ ଏକ ନୂଆ ଇ: ଏସ୍ :ଆଇ: ଚିକିତ୍ସାଳୟ ଖୋଲାଯାଇଅଛି ।

ପୁରୀଠାରେ ପ୍ରାୟ ତିନିହଜାର ପାଞ୍ଚଶହ ଶିଳ୍ପ ଶ୍ରମିକ ତଥା ତାଙ୍କ ପରିବାରବର୍ଗଙ୍କ ଚିକିତ୍ସା ସୁବିଧା ନିମନ୍ତେ ୧୯୯୭ ମସିହା ଅପ୍ରେଲ ମାସଠାରୁ ଏକ ବୀମା ଡାକ୍ତରଖାନା ଖୋଲାଯାଇଛି ଏବଂ ସୁନ୍ଦରଗଡ଼ ଜିଲ୍ଲାର କୁଆଁରମୁଣ୍ଡାଠାରେ ଏକ ବୀମା ଡାକ୍ତରଖାନା ଖୋଲାଯିବାକୁ ବୀମା ନିଗମ ନୂଆଦିଲ୍ଲୀଙ୍କ ଅନୁମୋଦନ ମିଳିସାରିଛି ।

ଏହା ବ୍ୟତୀତ ଗତ ୧-୮-୧୯୯୭ ତାରିଖଠାରୁ ଭୁବନେଶ୍ୱରସ୍ଥିତ ୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା କାର୍ଯ୍ୟକାରୀ କରୁଅଛି । ଏହି ଚିକିତ୍ସାଳୟରେ ରାଜ୍ୟର ବିଭିନ୍ନ ମେଡ଼ିକାଲ କଲେଜର ପ୍ରଫେସର ତଥା ବିଭାଗୀୟ ମୁଖ୍ୟମାନଙ୍କ ଦ୍ୱାରା ହୃଦରୋଗ, ମସ୍ତିଷ୍କରୋଗ, ମୂତ୍ରାଶୟ ଜନିତ ରୋଗ ଏବଂ ଅସ୍ଥି ଶଲ୍ୟ ବିଭାଗରେ ଆଂଶିକକାଳୀନ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଛି । ଏହି ଚିକିତ୍ସାଳୟ ନିମନ୍ତେ ୨୫ ଲକ୍ଷ ଟଙ୍କାର ବିଭିନ୍ନ ଅତ୍ୟାଧୁନିକ ଯନ୍ତ୍ରପାତି କିଣାଯାଇଛି ।

ବୃହତ ଶିଳ୍ପନଗରୀ ଡୁବୁରୀ ଓ ସୁକିନ୍ଦାଠାରେ ଗଢ଼ି ଉଠୁଥିବା ଶିଳ୍ପ କାରଖାନାମାନଙ୍କରେ ନିଯୁକ୍ତି ଅନ୍ୱେଷଣକାରୀମାନେ ସୁବିଧାରେ ନିଯୁକ୍ତିର ସୁଯୋଗ ପାଇବା ପାଇଁ ଯାଜପୁର ରୋଡ଼ଠାରେ ଏକ ସ୍ୱତନ୍ତ୍ର ନିଯୋଜନ କାର୍ଯ୍ୟାଳୟ ଗତ ୭-୨-୧୯୯୬ ତାରିଖରେ ଖୋଲାଯାଇଛି ।

ଓଡ଼ିଶାର ବାଳକ ଓ ବାଳିକାମାନଙ୍କୁ ଅଧିକ ସଂଖ୍ୟାରେ ସାମରିକ ବାହିନୀରେ ବିଭିନ୍ନ ପଦବୀଗୁଡ଼ିକରେ ଯୋଗ ଦେବାରେ ଉତ୍ସାହିତ କରିବା ପାଇଁ ବିଭିନ୍ନ ଜିଲ୍ଲାରେ ପ୍ରାରମ୍ଭିକ ତାଲିମ୍ ଶିବିରମାନ କରାଯାଇଛି । ଆଦିବାସୀ ବାଳକମାନେ ଅଧିକ ସଂଖ୍ୟାରେ ସେନାବାହିନୀରେ ଯୋଗ ଦାନ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଉଛି ।




ସିଂହମୁଳାଠାରେ ମହାନଦୀ ସେତୁର ଶିଳାନ୍ୟାସ

# ଓଡ଼ିଶାରେ ପର୍ଯ୍ୟଟନର ବିକାଶ

ରାଜ୍ୟରେ ପର୍ଯ୍ୟଟନର ବିକାଶ ନିମନ୍ତେ ପର୍ଯ୍ୟଟନ ବିଭାଗ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । ଏ ସଂପର୍କରେ ରାଜ୍ୟସରକାରଙ୍କ ଦ୍ୱାରା ପର୍ଯ୍ୟଟନ ନୀତି ମଧ୍ୟ ଗୃହୀତ ହୋଇଯାଇଛି ।

୧୯୯୬ ମସିହାରେ ପ୍ରବର୍ତ୍ତିତ ଶିଳ୍ପ ନୀତିରେ ହୋଟେଲଗୁଡ଼ିକୁ ଶିଳ୍ପର ମାନ୍ୟତା ଦେବା ସଙ୍ଗେ ସଙ୍ଗେ ଚିତ୍ତବିନୋଦନ ଉଦ୍ୟାନ, ରୋପ ୱେ୍‌ ଓ ଗଲଫ କୋର୍ସ ଭଳି ପର୍ଯ୍ୟଟନ ସମ୍ପର୍କିତ କେତେକ ସଂସ୍ଥାକୁ ଏହି ଶିଳ୍ପ ନୀତିର ପରିସରଭୁକ୍ତ କରାଯାଇଛି । ଏସବୁ କାର୍ଯ୍ୟ ପାଇଁ ଶିଳ୍ପୋଦ୍ୟୋଗୀମାନଙ୍କୁ ଆର୍ଥିକ ତଥା ଅଣଆର୍ଥିକ ସହାୟତା ଓ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ।

ରାଜ୍ୟରେ ପର୍ଯ୍ୟଟନର ବିକାଶ ନିମନ୍ତେ ଉନ୍ନୟନ ଯୋଜନାରେ ବହୁଗୁଡ଼ିଏ ପରିକଳ୍ପନା ହାତକୁ ନିଆଯାଇଛି । ଯଥା–ପଥିକମାନଙ୍କ ସୁବିଧାନିମନ୍ତେ ରାସ୍ତାକଡରେ ପାନ୍ଥିକା ନିର୍ମାଣ, ପାନ୍ଥନିବାସ, ପର୍ଯ୍ୟଟକ ଅଭ୍ୟର୍ଥନାକେନ୍ଦ୍ର ଓ ପର୍ଯ୍ୟଟକସ୍ଥଳୀ । ତନ୍ମଧ୍ୟରୁ ଅଧିକାଂଶ ସମ୍ପୂର୍ଣ୍ଣ ହେବା ଉପରେ ।

ଓଡ଼ିଶାରେ ପର୍ଯ୍ୟଟକମାନେ ଯେଉଁଭଳି ଅସୁବିଧାର ସମ୍ମୁଖୀନ ନହୁଅନ୍ତି, ସେଥିନିମନ୍ତେ କେତେକ ସର୍ତ୍ତରେ ହୋଟେଲଗୁଡ଼ିକୁ ଜନସାଧାରଣଙ୍କ ସେବାରେ ବ୍ୟବହୃତ ହେବା ପାଇଁ ଘୋଷଣା କରାଯାଇଛି ।

ଅର୍ଥନୈତିକ ଦୃଷ୍ଟିକୋଣରୁ ଲାଭପ୍ରଦ ପର୍ଯ୍ୟଟନ ଓ ସାଂସ୍କୃତିକ ଭାବର ଆଦାନ ପ୍ରଦାନ ପରିକଳ୍ପନାଗୁଡ଼ିକର ଭିତ୍ତିଭୂମିର ଉନ୍ନତି ସାଧନ ନିମନ୍ତେ ପ୍ରକଳ୍ପର ମୂଲ୍ୟ ଦାରାହାରି ୩୪୮ କୋଟି ଟଙ୍କା ହେବ । ଯାପାନଠାରୁ ବଇିଆପାରି ଆର୍ଥିକ ସହାୟତା ପାଇଁ ରାଜ୍ୟସରକାର କେନ୍ଦ୍ର ସରକାରଙ୍କ ନିକଟରେ ଏକ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି । ୧୯୯୬–୯୭ ମୂଲ୍ୟ ସୂଚୀ ଅନୁଯାୟୀ ଉକ୍ତ ସରକାରୀ ସମ୍ପତ୍ତିଗୁଡ଼ିକୁ ଘରୋଇକରଣ ନିମନ୍ତେ ପର୍ଯ୍ୟଟନ ବିଭାଗ ନିଷ୍ପତ୍ତି ନେଇଛନ୍ତି । ଫଳରେ ସ୍ଥାନୀୟ ଶିଳ୍ପୋଦ୍ୟୋଗୀମାନେ ସେଗୁଡ଼ିକୁ ପରିଚାଳନା କରିବାରେ ଉତ୍ସାହିତ ହେବା ସଙ୍ଗେ ସଙ୍ଗେ ଲାଭବାନ ହୋଇପାରିବେ ।

ରାଜ୍ୟର ପର୍ଯ୍ୟଟନ ବିଭବକୁ ବାହାରେ ପ୍ରଦର୍ଶିତ କରିବାପାଇଁ, ରାଜ୍ୟସରକାର ସକ୍ରିୟଭାବେ ଜାତୀୟ ତଥା ଆନ୍ତର୍ଜାତିକ ପର୍ଯ୍ୟଟନ ଉତ୍ସବରେ ଅଂଶ ଗ୍ରହଣ କରି ଆସୁଛନ୍ତି ।

ରାଜ୍ୟ ସରକାର ପ୍ରତି ବର୍ଷ କୋଣାର୍କଠାରେ ଏକ ପର୍ଯ୍ୟଟନ ଉତ୍ସବ ଆୟୋଜନ କରିଆସୁଛନ୍ତି । ପୁରୀବେଳାଭୂମି ଉତ୍ସବ ଆୟୋଜନ ପାଇଁ ହୋଟେଲ ରେଷ୍ଟୋରାଣ୍ଟ ସଙ୍ଘକୁ ରାଜ୍ୟ ସରକାର ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରି ଆସୁଛନ୍ତି । କେନ୍ଦ୍ର ପର୍ଯ୍ୟଟନ ବିଭାଗ ଦ୍ୱାରା ପ୍ରକାଶିତ ପର୍ଯ୍ୟଟନ କ୍ୟାଲେଣ୍ଡରରେ ଓଡ଼ିଶାର ଏହି ଦୁଇଟି ଉତ୍ସବ ସ୍ଥାନ ପାଇଛି । ପର୍ଯ୍ୟଟକମାନଙ୍କ ଅବଗତି ନିମନ୍ତେ ବହୁଗୁଡ଼ିଏ ରଙ୍ଗିନ୍ ପର୍ଯ୍ୟଟନ ପୁସ୍ତିକା ପ୍ରକାଶ କରାଯିବା ସଙ୍ଗେ ସଙ୍ଗେ ଦୈନିକ ତଥା ସାପ୍ତାହିକ ଗୁଡ଼ିକରେ ପର୍ଯ୍ୟଟନ ସମ୍ପର୍କିତ ସ୍ୱତନ୍ତ୍ର ସଂଖ୍ୟାମାନ ପ୍ରକାଶିତ ହେଉଛି । ଆଜକୁ ୩ବର୍ଷ ହେବ 'ଓଡ଼ିଶା ପର୍ଯ୍ୟଟନ ଖବର' ନାମକ ପତ୍ରିକା ନିୟମିତ ଭାବେ ପ୍ରକାଶ ପାଉଛି । ରାଜ୍ୟରେ ଗଲଫ୍ କୋର୍ସର ଉନ୍ନତିସାଧନ ନିମନ୍ତେ ଦିଗ୍‌ଦର୍ଶନ ଦେବା ନିମନ୍ତେ ରାଜ୍ୟ ସରକାର ଏକ ଗଲଫ୍ ପରିଷଦ ଗଠନ କରିଛନ୍ତି ।

ଜାତୀୟ କାର୍ଯ୍ୟକାରୀ ଯୋଜନା ଜରିଆରେ କାର୍ଯ୍ୟକାରୀ ହେଉଥିବା ମନୋନୀତ ପର୍ଯ୍ୟଟନସ୍ଥଳୀଗୁଡ଼ିକର ସମନ୍ୱିତ ବିକାଶ କାର୍ଯ୍ୟକ୍ରମରେ ରାଜ୍ୟସରକାର ପୁରୀର ଦକ୍ଷିଣରୁ ଚିଲିକା ହ୍ରଦ ପର୍ଯ୍ୟନ୍ତ ୩୪୦୦ ଏକର ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ ଅଞ୍ଚଳର ବିକାଶ ସାଧନ କରୁଛନ୍ତି । ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ପର୍ଯ୍ୟଟନ କର୍ତ୍ତୃପକ୍ଷ, ପୁରୀ ଗଠନ କରିଛନ୍ତି । ଏହି ସଂସ୍ଥା ସ୍ୱତନ୍ତ୍ର ପର୍ଯ୍ୟଟନ ଅଞ୍ଚଳର ବିକାଶ ନିମନ୍ତେ ସାଧାରଣ ନୀତି ନିୟମମାନ ପ୍ରବର୍ତ୍ତନ କରିବେ ।

## ୧୯୯୭ ପର୍ଯ୍ୟଟନ ନୀତି

(୧) ୧୯୯୬ ଶିଳ୍ପନୀତି ଅନୁଯାୟୀ ରିହାତି ମୂଲ୍ୟରେ ପର୍ଯ୍ୟଟନ ସମ୍ପର୍କିତ ଜମିଗୁଡ଼ିକୁ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଯୋଗାଇ ଦିଆଯିବ ।

(୨) ଇଡ୍‌କୋ ସଂସ୍ଥା ଜମି ଅଧିଗ୍ରହଣ କରିବେ ଓ ରାଜସ୍ୱ କର୍ତ୍ତୃପକ୍ଷ ପର୍ଯ୍ୟଟନ ଶିଳ୍ପ ନିମନ୍ତେ ଜମି ଆବଣ୍ଟନ କରିବେ !

(୩) ନୂତନ ରାସ୍ତା ନିର୍ମାଣ ଓ ରହିଥିବା ରାସ୍ତାଗୁଡ଼ିକର ରକ୍ଷଣାବେକ୍ଷଣ ଓ ଉନ୍ନତି ସାଧନ ଉପରେ ଗୁରୁତ୍ୱ ଦିଆଯିବ ।

(୪) ପର୍ଯ୍ୟଟକମାନଙ୍କ ଯାତାୟତର ସୁବିଧା ନିମନ୍ତେ ରାଜ୍ୟ ସରକାର ବହୁ ପରିମାଣରେ ପରିବହନ ସେବା ଯୋଗାଇ ଦେବାର ପଦକ୍ଷେପ ନେବେ ।

(୫) ରାଜ୍ୟ ପରିବହନ ସଂସ୍ଥା କୋହଳ ସୂତ୍ରରେ ପର୍ଯ୍ୟଟନ ଯାନଗୁଡ଼ିକୁ ପରିମିଟ୍ ପ୍ରଦାନ କରିବେ ।

(୬) ଟ୍ୟାକ୍ସି ଓ ଅଟୋରିକ୍ସାଗୁଡ଼ିକ ମିଟର ବ୍ୟବହାର କରିବେ ।

(୭) ଭୁବନେଶ୍ୱର ବିମାନ ବନ୍ଦରର ସମ୍ପ୍ରସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ପଦକ୍ଷେପ ନିଆଯାଉଛି ।

(୮) କଲିକତା, ଚେନ୍ନାଇ, ମୁମ୍ବାଇ, ହାଇଦ୍ରାବାଦ ତଥା ଦେଶର ପ୍ରଧାନ ନଗରୀଗୁଡ଼ିକ ସହିତ ଭୁବନେଶ୍ୱରକୁ ଉଡ଼ାଜାହାଜ ଚଳାଚଳର ଉନ୍ନତି ସାଧନ ନିମନ୍ତେ ପଦକ୍ଷେପ ନିଆଯାଉଛି ।

(୯) ଓଡ଼ିଶାରେ ଦ୍ୱିତୀୟ ଜାତୀୟ ବିମାନ ଘାଟି ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଉଛି ।

(୧୦) ଭୁବନେଶ୍ୱରଠାରୁ ଜୟପୁର, ଝାରସୁଗୁଡ଼ା ଏବଂ ରାଉରକେଲା ପର୍ଯ୍ୟନ୍ତ ବାୟୁଯାନ ଟ୍ୟାକ୍ସି ସେବା ପ୍ରଚଳନ ପାଇଁ ପଦକ୍ଷେପ ନିଆଯିବ ।

(୧୧) ଦେଶର ବିଭିନ୍ନ ନଗରୀ ସହିତ ରେଳ ଯୋଗାଯୋଗର ଉନ୍ନତି ସାଧନ କରାଯିବ ।

(୧୨) ଦିଲ୍ଲୀ, ଆଗ୍ରା–ଜୟପୁର, ମୁମ୍ବାଇ–ଗୋଆ ସହିତ ଭୁବନେଶ୍ୱରକୁ ପ୍ୟାକେଜ୍ ଏୟାର ଟ୍ରାଭଲସ୍ ସର୍କିଟ ସହିତ ସଂଯୁକ୍ତ କରିବା ପାଇଁ ଉଦ୍ୟମ କରାଯାଉଛି ।

(୧୩) ଯୁବକ ଓ ଛାତ୍ରମାନଙ୍କୁ ସୁବିଧାରେ ରହିବା ପାଇଁ ସୁଲଭ ମୂଲ୍ୟରେ ଯୁବ ଛାତ୍ରାବାସ ଓ ଶିବିରମାନ ଯୋଗାଇ ଦିଆଯିବ ।

(୧୪) ପର୍ଯ୍ୟଟକମାନଙ୍କୁ ଯଥାସମ୍ଭବ ଡାକବଙ୍ଗଳା–ମାନଙ୍କରେ କୋଠରୀ, ବିଶ୍ରାମ ଗୃହ ଏବଂ ସର୍କିଟ ହାଉସ୍ ଯୋଗାଇ ଦିଆଯିବ ।

(୧୫) ଓଡ଼ିଶାରେ ଉତ୍ପାଦିତ ହେଉଥିବା ହାତକାମ ଓ ହସ୍ତତନ୍ତ ଜିନିଷଗୁଡ଼ିକର ବିକ୍ରିବଟା ଉପରେ ଗୁରୁତ୍ୱ ଦିଆଯିବ ।

(୧୬) ଜଙ୍ଗଲ ଭିତ୍ତିକ ପର୍ଯ୍ୟଟନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ।

(୧୭) ପର୍ଯ୍ୟଟନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପଗୁଡ଼ିକର ଜଳ ଭଣ୍ଡାର ଉନ୍ନତି ସାଧନ କରାଯିବ ।

(୧୮) ଛପା ଓ ଦୃଶ୍ୟଶ୍ରାବ୍ୟ ମାଧ୍ୟମ ଜରିଆରେ ପର୍ଯ୍ୟଟନ ସମ୍ପର୍କିତ ଉତ୍ପାଦିତ ସାମଗ୍ରୀଗୁଡ଼ିକର ପ୍ରଚାର କରାଯିବ ।

(୧୯) ରାଜ୍ୟର ପ୍ରଧାନ ପ୍ରଧାନ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ସ୍ୱତନ୍ତ୍ର ପର୍ଯ୍ୟଟନ ପୁଲିସ୍ ମୁତୟନ କରାଯିବ ।

(୨୦) ସରକାରୀ ସ୍ତରରେ ମିଳୁଥିବା ସୁବିଧା ସୁଯୋଗ ଭଳି ବେସରକାରୀ କ୍ଷେତ୍ରରେ ତାଲିମ୍‌ର ସୁବିଧା ସୁଯୋଗ ପାଇଁ ସରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବେ ।




ପାଣିକୋଇଲି–କେନ୍ଦୁଝର ରାସ୍ତାରେ ମୂଷଳ ସେତୁର ଉଦ୍‌ଘାଟନ

# ନିର୍ମାଣ ବିଭାଗର ସାଫଲ୍ୟ

ଗତ ୧୯୯୫ ମସିହା ମାର୍ଚ୍ଚ ମାସରୁ କଂଗ୍ରେସ ସରକାର କ୍ଷମତାସୀନ ହେବାଠାରୁ ପୂର୍ତ୍ତ ବିଭାଗ ରାଜ୍ୟ ମଧ୍ୟରେ ଥିବା ରାସ୍ତାଘାଟର ଉନ୍ନତି ସକାଶେ ବିଭିନ୍ନ ପଦକ୍ଷେପ ନେଇଛନ୍ତି । ସେଥିମଧ୍ୟରୁ କେତେକ ଉଲ୍ଲେଖନୀୟ ପଦକ୍ଷେପ/ସାଫଲ୍ୟ ନିମ୍ନରେ ପ୍ରଦତ୍ତ ହେଲା ।

(୧) ୧୯୯୫–୯୬, ୧୯୯୬–୯୭ ଓ ଚଳିତ ୧୯୯୭–୯୮ ବର୍ଷ ଶେଷସୁଦ୍ଧା ନିର୍ମାଣାଧୀନ ଥିବା ସେତୁ ମଧ୍ୟରୁ ୭୪ ଗୋଟି ସେତୁର ନିର୍ମାଣ କାର୍ଯ୍ୟ ସମାପ୍ତ କରାଯାଇ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଖୋଲାଯାଇଛି । ଚଳିତ ୧୯୯୭–୯୮ ବର୍ଷ ୩୫ ଗୋଟି ସେତୁର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି ଓ ସେଥିମଧ୍ୟରୁ ଜାନୁଆରୀ ୧୯୯୮ ସୁଦ୍ଧା ୨୦ ଗୋଟି ସେତୁର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ।

(୨) ୧୭୪ କି.ମି. ରାସ୍ତା ପ୍ରଶସ୍ତିକରଣ ଓ ଦୃଢ଼ୀକରଣ କରାଯିବା ସଙ୍ଗେ ସଙ୍ଗେ ୧୦୯ କି.ମି. ରାସ୍ତା ମେଟାଲିଙ୍ଗ ଓ ୯୬୨ କି.ମି. ରାସ୍ତାରେ ପିଚୁ କାର୍ଯ୍ୟ ରାଜ୍ୟ ଯୋଜନା ଅନୁଦାନରୁ କରାଯାଇଛି । ଚଳିତ ବର୍ଷ ସେହି ଯୋଜନା ଅନୁଦାନରୁ ୮/୯୮ ସୁଦ୍ଧା ୧୭ କି.ମି. ରାସ୍ତାର ଦୃଢ଼ୀକରଣ ଓ ପ୍ରଶସ୍ତିକରଣ ଓ ୨୯·୭୦ କି.ମି. ରାସ୍ତା ପିଚୁ କାର୍ଯ୍ୟ ହୋଇଛି ।

(୩) ଜିଲ୍ଲା ସଦର ମହକୁମାରୁ ସବ୍‌ଡ଼ିଭିଜନ୍ ସଦର ମହକୁମା ଓ ସବ୍‌ଡ଼ିଭିଜନ୍ ସଦର ମହକୁମାରୁ ବ୍ଲକ୍ ସଦର ମହକୁମାକୁ ସଂଯୋଗ କରିବା କାର୍ଯ୍ୟ ପୂର୍ତ୍ତ ବିଭାଗ ପରିସରଭୁକ୍ତ ଅଟେ । ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ସବ୍‌ଡ଼ିଭିଜନ ଓ ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ସବ୍‌ଡ଼ିଭିଜନର ସଦର ମହକୁମାକୁ ସମ୍ପୃକ୍ତ ଜିଲ୍ଲା ସଦର ମହକୁମା ସହିତ ସିଧା ସଳଖ ରାସ୍ତା ଦ୍ୱାରା ସଂଯୋଗ କରାଯିବା କାର୍ଯ୍ୟ ଆରମ୍ଭ ହୋଇଛି । ଢେଙ୍କାନାଳ–କାମାକ୍ଷାନଗର ରାସ୍ତାର ରାମିଆଳ ନଦୀ ଉପରେ ଓ ସୋନପୁରଠାରେ ମହାନଦୀ ଉପରେ ନିର୍ମାଣାଧୀନ ସେତୁ କାର୍ଯ୍ୟ ସମାପ୍ତ ହେବାପରେ ଏକ୍ଷେତ୍ରରେ ଶତପ୍ରତିଶତ ସଫଳତା ହାସଲ ହେବ ।

ସେହିପରି ସିଧା ସଳଖ ରାସ୍ତା ଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ବ୍ଲକ୍, ବଲାଙ୍ଗୀର ଜିଲ୍ଲାର ତେତେଲଖୁଣ୍ଟି ବ୍ଲକ୍, ସୁବର୍ଣ୍ଣପୁର ଜିଲ୍ଲାର ଉଲଣ୍ଡା ଓ ବୀରମହାରାଜପୁର ବ୍ଲକକୁ ସେମାନଙ୍କ ସବ୍‌ଡ଼ିଭିଜନର ସଦର ମହକୁମା ସହ ସଂଯୋଗ କାର୍ଯ୍ୟ ହାତକୁ ନିଆଯାଇଛି । ଭାରିଗଦାଠାରେ ଖରସ୍ରୋତା ନଦୀ ଉପରେ, ତୁସୁରା–ଗୁଡ଼ୁଭେଲା ରାସ୍ତାର ତେଲନଦୀ ଉପରେ ଓ ସୋନପୁରଠାରେ ମହାନଦୀ ଉପରେ ନିର୍ମାଣାଧୀନ ସେତୁଗୁଡ଼ିକର କାର୍ଯ୍ୟ ସମାପ୍ତିପରେ ଏ ସମସ୍ତ ବ୍ଲକ୍ ସଦର ମହକୁମାରୁ ସବ୍‌ଡ଼ିଭିଜନ ସଦର ମହକୁମାକୁ ସିଧାସଳଖ ସଂଯୋଗ ସ୍ଥାପନ ହୋଇପାରିବ ।

(୪) ଏସିଆ ଉନ୍ନୟନ ବ୍ୟାଙ୍କ୍ ସହାୟତାରେ ନିର୍ମାଣାଧୀନ ସମ୍ବଲପୁର–ରାଉରକେଲା ରାସ୍ତା ସମ୍ପୂର୍ଣ୍ଣ ହୋଇଅଛି । ଗଞ୍ଜାମ ଜିଲ୍ଲାର ବନ୍ୟା ବିଧ୍ୱସ୍ତ ୬ ଗୋଟି ସେତୁ ମଧ୍ୟରୁ ଏପର୍ଯ୍ୟନ୍ତ ୫ ଗୋଟି ସେତୁ ଯଥା—ଋଷିକୁଲ୍ୟା, ଜରଉ, ଘୋଡ଼ାହାଡ଼, ଲୋହାରଖଣ୍ଡି, ମୌଳାଭଞ୍ଜ ସେତୁର ନିର୍ମାଣ କାର୍ଯ୍ୟ ଇତିମଧ୍ୟରେ ସମାପ୍ତ ହୋଇଅଛି । ବଡ଼ନଦୀ ସେତୁର କାର୍ଯ୍ୟ ଆସନ୍ତା ୬/୯୮ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବାକୁ ପଦକ୍ଷେପ ନିଆଯାଉଛି ।

(୫) ବିଶ୍ୱବ୍ୟାଙ୍କ ଏବଂ ଏସିଆ ଉନ୍ନୟନ ବ୍ୟାଙ୍କ ଇତ୍ୟାଦିଙ୍କଠାରୁ ଋଣ ସହାୟତାରେ ଯାନବାହାନ ଯାତାୟତ ଦୃଷ୍ଟିରୁ ଘନ ସାନ୍ଦ୍ରତା ଥିବା ରାସ୍ତାଗୁଡ଼ିକର ଉନ୍ନୟନ ସକାଶେ ପଦକ୍ଷେପ ନିଆଯାଇଛି । ବିଶ୍ୱବ୍ୟାଙ୍କର ପରାମର୍ଶକ୍ରମେ ପୂର୍ତ୍ତ ବିଭାଗର ୪୬୦୦ କି.ମି. ରାସ୍ତା ପରାମର୍ଶ ଦାତାଙ୍କ ଦ୍ୱାରା ସର୍ବେକ୍ଷଣ କରାଯାଇ ତହିଁରୁ ୨୦୦୦ କି.ମି. ରାସ୍ତାକୁ ବୈଷୟିକ ସର୍ବେକ୍ଷଣ ପାଇଁ ଚିହ୍ନଟ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟ ସର୍ବେକ୍ଷଣ ପରେ ପ୍ରାୟ ୭୦୦ କି.ମି. ରାସ୍ତା ଅଗ୍ରାଧିକାର ଭିତ୍ତିରେ ଚିହ୍ନଟ କରାଯିବ ଓ ତାହା ପାଇଁ ବିଶ୍ୱବ୍ୟାଙ୍କ ଋଣ ସହାୟତା ଯୋଗାଇ ଦେବ । ଦ୍ୱିତୀୟ ପର୍ଯ୍ୟାୟ ସର୍ବେକ୍ଷଣ ପାଇଁ ବିଶ୍ୱବ୍ୟାଙ୍କର ଅନୁମୋଦନକ୍ରମେ ପରାମର୍ଶଦାତା ନିଯୁକ୍ତି ପାଇଁ ପଦକ୍ଷେପ ନିଆଯାଉଅଛି ।

(୬) ରାଜ୍ୟର କେତେ ନିର୍ମାଣାଧୀନ ସେତୁ ଓ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଉନ୍ନୟନ କାର୍ଯ୍ୟ ଶୀଘ୍ର ସମାପ୍ତ କରିବା ପାଇଁ ରାଜ୍ୟ ସରକାର ନାବାର୍ଡ଼ରୁ ସଫଳ ବ୍ୟବସ୍ଥା କରିପାରିଛନ୍ତି । ଏ

ବାବଦରେ ୪୩ ଗୋଟି ସେତୁ କାର୍ଯ୍ୟ ଓ ୪ ଗୋଟି ରାସ୍ତା କାର୍ଯ୍ୟ ପାଇଁ ପୂର୍ତ୍ତ ବିଭାଗକୁ ବିଭିନ୍ନ ପର୍ଯ୍ୟାୟରେ ମୋଟ ୧୦୬ କୋଟି ଟଙ୍କା ନାବାର୍ଡ଼ ମଞ୍ଜୁର କରିଛନ୍ତି । ଏହି ଯୋଜନାରେ ଆଉ କେତେକ କାର୍ଯ୍ୟ ଅନ୍ତର୍ଭୁକ୍ତ କରିବାକୁ ପଦକ୍ଷେପ ନିଆଯାଉଅଛି । ୧୯୯୮ ଜାନୁଆରୀ ସୁଦ୍ଧା ଏହି କାର୍ଯ୍ୟଗୁଡ଼ିକ ମଧ୍ୟରୁ ୧୫ ଗୋଟି ସେତୁର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି ।

(୭) ବିଶ୍ୱବ୍ୟାଙ୍କ ସହାୟତାରେ ୨୧୮·୪୧୨ କୋଟି ଟଙ୍କାର ବ୍ୟୟ ଅଟକଳରେ ୬ଟି ବୃହତ୍ ସେତୁ, ରସୁଲଗଡ଼ଠାରେ ରେଳରାସ୍ତା ଉପରେ ସେତୁ ଓ ଓ:ଏମ୍:ପି: ନିକଟରେ ଏକ ଉଡ଼ନ୍ତା ପୋଲ ନିର୍ମାଣ ସହ ଜାତୀୟ ରାଜପଥ–୫ର (୦·୦୦ କି:ମି:ରୁ ୨୭·୮୦ କି:ମି: ପର୍ଯ୍ୟନ୍ତ) ଭୁବନେଶ୍ୱର–କଟକ–ଜଗତପୁର ଅଂଶକୁ ଚାରିଧାରିଆ ରାସ୍ତାରେ ପ୍ରଶସ୍ତିକରଣ କାର୍ଯ୍ୟ କ୍ଷିପ୍ର ଗତିରେ ଆଗେଇ ଚାଲିଛି ।

(୮) ଜାତୀୟ ରାଜପଥ–୫ର ଜଗତପୁର–ଚଣ୍ଡିଖୋଲ ଅଂଶର ୨୭·୦୮ କି:ମି:ରୁ ୬୧·୦୦ କି:ମି: ପର୍ଯ୍ୟନ୍ତ ଦୁଇଧାରିଆ ରାସ୍ତାକୁ ଚାରିଧାରିଆ ରାସ୍ତାରେ ପ୍ରଶସ୍ତିକରଣ ପାଇଁ ସରକାରଙ୍କର ଭୂପୃଷ୍ଠ ପରିବହନ ମନ୍ତ୍ରାଳୟ ବୈଷୟିକ ଅନୁମୋଦନ ପ୍ରଦାନ ସହ ୧୩୭·୦୬ କୋଟି ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର କରିଛନ୍ତି । ଉକ୍ତ କାର୍ଯ୍ୟ ଓ:ଇ:ସି:ଏଫ୍:, ଜାପାନର ଆର୍ଥିକ ସହାୟତାରେ କରାଯିବ ।

(୯) ଭାରତ ସରକାରଙ୍କ ଭୂପୃଷ୍ଠ ପରିବହନ ମନ୍ତ୍ରଣାଳୟର ଆର୍ଥିକ ସହାୟତାରେ, ୪୯୬·୨୭ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ଜାତୀୟ ରାଜପଥ–୫ର ବରମୁଣ୍ଡା ବସ୍‌ଷ୍ଟାଣ୍ଡଠାରୁ ମହାରାଜା ସିନେମାହଲର (୪୧୨·୦୫ କି:ମି:ରୁ ୪୧୮ କି:ମି: ପର୍ଯ୍ୟନ୍ତ) ଅଂଶକୁ ଚାରିଧାରିଆ ରାସ୍ତାରେ ପ୍ରଶସ୍ତିକରଣ କାର୍ଯ୍ୟ ଆଗେଇ ଚାଲିଛି ।

(୧୦) ୫୭ କି:ମି: ଲମ୍ବ ବିଶିଷ୍ଟ ବାଲେଶ୍ୱର–ଲକ୍ଷ୍ମଣନାଥ ରାଜ୍ୟ ରାଜପଥ ୧୮କୁ ମୁଖ୍ୟମନ୍ତ୍ରୀଙ୍କ ଅଦମ୍ୟ ଚେଷ୍ଟାଫଳରେ ଭାରତ ସରକାରଙ୍କର ଭୂପୃଷ୍ଠ ପରିବହନ ମନ୍ତ୍ରଣାଳୟକୁ ଜାତୀୟ ରାଜପଥ ରୂପେ ଘୋଷଣା କରିଛନ୍ତି ।

(୧୧) ଏତଦ୍ ବ୍ୟତୀତ ୧୨୯୧·୨୦ କି:ମି: ଲମ୍ବ ବିଶିଷ୍ଟ ୬ ଗୋଟି ରାଜ୍ୟ ସଡ଼କକୁ ନବମ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ ଜାତୀୟ ରାଜପଥ ରୂପେ ଘୋଷଣା କରିବା ପାଇଁ ୮୩୬ କୋଟି ଟଙ୍କାର ଏକ ପ୍ରସ୍ତାବ ଭାରତ ସରକାରଙ୍କର ଭୂପୃଷ୍ଠ ପରିବହନ ମନ୍ତ୍ରଳାୟ ପଠାଯାଇଛି ।

(୧୨) ରାଜ୍ୟର କେତେକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଘରୋଇ ଅର୍ଥଲଗାଣକାରୀ ସଂସ୍ଥାଙ୍କ ଜରିଆରେ ନିର୍ମାଣ, ପରିଚାଳନା ଓ ହସ୍ତାନ୍ତର ପଦ୍ଧତିରେ (Built. Operate and Transfer) ଉନ୍ନୟନ କରିବା ସକାଶେ ଉଦ୍ୟମ କରାଯାଉଅଛି ।



ପୁରୀ ଜିଲ୍ଲା ବ୍ରହ୍ମଗିରି ନିକଟବର୍ତ୍ତୀ ଗୋବର୍ଦ୍ଧନପୁର ବ୍ୟାରେଜ୍ ଉଦ୍‌ଘାଟନ

# ସାଧାରଣ ପ୍ରଶାସନ ବିଭାଗର ସଫଳତା

ସାଧାରଣ ପ୍ରଶାସନ ବିଭାଗ ଅନ୍ତର୍ଗତ ବିଭିନ୍ନ ସଂସ୍ଥା ଯଥା– ଓଡ଼ିଶା ଲୋକସେବା ଆୟୋଗ, ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ, ଓଡ଼ିଶା ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ, ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ, ଗୋପବନ୍ଧୁ ପ୍ରଶାସନ ଏକାଡେମୀ ଗୁଡ଼ିକରେ ଦୃଷ୍ଟିଆକର୍ଷଣକାରୀ କେତେଗୁଡ଼ିଏ କାର୍ଯ୍ୟର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

## ଓଡ଼ିଶା ଲୋକ ସେବା ଆୟୋଗ :

ମୁଖ୍ୟତଃ ରାଜ୍ୟର ବିଭିନ୍ନ ଦ୍ୱିତୀୟ ଶ୍ରେଣୀ ପଦ ପଦବୀଗୁଡ଼ିକରେ ଅଧିକାରୀ ଏବଂ ସଚିବାଳୟର ସହାୟକ ନିଯୁକ୍ତି ପାଇଁ ଉକ୍ତ ଆୟୋଗ ପରୀକ୍ଷା ସମ୍ପାଦନ କରି କୃତୀ ପ୍ରାର୍ଥୀଙ୍କ ନାମ ସରକାରଙ୍କୁ ସୁପାରିଶ୍ କରିଥାନ୍ତି । ବିଗତ ତିନି ବର୍ଷରେ ୫୧୭ ଜଣଙ୍କୁ, ଓଡ଼ିଶା ପ୍ରଶାସନିକ ସେବା ଏବଂ ଅର୍ଥ ସେବାରେ ୧୮୧ ଜଣଙ୍କୁ, ବିଭିନ୍ନ ବିଭାଗୀୟ ସେବାରେ, ୬୭୧ ଜଣଙ୍କୁ, କନିଷ୍ଠ ସହାୟକ ପଦବୀରେ ନିଯୁକ୍ତି ନିମନ୍ତେ ସୁପାରିଶ୍ କରାଯାଇଛି । ସହକାରୀ ଶଲ୍ୟ ଚିକିତ୍ସକ ପାଇଁ ୧,୦୨୫ ଜଣ ପ୍ରାର୍ଥୀଙ୍କ ଏବଂ ବୀମା ଚିକିତ୍ସା ଅଧିକାରୀଙ୍କ ପାଇଁ ୯୯୯ ଜଣ ପ୍ରାର୍ଥୀଙ୍କର ପରୀକ୍ଷା ସମ୍ପାଦନ କରାଯାଇଛି । ୧,୦୬୪ଟି ପଦୋନ୍ନତି ମାମଲା ସରକାରଙ୍କୁ ସୁପାରିଶ କରାଯାଇଅଛି । ୪୩୪ ଗୋଟି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମାମଲା ବିଚାର କରି ସରକାରଙ୍କୁ ମତାମତ ଜଣାଇ ଦିଆଯାଇଛି । ଏହା ବ୍ୟତୀତ ୧୪ ଜଣଙ୍କୁ ବରିଷ୍ଠତା ଭିତ୍ତିରେ ପଦୋନ୍ନତି ଦିଆଯାଇ ସରକାରଙ୍କୁ ସୁପାରିଶ୍ କରାଯାଇଅଛି ।

## ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ :

ଉକ୍ତ ଆୟୋଗରେ ବିଗତ ତିନିବର୍ଷରେ ସନ୍ତୋଷଜନକ ଭାବେ ବିଭିନ୍ନ ତୃତୀୟ ଶ୍ରେଣୀ ତଥା ସ୍ୱତନ୍ତ୍ର ରେକ୍ରୁଟମେଣ୍ଟ କର୍ମଚାରୀମାନଙ୍କର ନିଯୁକ୍ତି ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି । ବର୍ତ୍ତମାନ ସୁଦ୍ଧା ୧୯୮୬ ଜଣ ମନୋନୀତ ପ୍ରାର୍ଥୀଙ୍କୁ ନିଯୁକ୍ତି ପାଇଁ ବିଭିନ୍ନ ବିଭାଗକୁ ସୁପାରିଶ କରାଯାଇଛି ।

## ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ :

ଶାସନ କ୍ଷେତ୍ରରେ ଦୁର୍ନୀତି ରୋକିବା ପାଇଁ ଉକ୍ତ ସଂସ୍ଥା ବିଗତ ତିନି ବର୍ଷ ମଧ୍ୟରେ ସନ୍ତୋଷ ଜନକ ସାଫଲ୍ୟ ହାସଲ କରିଛି । ଆୟ ତୁଳନାରେ ଅଧିକ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ୫୬ ଜଣ ପ୍ରଥମ ଶ୍ରେଣୀ ଅଧିକାରୀ, ୫୫ ଜଣ ଦ୍ୱିତୀୟ ଶ୍ରେଣୀ ଅଧିକାରୀ, ୧୦୪ ଜଣ ତୃତୀୟ ଶ୍ରେଣୀ ଅଧିକାରୀ, ୩ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବିରୁଦ୍ଧରେ ୨୨୫ ଗୋଟି ମକଦ୍ଦମା ରୁଜୁ କରାଯାଇଅଛି । ଟ୍ରାପ୍ ମାମଲାରେ ୧୫ ଜଣ ପ୍ରଥମ ଶ୍ରେଣୀ ଅଧିକାରୀ, ୪୦ ଜଣ ଦ୍ୱିତୀୟ ଶ୍ରେଣୀ ଅଧିକାରୀ ଏବଂ ୨୬୦ ଜଣ ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ବିରୁଦ୍ଧରେ ମକଦ୍ଦମା ରୁଜୁ କରାଯାଇଅଛି । କୋର୍ଟର ଫଇସଲା ପରେ ଜଣେ ପ୍ରଥମ ଶ୍ରେଣୀ ଅଧିକାରୀ, ଜଣେ ଦ୍ୱିତୀୟ ଶ୍ରେଣୀ ଅଧିକାରୀ ଏବଂ ୧୩ ଜଣ ତୃତୀୟ ଶ୍ରେଣୀ କର୍ମଚାରୀଙ୍କୁ ନ୍ୟାୟାଳୟରେ ଦଣ୍ଡିତ କରାଯାଇଅଛି । ଏହା ବ୍ୟତୀତ ବିଦ୍ୟୁତ ଚୋରି ଫାଙ୍କି ମାମଲାରେ ୩,୨୪୨ ଗୋଟି ମାମଲା ଧରିଥିଲେ ଏବଂ ଜୋରିମାନା ଓ ଟିକ୍ସ ଫାଙ୍କି ବାବଦରେ ୩,୬୩,୯୩,୦୧୭ ଟଙ୍କା ଆଦାୟ କରାଯାଇଥିଲା ।

## ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ :

ରାଜ୍ୟ ସରକାରୀ କର୍ମଚାରୀମାନଙ୍କର ଆପତ୍ତି ଅଭିଯୋଗ ଏବଂ ସେବା ସର୍ତ୍ତ ସଂକ୍ରାନ୍ତୀୟ ମାମଲାଗୁଡ଼ିକର ବିଚାରକରି ଉଚିତ୍ ନ୍ୟାୟ ପ୍ରଦାନ କରିବା ପାଇଁ ଉକ୍ତ ସଂସ୍ଥା ଗଠନ କରାଯାଇଛି । ବିଗତ ତିନି ବର୍ଷ ମଧ୍ୟରେ ଉକ୍ତ ସଂସ୍ଥା ଦ୍ୱାରା ୧୫,୬୪୦ ଗୋଟି ମୂଳ ଦରଖାସ୍ତ ଏବଂ ୧୬୯ ଗୋଟି ସ୍ଥାନାନ୍ତରିତ ଦରଖାସ୍ତ ବିଚାର କରାଯାଇ ଫଇସଲା କରାଯାଇଛି ।

## ଗୋପବନ୍ଧୁ ପ୍ରଶାସନ ଏକାଡେମୀ :

ରାଜ୍ୟରେ ପ୍ରଶାସନିକ ସେବାକୁ ଦକ୍ଷ ଏବଂ ଲୋକାଭିମୁଖୀ କରିବା ପାଇଁ ଉକ୍ତ ଏକାଡେମୀ ବିଭିନ୍ନ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ନିୟମିତ ତାଲିମ ପ୍ରଦାନ କରିଥାଏ । ବିଗତ ତିନିବର୍ଷ ମଧ୍ୟରେ ଉକ୍ତ ଏକାଡେମୀ ଅଭୂତପୂର୍ବ ସାଫଲ୍ୟ ହାସଲ କରିପାରିଛି । ତାଲିମ ସମ୍ପ୍ରସାରଣ କ୍ଷେତ୍ରରେ ବିଶ୍ୱବ୍ୟାଙ୍କ, ଇଉନିସେଫ୍‌ଙ୍କର ଅବଦାନ ଉଲ୍ଲେଖନୀୟ ଅଟେ ।

ଗତ ତିନି ବର୍ଷ ମଧ୍ୟରେ ଏହି କେନ୍ଦ୍ର ୫୦୧ ଜଣ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ, ୧୨ ଜଣ ସର୍ବଭାରତୀୟ ପ୍ରଶାସନିକ ସେବା ଅଧିକାରୀ, ୧୩ ଜଣ ସର୍ବଭାରତୀୟ ବନ ସେବା ଅଧିକାରୀଙ୍କୁ ବିଭିନ୍ନ ବିଷୟରେ କୃତିତ୍ୱ ସହିତ ତାଲିମ ପ୍ରଦାନ କରିଅଛି । ଏତଦ୍‌ବ୍ୟତୀତ ସଂକ୍ଷିପ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭାରତ ସରକାର, ବିଶ୍ୱ ବ୍ୟାଙ୍କ୍ ଏବଂ ୟୁନିସେଫ୍ ସହାୟତାରେ ୧,୩୯୧ ଜଣ ଶିକ୍ଷାନିବିଶଙ୍କୁ ତାଲିମ ପ୍ରଦାନ କରିଛନ୍ତି । ଏଥି ମଧ୍ୟରେ ନିର୍ବାଚନ ଆୟୋଗଙ୍କ ସହାୟତାରେ ୬ ଗୋଟି ରାଜ୍ୟର ୧୯ ଜଣ ନିର୍ବାଚନ ଅଧିକାରୀଙ୍କୁ ନିର୍ବାଚନ ସଂକ୍ରାନ୍ତୀୟ ତାଲିମ ପ୍ରଦାନ କରାଯାଇଛି ।

ବିଶେଷ ଉଲ୍ଲେଖନୀୟ ବିଷୟ ହେଲା ଉକ୍ତ ପ୍ରଶିକ୍ଷଣ କେନ୍ଦ୍ରରେ ଅନ୍ୟାନ୍ୟ ତାଲିମ ସଙ୍ଗେ ସଙ୍ଗେ ଯୋଗବିଦ୍ୟା ମଧ୍ୟ ଶିକ୍ଷା ଦିଆଯାଉଛି । ଯାହାକି ଅଧିକାରୀମାନଙ୍କର ଶାରୀରିକ, ମାନସିକ ଏବଂ ନୈତିକ ମନୋବଳକୁ ଦୃଢ଼ କରିଥାଏ ।

ଭାରତ ସରକାରଙ୍କ ଆର୍ଥିକ ସହାୟତାରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଆବଶ୍ୟକୀୟ ସମସ୍ତ ଶିକ୍ଷା ଏଠାରେ ପ୍ରଦାନ କରାଯାଏ ।

## ସର୍ବ ଭାରତୀୟ ସେବା :

ବିଗତ ତିନିବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ସୁପାରିଶ୍ କ୍ରମେ ୧୧ ଜଣ ସର୍ବଭାରତୀୟ ପ୍ରଶାସନିକ ସେବା ଅଧିକାରୀ, ୧୨ ଜଣ ସର୍ବଭାରତୀୟ ଆରକ୍ଷୀ ସେବା ଅଧିକାରୀ ଏବଂ ୨ ଜଣ ସର୍ବଭାରତୀୟ ବନସେବା ଅଧିକାରୀଙ୍କୁ ସିଧାସଳଖ ନିଯୁକ୍ତି ପରୀକ୍ଷା ଦ୍ୱାରା ନିଯୁକ୍ତି ଦିଆଯିବା ସଙ୍ଗେ ସଙ୍ଗେ ପଦୋନ୍ନତି ମାମଲାରେ କେନ୍ଦ୍ର ସରକାରଙ୍କ ମନୋନୀତ ଏବଂ ସୁପାରିଶ କ୍ରମେ ୪୯ ଜଣ ସର୍ବଭାରତୀୟ ପ୍ରଶାସନିକ ସେବାରେ, ୫ ଜଣଙ୍କୁ ସର୍ବଭାରତୀୟ ଆରକ୍ଷୀ ସେବାରେ ଏବଂ ୧୦ ଜଣଙ୍କୁ ସର୍ବଭାରତୀୟ ବନସେବାରେ ନିଯୁକ୍ତି ଦିଆଯାଇଛି ।

## ଓଡ଼ିଶା ବେସାମରିକ ସେବା :

ଓଡ଼ିଶା ବେସାମରିକ ସେବାରେ ୧୯୯୧, ୧୯୯୨ ଏବଂ ୧୯୯୩ ନିଯୁକ୍ତି ବର୍ଷମାନଙ୍କରେ ଖାଲିଥିବା ପଦବୀ ପୂରଣ ନିମନ୍ତେ ବିଗତ ତିନିବର୍ଷ ମଧ୍ୟରେ ମୋଟ ୨୬୫ ଜଣ ପ୍ରାର୍ଥୀ/ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦିଆଯାଇଅଛି । ୧୯୯୪, ୧୯୯୫, ୧୯୯୬, ୧୯୯୭ ନିଯୁକ୍ତି ବର୍ଷଗୁଡ଼ିକରେ ଖାଲିଥିବା ୩୯୮ ଗୋଟି ପଦବୀ ପୂରଣ ନିମନ୍ତେ ମିଳିତ ପ୍ରତିଯୋଗିତାମୂଳକ ପରୀକ୍ଷା ଓଡ଼ିଶା ଲୋକ ସେବା ଆୟୋଗ ଦ୍ୱାରା ସମ୍ପନ୍ନ କରାଯାଇ ୩୭୬ ଜଣ କୃତୀ ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ ତାଲିକା ଏହି ବିଭାଗକୁ ପଠାଯାଇଅଛି । ସେହି କୃତୀ ପ୍ରାର୍ଥୀ/ପ୍ରାର୍ଥୀନୀଙ୍କୁ ଯଥାଶୀଘ୍ର ନିଯୁକ୍ତି ଦେବା ନିମନ୍ତେ ପଦକ୍ଷେପ ନିଆଯାଉଅଛି ।

## ରାଜଧାନୀ ପ୍ରଶାସନ :

ଉକ୍ତ ସଂସ୍ଥା ରାଜଧାନୀର ଉନ୍ନତି କରଣ ନିମନ୍ତେ ଯୋଜନା ପ୍ରସ୍ତୁତ କରିଥାଏ । ବିଗତ ତିନିବର୍ଷ ମଧ୍ୟରେ ୩୯·୮୨ କୋଟି ଟଙ୍କା ଖର୍ଚ୍ଚ ଅଟକଳ କରାଯାଇ ରାସ୍ତା ସମ୍ପ୍ରସାରଣ, ନୂତନ ରାସ୍ତା ନିର୍ମାଣ, ରାଜଧାନୀର ସୌନ୍ଦର୍ଯ୍ୟକରଣ, କର୍ମଚାରୀଙ୍କ ନିମନ୍ତେ ବାସଗୃହ ନିର୍ମାଣ, ରକ୍ଷଣାବେକ୍ଷଣ, ମରାମତି, ନାଳନର୍ଦ୍ଦମା ନିର୍ମାଣ, ବର୍ଷା ଜଳ ନିଷ୍କାସନ, ରାସ୍ତା ପାର୍ଶ୍ୱ ବୃକ୍ଷରୋପଣ ଇତ୍ୟାଦି ବି: ଡି: ଏ: ତଥା ହାଉସିଂ ବୋର୍ଡ଼ ସହାୟତାରେ କରାଯାଇଅଛି ।

ଏତଦ୍ ବ୍ୟତୀତ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଜଳ ଯୋଗାଣ ବ୍ୟବସ୍ଥାକୁ ଉନ୍ନତ କରିବାରେ ନରାଜ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି ଏବଂ ଉକ୍ତ ପ୍ରକଳ୍ପରେ ସାଧାରଣ ପ୍ରଶାସନ ବିଭାଗର ଅଂଶଧନ ବାବଦରେ ୬୫·୫୦ ଲକ୍ଷ ଟଙ୍କା ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗକୁ ଦିଆଯାଇଅଛି ।

# କଲ୍ୟାଣ ବିଭାଗର କାର୍ଯ୍ୟାବଳୀ

ସମ୍ବିଧାନର ଅନୁଚ୍ଛେଦ ୪୬ରେ ଥିବା ବ୍ୟବସ୍ଥାଗୁଡ଼ିକର ଅଙ୍ଗୀକାରମତେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ସାମାଜିକ ତଥା ଅର୍ଥନୈତିକ ସୁରକ୍ଷା ନିମିତ୍ତ କଲ୍ୟାଣ ବିଭାଗ ବହୁମୁଖୀ ଉନ୍ନୟନ କାର୍ଯ୍ୟକ୍ରମ ତଥା ବିନିୟାମକ ପ୍ରକ୍ରିୟା କାର୍ଯ୍ୟକାରୀ କରିବା ଦାୟିତ୍ୱ ନିର୍ବାହ କରୁଅଛି। ଏହି ବିଭାଗ ୧୯୯୧ ଜନଗଣନା ଅନୁଯାୟୀ ରାଜ୍ୟର ମୋଟ ଜନ ସଂଖ୍ୟାର ଶତକଡ଼ା ୧୬.୨୦ ଭାଗ ଅନୁସୂଚିତ ଜାତି ଓ ୨୨.୨୧ ଅନୁସୂଚିତ ଜନଜାତିଙ୍କ ପ୍ରଗତି ଓ ସମୃଦ୍ଧି ପାଇଁ ନିଷ୍ଠାପର ଉଦ୍ୟମ ଅବ୍ୟାହତ ରଖିଛନ୍ତି। ଏତଦ୍ ବ୍ୟତୀତ ସାମାଜିକ ତଥା ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗଙ୍କ କଲ୍ୟାଣ ନିମନ୍ତେ ଉକ୍ତ ବିଭାଗ ମଧ୍ୟ ଯଥାଯଥ ପଦକ୍ଷେପ ଗ୍ରହଣ କରୁଛନ୍ତି। ଅନୁସୂଚିତ ଜନଜାତିଙ୍କ ସାମାଜିକ ତଥା ଅର୍ଥନୈତିକ କଲ୍ୟାଣ ନିମନ୍ତେ ୨୧ଟି ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନା, ୪୬ଟି ପରିବର୍ତ୍ତିତ ଆଞ୍ଚଳିକ ଉନ୍ନୟନ ଆଭିମୁଖ୍ୟ, ୧୭ଟି ଅଣୁପରିଯୋଜନା, ୧୪ଟି ପୁଞ୍ଜି ଆଭିମୁଖ୍ୟ ଓ ଉପରୋକ୍ତ ଯୋଜନା ବାହାରେ ରହୁଥିବା ଅନୁସୂଚିତ ଜନ ଜାତିମାନଙ୍କ ପାଇଁ ବିକ୍ଷିପ୍ତ ଆଦିବାସୀ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରାଯାଉଛି।

ରାଜ୍ୟରେ ଅନୁସୂଚିତ ଜାତିମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଷଷ୍ଠ ପଞ୍ଚବାର୍ଷିକ ଯୋଜନା ପ୍ରାରମ୍ଭରୁ ବିଶେଷ ଉପାଂଶ ଯୋଜନା କାର୍ଯ୍ୟକାରୀ କରାଯାଉଛି। ବିଭିନ୍ନ ପଦ ପଦବୀରେ ଅନୁସୂଚିତ ବର୍ଗମାନଙ୍କର ପର୍ଯ୍ୟାପ୍ତ ପ୍ରତିନିଧିତ୍ୱ ପାଇଁ ସମସ୍ତ ପ୍ରକାର ପଦ ଓ ସେବାରେ ମୂଳନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିମାନଙ୍କ ପାଇଁ ଯଥାକ୍ରମେ ଶତକଡ଼ା ୧୬.୨୫ ଓ ୨୨.୫୦ ଭାଗ ଆରକ୍ଷଣ ବ୍ୟବସ୍ଥା କରାଯାଇ ଉକ୍ତ ନିୟମ କଡ଼ାକଡ଼ି ପାଳନ ନିମନ୍ତେ ବ୍ୟବସ୍ଥା କରାଯାଉଛି। ସେହିପରି ରାଜ୍ୟର ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ଅନଗ୍ରସର ବର୍ଗଙ୍କ ବିଭିନ୍ନ ପଦପଦବୀରେ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ଏହି ତିନି ବର୍ଷରେ (୯୫–୯୬, ୯୬–୯୭, ଓ ୯୭–୯୮ ଜାନୁଆରୀ ଶେଷ ସୁଦ୍ଧା) ୧,୫୮,୬୬୭ ଜଣ ଅନୁସୂଚିତ ଜାତି ଓ ୨,୩୧,୯୨୪ ଜଣ ଅନୁସୂଚିତ ଜନଜାତି ବିଭିନ୍ନ ଆୟକାରୀ ଯୋଜନାରେ ଉପକୃତ ହୋଇଛନ୍ତି। ଏହାଛଡ଼ା ୨,୦୯୧ ଜଣ ବିମୁକ୍ତ ମେହେନ୍ତର ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗର ୧,୨୫୭ ଜଣ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ମଞ୍ଜୁରୀ ପ୍ରଦାନ କରାଯାଇଛି। ରାଜ୍ୟରେ ୨୨୦ ଜଣ ଅନୁସୂଚିତ ଜନଜାତି ଛାତ୍ରୀ, ୫୨୦ ଜଣ ଅନୁସୂଚିତ ଜନଜାତି ଛାତ୍ର, ୫୨୦ ଜଣ ଅନୁସୂଚିତ ଜନଜାତି ଛାତ୍ର, ୫୭୦ ଜଣ ଅନୁସୂଚିତ ଜାତି ଛାତ୍ରୀ ଓ ୯୦ ଜଣ ଅନୁସୂଚିତ ଜାତି ଛାତ୍ରମାନଙ୍କ ପାଇଁ ୬୩ ଗୋଟି ୩୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନୂତନ ଭାବେ ନିର୍ମାଣ କରାଯାଇଛି। ୨୦୭ଟି ଜାତିଙ୍କୁ ରାଜ୍ୟ ଅନଗ୍ରସରବର୍ଗ ତାଲିକାରେ ସାମିଲ କରିବା ସହ କେନ୍ଦ୍ରୀୟ ଅନଗ୍ରସରବର୍ଗ ତାଲିକାରେ ୧୭୯ଟି ଜାତି ଅନ୍ତର୍ଭୁକ୍ତ ହୋଇଛନ୍ତି। ୪,୯୨୧ଟି ସରକାରୀ/ସ୍ୱୀକୃତିପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଜଣେ କରି ଛାତ୍ର/ଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଉଛି। ସେହିପରି ଜାତୀୟ ଓ ରାଜ୍ୟସ୍ତରରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ହାସଲ କରିବା ପାଇଁ ଅନଗ୍ରସର ବର୍ଗର ଛାତ୍ର/ଛାତ୍ରୀଙ୍କୁ ପ୍ରାକ୍ ପ୍ରଶିକ୍ଷଣ ପ୍ରଦାନ ବ୍ୟବସ୍ଥା କରାଯାଉଛି।

ବିଗତ ୩ ବର୍ଷରେ ୧୯ଟି ନୂତନ ବିଦ୍ୟାଳୟ ସ୍ଥାପନ କରାଯାଇଅଛି। ୧୧ଟି ଆଶ୍ରମ ଓ କନ୍ୟାଶ୍ରମକୁ ଉଚ୍ଚ ବିଦ୍ୟାଳୟରେ ଉନ୍ନିତକରଣ, ୩୦ଟି ସେବାଶ୍ରମ ଓ ଆବାସିକ ସେବାଶ୍ରମକୁ ଆଶ୍ରମ ଓ କନ୍ୟାଶ୍ରମରେ ଉନ୍ନିତକରଣ ଏବଂ ୩୧ଟି ସେବାଶ୍ରମକୁ ଆବାସିକ ସେବାଶ୍ରମରେ ପରିବର୍ତ୍ତନ କରାଯାଇଅଛି। ଏହି ବିଭାଗ ଅଧୀନରେ ୫୩ ଗୋଟି ଉଚ୍ଚ ବାଳିକା ବିଦ୍ୟାଳୟକୁ ମିଶାଇ ୨୧୩ ଗୋଟି ଉଚ୍ଚ ବିଦ୍ୟାଳୟ, ୩୭ ଗୋଟି କନ୍ୟାଶ୍ରମକୁ ମିଶାଇ ୧୪୬ଟି ଆଶ୍ରମ ବିଦ୍ୟାଳୟ, ୧୩୫ ଆବାସିକ ସେବାଶ୍ରମ ଓ ୯୨୯ଟି ସେବାଶ୍ରମ କାର୍ଯ୍ୟ କରୁଅଛି। ସମନ୍ୱିତ ଆଦିବାସୀ ଉନ୍ନୟନ ଅଞ୍ଚଳରେ ୧,୫୪୮ଟି ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସ ଓ ରାଜ୍ୟରେ ୭ ଗୋଟି ସ୍ୱତନ୍ତ୍ର ଆଦିବାସୀ ଛାତ୍ରାବାସ କାର୍ଯ୍ୟ କରୁଅଛି।

ଏହି ତିନି ବର୍ଷରେ ୭,୬୭,୦୧୫ ଅନୁସୂଚିତ ଜାତିର ଓ ୮,୦୬,୭୩୦ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀଙ୍କୁ ପ୍ରାକ୍‌ମାଟ୍ରିକ୍ ଛାତ୍ରବୃତ୍ତି ଓ ୯୧,୧୧୪ ଅନୁସୂଚିତ ଜାତି ଓ ୫୫,୯୬୯ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀଙ୍କୁ ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି।

# ସ୍ୱରାଷ୍ଟ୍ର ବିଭାଗର କାର୍ଯ୍ୟାବଳୀ

## ପୋଲିସ୍ (ଆରକ୍ଷୀ ଶୃଙ୍ଖଳା ରକ୍ଷା)

କେତେକ ସ୍ଥାନୀୟ ଘଟଣାକୁ ବାଦ୍ ଦେଲେ ଗୁରୁତ୍ୱପୂର୍ଣ୍ଣ ଲୋକସଭା ନିର୍ବାଚନ, ରାଜ୍ୟ ବିଧାନ ସଭା ନିର୍ବାଚନ, ବିଶ୍ୱ ପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କର ନବକଳେବର ଉତ୍ସବ ଓ ରଥଯାତ୍ରା ଏବଂ ବ୍ରହ୍ମବରଦା ଇସ୍‌ଲାମିକ୍ ସମ୍ମିଳନୀ ସମୟୋପଯୋଗୀ ପଦକ୍ଷେପ ଫଳରେ ଶାନ୍ତି ଓ ଶୃଙ୍ଖଳାର ସହିତ ସମାହିତ ହୋଇଥିଲା । ୧୯୯୭ ମସିହାରେ ରାଜ୍ୟରେ ଗୁରୁତ୍ୱପୂର୍ଣ୍ଣ ତ୍ରିସ୍ତରୀୟ ପଞ୍ଚାୟତ, ନଗରପାଳିକା, ବିଜ୍ଞାପିତ ଅଞ୍ଚଳ ନିର୍ବାଚନ, ଗୋଟିଏ ଲୋକସଭା ଏବଂ ଦୁଇଟି ବିଧାନ ସଭା ଉପନିର୍ବାଚନ ଶାନ୍ତି ଶୃଙ୍ଖଳା ସହିତ ସମାହିତ ହୋଇଥିଲା ।

## ଅପରାଧଜନିତ ପରିସ୍ଥିତି :

ବିଗତ ୩ ବର୍ଷରେ ମୋଟ ଧର୍ତ୍ତବ୍ୟ ଅପରାଧ ମାମଲା ସଂଖ୍ୟା ପୂର୍ବବର୍ଷଗୁଡ଼ିକ ତୁଳନାରେ ସାମାନ୍ୟ ବୃଦ୍ଧି ଘଟିଥିଲା । ଉକ୍ତ ତିନି ବର୍ଷରେ ଅପରାଧଜନିତ ପରିସ୍ଥିତି ସମ୍ପୂର୍ଣ୍ଣ ସନ୍ତୋଷ ଜନକ । ୧୯୯୫ ମସିହାରେ ମୋଟ ଧର୍ତ୍ତବ୍ୟ ଅପରାଧ ମାମଲାମାନଙ୍କର ଶତକଡ଼ା ୮୨·୬, ୧୯୯୬–୯୭ରେ ୮୨·୪ ଓ ୧୯୯୭–୯୮ ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ଶତକଡ଼ା ୮୪·୬ ମାମଲାମାନଙ୍କରେ ପୋଲିସ୍ ଅନୁସନ୍ଧାନରେ ସଫଳତା ହାସଲ କରାଯାଇଛି । ଉକ୍ତ ବର୍ଷମାନଙ୍କରେ ଡକାୟତ ଓ ଚୋରି ସଂଖ୍ୟା ପୂର୍ବବର୍ଷମାନଙ୍କ ତୁଳନାରେ ହ୍ରାସ ଘଟିଛି ।

## ଜେଲ୍‌ସ୍ ((କାରାଗାର) :

ବିଗତ ତିନି ବର୍ଷ ମଧ୍ୟରେ କାରାଗାର ଆଧୁନିକୀକରଣ ପର୍ଯ୍ୟାପ୍ତ ପରିମାଣରେ କରାଯାଇଛି । ଏତଦ୍‌ବ୍ୟତୀତ ବନ୍ଦୀମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବା ନିମନ୍ତେ ବିଭିନ୍ନ ସାମଗ୍ରୀର ପ୍ରୟୋଗ କରାଯାଇଛି ଏବଂ ବନ୍ଦୀମାନଙ୍କୁ ଶିକ୍ଷାଦାନ ଓ ତାଲିମର ବ୍ୟବସ୍ଥା ହୋଇଛି ।

## ଅଗ୍ନିଶମ ସେବା :

୧୯୯୫–୯୬, ୧୯୯୬–୯୭, ୧୯୯୭–୯୮ ବର୍ଷମାନଙ୍କରେ ଅଗ୍ନିଶମ ସେବା ସଂସ୍ଥା ସମୁଦାୟ ୨୧·୩୭୩ଟି ଅଗ୍ନି ନିର୍ବାପନ ଡାକରା ପାଇଥିଲା ଏବଂ ସେହିବର୍ଷ ମଧ୍ୟରେ ଏହି ସଂସ୍ଥାର ସମୟୋପଯୋଗୀ ପଦକ୍ଷେପ ଯୋଗୁଁ ୮,୨୦୩ ଜଣଙ୍କର ଜୀବନ ରକ୍ଷା ହୋଇପାରିଥିଲା । ଏହାଛଡ଼ା କୋଟି କୋଟି ଟଙ୍କାର ସମ୍ପତ୍ତି ଅଗ୍ନି କବଳରୁ ରକ୍ଷା କରାଯାଇ ପାରିଥିଲା । ଏହି ସମୟ ମଧ୍ୟରେ ନୂତନ ଦମକଳ କେନ୍ଦ୍ର ରାଜ୍ୟରେ ପ୍ରତିଷ୍ଠା କରାଯାଇଛି ।

## ଗୃହରକ୍ଷୀ ବାହିନୀ :

ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗୃହରକ୍ଷୀ ସଂସ୍ଥାରେ ଗୃହରକ୍ଷୀ ସଂଖ୍ୟା ୧୧,୮୭୦କୁ ବୃଦ୍ଧି କରିଛନ୍ତି ଏବଂ ଗୃହରକ୍ଷୀଙ୍କ ଦୈନିକ କର୍ତ୍ତବ୍ୟ ସମ୍ପାଦନ ଭତ୍ତାକୁ ୨୫ ଟଙ୍କାରୁ ୩୦ ଟଙ୍କାକୁ ବୃଦ୍ଧି କରିଛନ୍ତି ।

# ରାଜସ୍ୱ ବିଭାଗର ଉଲ୍ଲେଖନୀୟ କାର୍ଯ୍ୟ

ଓଡ଼ିଶାଭଳି ବିକାଶମୁଖୀ ରାଜ୍ୟର ପ୍ରଶାସନ କ୍ଷେତ୍ରରେ ପ୍ରଗତିଶୀଳ ପଦକ୍ଷେପଗୁଡ଼ିକ କାର୍ଯ୍ୟକାରୀ କରି ପ୍ରଶାସନକୁ ଲୋକାଭିମୁଖୀ କରିବାରେ ରାଜସ୍ୱ ବିଭାଗ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଆସୁଅଛି । ରାଜସ୍ୱ ପ୍ରଶାସନ ଆଇନ ପ୍ରଣୟନ, ଭୂ-ଅଭିଲେଖଗୁଡ଼ିକର କମ୍ପ୍ୟୁଟରକରଣ, କୃଷି ଜମିକୁ ଅଣକୃଷି ଉଦ୍ଦେଶ୍ୟରେ ପରିବର୍ତ୍ତନ କରାଯାଇଥିବା ଜମି ପାଇଁ ଆଇନର ସଂଶୋଧନ, ସହରାଞ୍ଚଳ ଲିଜ୍ ସୂତ୍ରେ ପାଇଥିବା ଜମିକୁ ସ୍ଥିତିବାନ ସ୍ୱତ୍ତ୍ୱ ପ୍ରଦାନ, ବାସହୀନଙ୍କୁ ଜମି ଯୋଗାଣ କ୍ଷମତାର ବିକେନ୍ଦ୍ରୀ କରଣ, ବନ୍ୟା ପ୍ରବଣ ଅଞ୍ଚଳରେ ବିଶୁଦ୍ଧପାନୀୟ ଜଳ ଯୋଗାଣ ଇତ୍ୟାଦି ଏଥି ମଧ୍ୟରେ ଅନ୍ତର୍ଭୁକ୍ତ ।

ରାଜସ୍ୱ ଆଇନର ସରଳୀକରଣ ତଥା ଏକତ୍ରୀକରଣ କରାଯାଇ ଏହାକୁ ସହଜ ଓ ବୋଧଗମ୍ୟ ନିମନ୍ତେ ଏକ ରାଜସ୍ୱ ପ୍ରଶାସନ ଆଇନ୍ ପ୍ରଣୟନ କରାଯାଉଅଛି । ଏହି ବିଧା ରାଜସ୍ୱ ପ୍ରଶାସନ ବିଲ୍‌ଟି ଚୂଡ଼ାନ୍ତ ଭାବେ ଅନୁମୋଦିତ ହେବା ପରେ ଏହାକୁ ଆଇନରେ ପରିଣତ କରାଯିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯାଉଛି ।

ଭୂ-ଅଭିଲେଖଗୁଡ଼ିକ କମ୍ପ୍ୟୁଟରକରଣ କରିବା ପରିଯୋଜନା ସରକାର ହାତକୁ ନେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ୫୦ଟି ତହସିଲ ନିମନ୍ତେ ୮୨-୫ ଲକ୍ଷ ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି ।

କୃଷି ଜମିକୁ ଅଣକୃଷି ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥିଲେ ଏହାକୁ ଉଚ୍ଛେଦ କରିବା ନିମନ୍ତେ ଭୂ-ସଂସ୍କାର ଆଇନରେ ବ୍ୟବସ୍ଥା ଥିଲା । ଜନସଂଖ୍ୟା ବୃଦ୍ଧି, ଶିଳ୍ପର ବିକାଶ ଓ ସହରାଞ୍ଚଳର ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ପ୍ରୋକ୍ତ ଆଇନର ଆବଶ୍ୟକ ସଂଶୋଧନ କରାଯାଇ ଏହାକୁ ଅଣକୃଷି ବ୍ୟବହାରକାରୀଙ୍କ ନାମରେ ବନ୍ଦୋବସ୍ତ କରାଯିବାର ବ୍ୟବସ୍ଥା କରାଯାଇଛି । ଏଥି ଯୋଗୁଁ ସରକାରଙ୍କ ରାଜସ୍ୱ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଏକ ବହୁ ଦିନର ସମସ୍ୟା ସମାଧାନ ହୋଇ ଯାଇଛି ।

ରାଜ୍ୟର ଭୁବନେଶ୍ୱର ଓ ସୁନାବେଡ଼ା ବ୍ୟତୀତ ଅନ୍ୟ ସହରାଞ୍ଚଳରେ ଲିଜ୍ ଦିଆଯାଇଥିବା ଜମିକୁ ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ନିୟମାବଳୀ ୧୯୮୩ର ଆବଶ୍ୟକ ସଂଶୋଧନ କରାଯାଇ ଲିଜ୍ ଗ୍ରହୀତାଙ୍କ ନାମରେ ସ୍ଥିତିବାନ ସ୍ୱତ୍ତ୍ୱରେ ରେକର୍ଡ କରାଯିବାକୁ ଆବଶ୍ୟକ ପଦକ୍ଷେପ ନିଆଯାଇଅଛି ।

ଜନସାଧାରଣଙ୍କ ସମସ୍ୟାର ଆଶୁ ସମାଧାନ ଦିଗରେ ତ୍ୱରାନ୍ୱିତ ପଦକ୍ଷେପ ପାଇଁ କ୍ଷମତାର ବିକେନ୍ଦ୍ରୀକରଣ କରାଯାଇ ତଳସ୍ତରରେ ଅଧିକାରୀମାନଙ୍କୁ ଅଧିକ କ୍ଷମତା ଅର୍ପଣ କରାଯାଇଛି । ଭୂ-ରାଜସ୍ୱ, ପଥକର ଏବଂ ଅନ୍ୟାନ୍ୟ ସରକାରୀ ଦେୟ ଛାଡ଼ ନିମନ୍ତେ ପ୍ରତି କ୍ଷେତ୍ରରେ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ଏବଂ ଜଳକର ଛାଡ଼ ନିମନ୍ତେ ସମ୍ପୂର୍ଣ୍ଣ କ୍ଷମତା ତଳସ୍ତରର ପ୍ରଶାସନକୁ ପ୍ରଦାନ କରାଯାଇଛି ।

ରାଜ୍ୟର ସମସ୍ତ ବାସହୀନ ପରିବାରଙ୍କୁ ଘରଡିହ ଯୋଗାଇ ଦେବା ଲକ୍ଷ୍ୟ ନେଇ ପ୍ରତି ଗ୍ରାମରେ ବାସ କରୁଥିବା ବାସହୀନଙ୍କୁ ଚିହ୍ନଟ କରାଯାଉଅଛି । ଜାନୁଆରୀ ୧୯୯୮ ମସିହା ସୁଦ୍ଧା ୨୪,୬୪୦ ବାସହୀନ ପରିବାରଙ୍କୁ ଘରଡିହ ଯୋଗାଇ ଦିଆଯାଇଅଛି ।

ତନ୍ମଧ୍ୟରୁ ୭,୨୯୦ ହରିଜନ, ୧୦,୦୭୬ ଆଦିବାସୀ ଓ ୭,୨୭୪ ଅନ୍ୟାନ୍ୟ ଶ୍ରେଣୀର ବାସହୀନ ପରିବାର ଅନ୍ତର୍ଭୁକ୍ତ ।

ତହସିଲମାନଙ୍କରେ ମୂଲ୍ୟବାନ ନଥିର ସଂରକ୍ଷଣ ନିମନ୍ତେ ୮୭ଟି ତହସିଲରେ ରେକର୍ଡ ରୁମ୍ ନିର୍ମାଣ ନିମନ୍ତେ ୩-୫ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଅଛି । ବନ୍ୟା ପ୍ରବଣ ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଲକ୍ଷ୍ୟରେ ୪ କୋଟି ଟଙ୍କା ବ୍ୟୟରେ ୮୦୦ ଗଭୀର ନଳକୂପ ଖନନ କରାଯିବାର ବ୍ୟବସ୍ଥା ହୋଇଅଛି । ସେହିଭଳି ପ୍ରୋକ୍ତ ଅଞ୍ଚଳରେ ୪ କୋଟି ଟଙ୍କା ବ୍ୟୟରେ ୨୦୦ଟି ପ୍ରାଣୀ ଆଶ୍ରୟ ସ୍ଥଳ (Live Stock Shelter) ନିର୍ମାଣ କରାଯିବାର ବ୍ୟବସ୍ଥା କରାଯାଉଅଛି ।

# ଗୋପାଳପୁର ବନ୍ଦରର ବିକାଶ

ରାଜ୍ୟ ସରକାର ଗଞ୍ଜାମ ଜିଲ୍ଲାର ଗୋପାଳପୁର ନିକଟରେ ଏକ ଅନୁକୂଳ ପାଗଭିତ୍ତିକ ବନ୍ଦର ନିର୍ମାଣ କରିଛନ୍ତି । ଏହି ବନ୍ଦରଟି ୨୭-୨-୮୭ ତାରିଖଠାରୁ ଉଦ୍‌ଘାଟିତ ହୋଇ ପ୍ରତି ବର୍ଷ ଅକ୍ଟୋବରଠାରୁ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରାୟ ୫ରୁ ୬ ମାସ ପର୍ଯ୍ୟନ୍ତ କାର୍ଯ୍ୟ କରି ଆସୁଅଛି ।

ଏହି ବନ୍ଦର ନିକଟରେ କେତେକ ବନ୍ଦରଭିତ୍ତିକ ଶିଳ୍ପ ଓ ଇସ୍ପାତ ଗଢ଼ି ଉଠୁଥିବାରୁ ବନ୍ଦରଟିର ପଣ୍ୟ ସଞ୍ଚାଳନା କ୍ଷମତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଘରୋଇ ପୁଞ୍ଜି ବିନିଯୋଗରେ ଏହାକୁ ଏକ ବଡ଼ ଧରଣର ସବୁ ଦିନିଆ ବନ୍ଦରରେ ପରିଣତ କରିବା ପାଇଁ ରାଜ୍ୟ ସରକାର ସ୍ଥିର କରି ଗତ ୧୦-୩-୯୭ ତାରିଖରେ ବିଶ୍ୱ ଟେଣ୍ଡର ଆହ୍ୱାନ କରିଥିଲେ । ଆସିଥିବା ଟେଣ୍ଡରମାନଙ୍କ ମଧ୍ୟରୁ ୧୫ ଗୋଟି କମ୍ପାନୀକୁ ତାଲିକାଭୁକ୍ତ କରାଯାଇ ସେମାନଙ୍କଠାରୁ ୨୮-୨-୯୮ ସୁଦ୍ଧା ଚୂଡ଼ାନ୍ତ ପ୍ରସ୍ତାବ ମଗାଯାଇଛି । ଏହି ବନ୍ଦରଟି ୨୦୦୧ ମସିହା ସୁଦ୍ଧା କାର୍ଯ୍ୟକାରୀ ହେବାର ପ୍ରସ୍ତାବ ରହିଛି ।

ଏହା ବ୍ୟତୀତ ଭଦ୍ରକ ଜିଲ୍ଲାର ଧାମରା ମୁହାଣ ନିକଟରେ ବିଦେଶୀ ପୁଞ୍ଜି ଲଗାଣ ଦ୍ୱାରା ବୁଝାମଣାପତ୍ର ମାଧ୍ୟମରେ ଏକ ବଡ଼ ଧରଣର ସବୁଦିନିଆ ବନ୍ଦର ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ସ୍ଥିର କରି ଆଇ:ଏସ୍:ପି: କମ୍ପାନୀ ସହିତ ଏକ ବୁଝାମଣାପତ୍ର ଗତ ୩୧-୩-୯୭ରେ ସ୍ୱାକ୍ଷରିତ କରିଛନ୍ତି । ଏହି ବନ୍ଦରଟି ୨୦୦୧ ମସିହା ସୁଦ୍ଧା କାର୍ଯ୍ୟକାରୀ ହେବାର ପ୍ରସ୍ତାବ ରହିଛି ।

ଏହି ଦୁଇଗୋଟି ବନ୍ଦର ବ୍ୟତୀତ ରାଜ୍ୟ ସରକାର ଓଡ଼ିଶାର ୪୮୦ କି:ମି: ଦୈର୍ଘ୍ୟ ଉପକୂଳରେ ଆଉ ୯ ଗୋଟି କ୍ଷୁଦ୍ର ବନ୍ଦର ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି । ରାଜ୍ୟର ସାମୁହିକ, ଅର୍ଥନୈତିକ ଅଭିବୃଦ୍ଧିକୁ ଆଖିରେ ରଖି ଓ ସମ୍ବଳର ଲଭ୍ୟତା ଅନୁସାରେ ଉକ୍ତ କ୍ଷୁଦ୍ର ବନ୍ଦରଗୁଡ଼ିକର ଉନ୍ନୟନ କାର୍ଯ୍ୟ ପର୍ଯ୍ୟାୟକ୍ରମେ କରାଯିବ ।

ଏହା ସହିତ ରାଜ୍ୟ ସରକାର ୧୯୯୫ ମସିହା ନଭେମ୍ବର ମାସରେ ଗୋପାଳପୁର ବନ୍ଦରଠାରେ ଜାହାଜ ଭଙ୍ଗା କାର୍ଯ୍ୟ କରିବା ପାଇଁ ବନ୍ ଆଭନ କମ୍ପାନୀକୁ ଅନୁମତି ପ୍ରଦାନ କରିଥିଲେ ।

ଉକ୍ତ କାର୍ଯ୍ୟରୁ ରାଜ୍ୟ ସରକାରଙ୍କୁ ୩୮.୩୪ ଲକ୍ଷ ଟଙ୍କା ରାଜସ୍ୱ ମିଳିଛି ।




ରାୟଗଡ଼ା-କୋରାପୁଟ ରେଳପଥ ଉଦ୍‌ଘାଟନ

# ପରିବେଶ ବିଭାଗର ସଫଳ କାର୍ଯ୍ୟକ୍ରମ

ଅନୁଗୁଳ ଜିଲ୍ଲାର ନାଲକୋ ଆଲୁମିନିୟମ କାରଖାନା ଚତୁଃପାର୍ଶ୍ୱରେ ଥିବା ୧୧ଟି ଫ୍ଲୋରାଇଡ଼ ଆକ୍ରାନ୍ତ ଗ୍ରାମର ଗ୍ରାମବାସୀମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ନାଲକୋ ଓ ଓଡ଼ିଶା ପରିବେଶ କାର୍ଯ୍ୟକ୍ରମର ମିଳିତ ସହଯୋଗିତାରେ ରାଜ୍ୟ ସରକାର ଏକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଏବଂ ଏହା ୧୯୯୯ ମସିହା ମାର୍ଚ୍ଚ ମାସ ସୁଦ୍ଧା ସମାପ୍ତ ହେବ ।

ପୁରୀ ସହରର କଠିନ ବର୍ଜ୍ୟବସ୍ତୁ ନିଷ୍କାସନ ତଥା ପୁନଃ ବିନିଯୋଗ ପ୍ରକଳ୍ପ ଓଡ଼ିଶା ପରିବେଶ କାର୍ଯ୍ୟକ୍ରମ ଓ ପୁରୀ ମ୍ୟୁନିସିପାଲିଟି ଜରିଆରେ କାର୍ଯ୍ୟକାରୀ ହେବାକୁ ଯାଉଛି ।

ଚିଲିକା ହ୍ରଦର ସମନ୍ୱିତ ବିକାଶ ପାଇଁ ଚିଲିକାର ମୁହାଣ ଓ ଏହାର ସଂଯୁକ୍ତ ବାହ୍ୟ ନାଳୀ ଖନନ କାର୍ଯ୍ୟ ଆରମ୍ଭ ହୋଇଛି । ଏହା ସହିତ ଚିଲିକା ହ୍ରଦର ଉପର ମୁଣ୍ଡର ମୃତ୍ତିକା ସଂରକ୍ଷଣ, ଦଳ ନିୟନ୍ତ୍ରଣ, ମତ୍ସ୍ୟ ସମ୍ପଦର ବିକାଶ ଓ ସାମାଜିକ ଉନ୍ନୟନ କାର୍ଯ୍ୟକ୍ରମ ରାଜ୍ୟ ସରକାର କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି । ଏଥିପାଇଁ ଭାରତ ସରକାର ୧୦ମ ଅର୍ଥ କମିଶନଙ୍କ ମଞ୍ଜୁରୀ ଅନୁଯାୟୀ ୨,୦୦୦ ମସିହା ସୁଦ୍ଧା ୨୭ କୋଟି ଟଙ୍କାର ଅନୁଦାନ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି ।

ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳର ସୁରକ୍ଷା ଓ ପରିଚାଳନା ପାଇଁ ରାଜ୍ୟ ସରକାର ଏକ ଉପକୂଳବର୍ତ୍ତୀ ଅଞ୍ଚଳ ପରିଚାଳନା କର୍ତ୍ତୃପକ୍ଷ ଗଠନ କରିଛନ୍ତି ।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଶିଳ୍ପାଞ୍ଚଳଗୁଡ଼ିକର ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ।

ଜନସାଧାରଣଙ୍କୁ ରାଜ୍ୟର ପରିବେଶ ସୁରକ୍ଷା ସହ ଅଙ୍ଗୀଙ୍ଗୀ ଭାବେ ସାମିଲ କରିବା ପାଇଁ ରାଜ୍ୟ ସରକାର ଜାତୀୟ ପରିବେଶ ସଚେତନତା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି ।




ଜରଉ ସେତୁ ଉଦ୍‌ଘାଟନ

# କ୍ଷୁଦ୍ର ଜଳସେଚନ (ପ୍ରବାହ) ଯୋଜନା

ଜଳ ସମ୍ପଦ ବିଭାଗ ଅଧୀନସ୍ଥ କ୍ଷୁଦ୍ର ଜଳସେଚନ ସଂସ୍ଥା ରାଜ୍ୟର · ୨୪ ହେକ୍ଟରରୁ ୨,୦୦୦ ହେକ୍ଟର ପର୍ଯ୍ୟନ୍ତ ଜଳସେଚନ କ୍ଷମ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକର ନିର୍ମାଣ ଓ ରକ୍ଷଣାବେକ୍ଷଣ ଆଦି କାର୍ଯ୍ୟ କରି ଆସୁଅଛି । ଏହି ସଂସ୍ଥା ଅଧୀନରେ ଅଦ୍ୟାବଧି ୪,୭୭୭ ଗୋଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରହିଛି । କ୍ଷୁଦ୍ର ଜଳସେଚନ (ପ୍ରବାହ) ଯୋଜନା ମାଧ୍ୟମରେ ରାଜ୍ୟର ମୋଟ ୧୦ ଲକ୍ଷ ହେକ୍ଟର ଶୁଷ୍କ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଅଛି । ୧୯୯୪–୯୫ ମସିହା ଶେଷ ସୁଦ୍ଧା ରାଜ୍ୟର ୪,୦୯,୯୩୦ ହେକ୍ଟରକୁ ଖରିଫ୍ ଋତୁରେ ଓ ୬୩,୬୫୬ ହେକ୍ଟରକୁ ରବି ଋତୁରେ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି ଓ ଏଥି ମଧ୍ୟରୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ୧,୦୭,୪୫୩ ହେକ୍ଟର ଜମି ଖରିଫ୍ ଋତୁରେ ଓ ୧୮,୦୪୧ ହେକ୍ଟର ଜମି ରବି ଋତୁରେ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି ।

୧୯୯୫–୯୬ ଆର୍ଥିକ ବର୍ଷରେ କ୍ଷୁଦ୍ର ଜଳସେଚନ (ପ୍ରବାହ) ଯୋଜନା ବାବଦରେ ମୋଟ ୩,୬୨୯·୧୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ରାଜ୍ୟର ମୋଟ ୫,୮୪୪ ହେକ୍ଟର ଜମିକୁ ଖରିଫ୍ ଋତୁରେ ଓ ୧,୮୦୭ ହେକ୍ଟର ଜମିକୁ ରବି ଋତୁରେ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି । ଏଥି ମଧ୍ୟରୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ୧,୪୬୨·୪୨ ଲକ୍ଷ ଟଙ୍କା ବ୍ୟୟ କରାଯାଇ ୧,୬୮୨ ହେକ୍ଟର ଖରିଫ୍ ଓ ୧,୦୧୨ ହେକ୍ଟର ରବି ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି । ଏହି ବର୍ଷର ଖର୍ଚ୍ଚରୁ ନାବାର୍ଡ଼ ସହାୟତା ଯୋଜନା ଅନ୍ତର୍ଗତ ପ୍ରକଳ୍ପଗୁଡ଼ିକ ବାବଦରେ ୧,୨୬୪·୯୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ଓ ବନ୍ଧ ବାବଦରେ ୧୦୪·୯୪ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ।

୧୯୯୬–୯୭ ଆର୍ଥିକ ବର୍ଷରେ ୩,୪୮୮·୧୪ ଲକ୍ଷ ଟଙ୍କା ବ୍ୟୟ କରାଯାଇ ରାଜ୍ୟର ୭,୦୨୨ ହେକ୍ଟର ଜମିକୁ ଖରିଫ୍ ଋତୁରେ ଏବଂ ୨,୨୨୬ ହେକ୍ଟର ଜମିକୁ ରବି ଋତୁରେ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି । ଏଥି ମଧ୍ୟରୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ୧,୦୩୩·୭୨ ଲକ୍ଷ ଟଙ୍କା ବ୍ୟୟ କରାଯାଇ ୧୯୩୩ ହେକ୍ଟର ଖରିଫ୍ ଓ ୬୬୨ ହେକ୍ଟର ରବି ଜଳସେଚନ ସୁବିଧା ସୃଷ୍ଟି କରାଯାଇଛି । ଏହି ବର୍ଷର ଯୋଜନା ବାବଦ ବ୍ୟୟ ୩,୪୮୮·୧୪ ଲକ୍ଷ ଟଙ୍କା ମଧ୍ୟରୁ ୧୭୯୮·୬୧ ଲକ୍ଷ ଟଙ୍କା ନାବାର୍ଡ଼ ସହାୟତା ଯୋଜନା ଅନ୍ତର୍ଗତ **R. L. D. E.—I** ରେ ୪୩ ଗୋଟି ପ୍ରକଳ୍ପ ବାବଦକୁ ଏବଂ ୭ ଗୋଟି ପ୍ରକଳ୍ପର ବନ୍ଧ ନିରାପତ୍ତା **(D. S. A. R. P.)** ବାବଦକୁ ୧୮୫·୩୬ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ।

ଚଳିତ ଆର୍ଥିକ ବର୍ଷ ୧୯୯୭–୯୮ରେ କ୍ଷୁଦ୍ର ଜଳସେଚନ (ପ୍ରବାହ) ଯୋଜନା ବାବଦକୁ ୨,୯୪୦·୦୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହି ଅର୍ଥ ମଧ୍ୟରୁ ୨,୦୦୦·୦୦ ଲକ୍ଷ ଟଙ୍କା ନାବାର୍ଡ଼ ସହାୟତା ଯୋଜନା ଅନ୍ତର୍ଗତ ୪୧ ଗୋଟି ପ୍ରକଳ୍ପର କାର୍ଯ୍ୟ ବାବଦରେ ବ୍ୟୟ ବରାଦ କରାଯାଇ କାର୍ଯ୍ୟ ଚାଲୁ ରହିଅଛି । ଏହି ବର୍ଷ ୭ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ବନ୍ଧ ନିରାପତ୍ତା କାର୍ଯ୍ୟ ନିମନ୍ତେ ୫୪୦·୦୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ଚଳିତ ବର୍ଷ ରାଜ୍ୟର ୧୨,୭୨୦ ହେକ୍ଟର ଜମିକୁ ଖରିଫ୍ ଋତୁରେ ଏବଂ ୨,୫୩୬ ହେକ୍ଟର ଜମିକୁ ରବି ଋତୁରେ ଜଳସେଚନ ସୁବିଧା ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଛି । ଏଥି ମଧ୍ୟରୁ ୬୫୮·୮୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ୪,୯୩୧ ହେକ୍ଟର ଖରିଫ୍ ଓ ୧,୪୩୨ ହେକ୍ଟର ରବି ଜଳସେଚନ ସୁବିଧା ଯୋଗାଇ ଦିଆଯିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି ।

# ବୟନଶିଳ୍ପ ଓ ହସ୍ତତନ୍ତ ବିଭାଗର ଅଗ୍ରଗତି

**ହସ୍ତତନ୍ତ :**

ରାଜ୍ୟରେ ହସ୍ତତନ୍ତ ବିକାଶ ନିମନ୍ତେ ତନ୍ତ ଆଧୁନିକୀକରଣ, ତନ୍ତଶାଳା ନିର୍ମାଣ, ତନ୍ତଶାଳାକୁ ବିଦ୍ୟୁତ୍ ଯୋଗାଣ, ନୂତନ ପ୍ରଣାଳୀରେ ବସ୍ତ୍ର ଉତ୍ପାଦନ, ବୁଣାକାରମାନଙ୍କୁ ତାଲିମ ଇତ୍ୟାଦି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆର୍ଥିକ ସହାୟତାରେ ବିଭିନ୍ନ ସ୍ୱତନ୍ତ୍ର ଯୋଜନାମାନ କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାମାନ କାର୍ଯ୍ୟକାରୀ କରାଯାଇ ରାଜ୍ୟରେ ହସ୍ତତନ୍ତ ଦ୍ୱାରା ଗତ ୧୯୯୫-୯୬, ୧୯୯୬-୯୭ ଓ ୧୯୯୭-୯୮ ଜାନୁଆରୀ ସୁଦ୍ଧା ଯଥାକ୍ରମେ ୪୧୩·୩୪, ୩୬୬·୮୩ ଓ ୨୬୫·୦୧ ଲକ୍ଷ ବର୍ଗ ମିଟର ବସ୍ତ୍ର ଉତ୍ପାଦନ କରାଯାଇପାରିଛି ଓ ଯଥାକ୍ରମେ ୨,୨୦,୨୮୪, ୨,୨୪,୦୮୪ ଓ ୨,୨୫,୮୮୮ ଜଣଙ୍କୁ କର୍ମ ଯୋଗାଇ ଦିଆଯାଇଥିଛି ।

**କଳତନ୍ତ :**

ହସ୍ତତନ୍ତ ଯୋଜନା ବ୍ୟତୀତ ରାଜ୍ୟରେ ଥିବା ପ୍ରାୟ ୪,୨୦୦ କଳତନ୍ତ ମାଧ୍ୟମରେ ଗତ ୧୯୯୫-୯୬, ୧୯୯୬-୯୭ ଓ ୧୯୯୭-୯୮ ଜାନୁଆରୀ ସୁଦ୍ଧା ଯଥାକ୍ରମେ ୫୦ ଲକ୍ଷ, ୨୦ ଲକ୍ଷ ଓ ୫·୦୧ ଲକ୍ଷ ବସ୍ତ୍ର ଉତ୍ପାଦନ କରାଯାଇଥିଛି ।

**ସୂତାକଳ :**

କାର୍ପାସ ସୂତାର ଗୁହିବା ମେଣ୍ଟାଇବା ପାଇଁ ଏହି ବିଭାଗ ଅଧୀନରେ ଥିବା ସମବାୟ ସୂତାକଳଗୁଡ଼ିକରେ ଗତ ୧୯୯୫-୯୬, ୧୯୯୬-୯୭ ଓ ୧୯୯୭-୯୮ ଜାନୁୟାରୀ ସୁଦ୍ଧା ଯଥାକ୍ରମେ ୬୮,୬୪ ଓ ୫୪ ଲକ୍ଷ କିଲୋଗ୍ରାମ ସୂତା ଉତ୍ପାଦନ କରାଯାଇଛି । ଏହି ସୂତାକଳଗୁଡ଼ିକରେ ପ୍ରାୟ ୭,୦୦୦ ଲୋକଙ୍କର କର୍ମ ସଂସ୍ଥାନ ହୋଇଛି ।

**ରେଶମ ଶିଳ୍ପ :**

ବିଭିନ୍ନ ପ୍ରୋତ୍ସାହନ ଦ୍ୱାରା ପାରମ୍ପରିକ ଟସର ଶ୍ରେଷ୍ଠ ଅଣପାରମ୍ପରିକ ତୁତଶ୍ରେଷ୍ଠ ଓ ଏଣ୍ଡିଶ୍ରେଷ୍ଠର ପ୍ରସାର ଦ୍ୱାରା ଗତ ୧୯୯୫-୯୬, ୧୯୯୬-୯୭ ଓ ୧୯୯୭-୯୮ ଜାନୁୟାରୀ ସୁଦ୍ଧା ଯଥାକ୍ରମେ ୩୨,୦୩୫,୫୧·୨୫୧ ଓ ୪୮·୦୨୦ ମେଟ୍ରିକ ଟନ୍ ରେଶମ କୋଷା ଉତ୍ପାଦନ କରାଯାଇଛି । ଏହାଦ୍ୱାରା ପ୍ରାୟ ୬୦ ହଜାର ବ୍ୟକ୍ତିଙ୍କ ପାଇଁ କର୍ମ ସଂସ୍ଥାନର ସୁଯୋଗ ସୃଷ୍ଟି କରାଯାଇଛି । ବିଦେଶୀ ପୁଞ୍ଜି ବିନିଯୋଗ କରି ଟସର ଓ ତୁତଶ୍ରେଷ୍ଠ ଜରିଆରେ ରେଶମ ଉତ୍ପାଦନ ବୃଦ୍ଧି କରିବା ପାଇଁ ଏକ ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି ।

**ଓଡ଼ିଶା ଟେକ୍ସଟାଇଲ୍ ମିଲସ୍, ଚୌଦ୍ୱାର :**

ରାଜ୍ୟର ଏହି ପୁରାତନ ଲୁଗାକଳ ଆବଶ୍ୟକୀୟ ପୁଞ୍ଜି ଅଭାବରୁ ବହୁ ବର୍ଷ ଧରି କ୍ଷତିରେ ଚାଲିଆସୁଅଛି । ଏହାର ପୁନରୁଦ୍ଧାର ନିମନ୍ତେ ଏକ ପ୍ରସ୍ତାବ ବି: ଆଇ: ଏଫ୍: ଆର ଗତ ୨୬-୨-୧୯୯୮ ତାରିଖରେ ମଞ୍ଜୁର କରିଛନ୍ତି ।

# ସାଧାରଣ ଅଭିଯୋଗ ଫଏସଲା ଓ ପେନ୍‌ସନ୍ ପ୍ରଶାସନ ବିଭାଗର କାର୍ଯ୍ୟାବଳୀ

**ସାଧାରଣ ଅଭିଯୋଗ ଫଏସଲା :**

- ବର୍ତ୍ତମାନ ସରକାରଙ୍କ ସମୟରେ ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ ବିଭାଗରେ ୧୧,୬୮୦ଟି ସାଧାରଣ ଅଭିଯୋଗ ମିଳିଅଛି ଓ ସେଥିରୁ ମଧ୍ୟରୁ ୨,୬୪୯ଟି ଫଏସଲା କରାଯାଇଅଛି ।
- ଅଭିଯୋଗଗୁଡ଼ିକର ଫଏସଲା ତ୍ୱରାନ୍ୱିତ୍ ପାଇଁ ପଦକ୍ଷେପ ନିଆଯାଉଅଛି ଓ ସମ୍ପୃକ୍ତ ବିଭାଗମାନଙ୍କୁ ପଠାଯାଉଅଛି ।
- କମ୍ପ୍ୟୁଟର ମାଧ୍ୟମରେ ଆଗତ ଅଭିଯୋଗ ଦରଖାସ୍ତଗୁଡ଼ିକର ଫଏସଲା ରେକର୍ଡ଼ ପ୍ରସ୍ତୁତ କରି ନିର୍ଦ୍ଦିଷ୍ଟ ସମୟରେ ଫଏସଲା ପାଇଁ ତାଗିଦ କରାଯାଉଅଛି ।
- ପୋଷ୍ଟ କାର୍ଡ଼ ବା ଚିଠି ମାଧ୍ୟମରେ ଆସିଥିବା ଅଭିଯୋଗଗୁଡ଼ିକର ତଦନ୍ତ କରାଯାଇ ଫଳାଫଳ ଆବେଦନକାରୀମାନଙ୍କୁ ଜଣାଇ ଦିଆଯାଉଅଛି ।
- ଏହି ବିଭାଗର ଲକ୍ଷ୍ୟ ଲୋକମାନଙ୍କର ଆପତ୍ତି ଅଭିଯୋଗ ପ୍ରତି ଚେତନଶୀଳ ହେବା ଓ ତାହାର ପ୍ରତିକାର ପାଇଁ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରିବା ।
- ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏହି ବିଭାଗରେ ଏକ ଦୁର୍ନୀତି ନିବାରଣ ପ୍ରକୋଷ୍ଠ ଖୋଲାଯାଇଅଛି ଏବଂ ଏହି ସଂକ୍ରାନ୍ତୀୟ ୫୦ ଗୋଟି ମାମଲା ହସ୍ତଗତ ହୋଇଅଛି ଏବଂ ସମ୍ପୃକ୍ତ ଅଫିସରଙ୍କ ନିକଟକୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଇ ଦିଆଯାଇଅଛି ।

**ପେନ୍‌ସନ୍ ପ୍ରଶାସନ ଓ ପେନ୍‌ସନ୍ ମାମଲା ଫଏସଲା :**

- ପେନ୍‌ସନ୍, ଗ୍ରାଚୁଇଟି ଓ ଅବସରକାଳୀନ ଛୁଟି ବାବଦ ଦରମା ଏକ ଦାନ ନୁହେଁ, ଏହା ଏକ ସାମାଜିକ ସୁରକ୍ଷା ବ୍ୟବସ୍ଥା ଓ ଅବସରପ୍ରାପ୍ତ କର୍ମଚାରୀ ଏବଂ ସେମାନଙ୍କ ପରିବାରମାନଙ୍କର ଚଳଣି ପାଇଁ ପ୍ରଦତ୍ତ ଏକ ଅଧିକାର ।
- ୨,୦୬୮ଟି ପେନ୍‌ସନ୍ ଗ୍ରାଚୁଇଟି ନପାଇବା ସମ୍ବନ୍ଧରେ ଦରଖାସ୍ତ ମିଳିଥିଲା ଏବଂ ସେଥିରୁ ମଧ୍ୟରୁ ୧,୬୩୩ଟି ମାମଲା ଫଏସଲା ସମ୍ପୃକ୍ତ ଅଧିକାରୀଙ୍କ ସହ ପତ୍ରାଳାପ ଦ୍ୱାରା ଫଏସଲା କରାଯାଇ ପାରିଛି ।
- ୨୯ଟି ପେନ୍‌ସନ୍ ଅଦାଲତ ଜିଲ୍ଲା ସଦର ମହକୁମା ଓ ରାଜ୍ୟ ସଦର ମହକୁମାରେ କରାଯାଇ ପେନ୍‌ସନ୍‌ଭୋଗୀ ଓ ପରିବାରମାନଙ୍କର ସୁବିଧା ପାଇଁ ୨,୯୫୮ଟି ପେନ୍‌ସନ୍ ମାମଲା ଆପୋଷ ଆଲୋଚନା ମାଧ୍ୟମରେ ଫଏସଲା ହୋଇଅଛି ।
- ବାକି ପଡ଼ିଥିବା ପେନ୍‌ସନ୍ ମାମଲାଗୁଡ଼ିକର ତ୍ୱରାନ୍ୱିତ ପାଇଁ ତଥ୍ୟ ସଂଗ୍ରହ କରି ଫଏସଲା ପାଇଁ ଦିନ ଧାର୍ଯ୍ୟ କରାଯାଇଅଛି ଓ ନିର୍ଦ୍ଦିଷ୍ଟ ତାରିଖରେ ଫଏସଲା ପାଇଁ ବାରମ୍ବାର ସ୍ମାରକ ପଠାଯାଉଅଛି ।
- କମ୍ପ୍ୟୁଟର ମାଧ୍ୟମରେ ଅବସରପ୍ରାପ୍ତ କର୍ମଚାରୀଙ୍କ ତଥ୍ୟ ରଖାଯାଇ ଅବସରପ୍ରାପ୍ତ ଦିନ ବା ତା'ପର ମାସ ମଧ୍ୟରେ ସେମାନଙ୍କ ଭବିଷ୍ୟନିଧି ପାଣ୍ଠିରେ ଗଚ୍ଛିତ ଟଙ୍କା ଅବ୍ୟବହୃତ ଛୁଟି ବାବଦକୁ ଟଙ୍କା, ଗ୍ରାଚୁଇଟି ଓ ବକେୟା ଦରମା ଦେବାର ବ୍ୟବସ୍ଥା କରାଯାଇଅଛି ।

**ଲୋକପାଳ ଓ ଲୋକାୟୁକ୍ତ ଆଇନ ପ୍ରଣୟନ :**

- ଓଡ଼ିଶା ଲୋକପାଳ ଓ ଲୋକାୟୁକ୍ତ ଆଇନ, ୧୯୯୫ ମସିହା ଅଗଷ୍ଟ ମାସଠାରୁ କାର୍ଯ୍ୟକାରୀ କରାଯାଉଅଛି । ଏହି ଆଇନର ଉଦ୍ଦେଶ୍ୟ ସରକାରୀ ଶାସନରେ ଥିବା ପଦାଧିକାରୀ ଓ ମନ୍ତ୍ରିମଣ୍ଡଳର ସଭ୍ୟଙ୍କ ବିରୁଦ୍ଧରେ ବିଭିନ୍ନ ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିବା । ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ମହାପାତ୍ର ତା ୧୬–୨–୧୯୯୭ ରିଖଠାରୁ ଓଡ଼ିଶାର ଲୋକପାଳ ଭାବେ ଶପଥ ଗ୍ରହଣ କରିଅଛନ୍ତି । ଏହି ସମୟ ମଧ୍ୟରେ ସେ ପୂର୍ବ ଲୋକପାଳଙ୍କ ସମୟରୁ ବାକିଥିବା ୧୬ଟି ପୁରୁଣା କେସ୍ ସହିତ ୮ଟି ନୂଆ କେସ୍ ବିଚାର ପାଇ ହାତକୁ ନେଇଛନ୍ତି ଏବଂ ସେଗୁଡ଼ିକର ବିଚାର ପାଇଁ ପଦକ୍ଷେପ ନିଆଯାଉଅଛି ।

# ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ସଫଳତା

ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିରର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ଭାରତ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ତରଫରୁ ଆୟୋଜିତ ଏକ ଆନ୍ତର୍ଜାତିକ ଆଲୋଚନାଚକ୍ରରେ ଗୁରୁତ୍ୱ ଆରୋପ କରାଯାଇଛି । ବୈଷୟିକ ସହାୟତା ବ୍ୟତୀତ ୟୁନେସ୍କୋ ଅନୁଦାନ ଆକାରରେ ଏଥିପାଇଁ ୪୦ ଲକ୍ଷ ଟଙ୍କା ଦେବା ପାଇଁ ରାଜି ହୋଇଛନ୍ତି ।

୧୧ ବର୍ଷ ପରେ ୧୯୯୭, ଅପ୍ରେଲ ୧ ତାରିଖରେ ପ୍ରଥମଖଣ୍ଡ ମୌଳିକ ଓଡ଼ିଆ ଶବ୍ଦକୋଷ ପ୍ରକାଶନ ଉନ୍ମୋଚିତ ହୋଇଛି ।

ପ୍ରତ୍ୟେକ ପ୍ରକାଶକ ଓ ଲେଖକ ସେମାନଙ୍କ ପ୍ରକାଶିତ ପୁସ୍ତକର ଏକକିତା ଜାତୀୟ ପାଠାଗାରକୁ ଯୋଗାଇଦେବା ପାଇଁ ବାଧ୍ୟତାମୂଳକ କରାଯାଇଛି । ଏହା ଫଳରେ ଆମ ସମୃଦ୍ଧ ଓଡ଼ିଆ ସାହିତ୍ୟ ଜାତୀୟ ସ୍ତରରେ ପ୍ରସାରିତ ହୋଇ ପାରିବ ।

ଆନ୍ତର୍ଜାତିକ ସ୍ତରରେ ଦୃଷ୍ଟି ଆକର୍ଷଣ କରିବା ପାଇଁ ଓଡ଼ିଆ ଲେଖକମାନଙ୍କର ଉଭୟ ଓଡ଼ିଆ ଓ ଇଂରାଜୀ ପୁସ୍ତକମାନ ବର୍ଲିନ୍ ପାଠାଗାର, ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟ ଓ ବ୍ରିଟେନକୁ ପଠାଯାଇଛି । ବେସରକାରୀ ଉଦ୍ୟମରେ ବ୍ୟବସାୟିକ ଦେଶୀୟ ରଙ୍ଗମଞ୍ଚଗୁଡ଼ିକର ପୁନରୁଦ୍ଧାର ପାଇଁ ସରକାର ସାହାଯ୍ୟ ସହଯୋଗ ଯୋଗାଇ ଦେଇଛନ୍ତି ।

ପୂର୍ବାଞ୍ଚଳ ଆଞ୍ଚଳିକ ଜାତୀୟ ଅଭିଲେଖାଗାର କେନ୍ଦ୍ରକୁ ସରକାର ଭୁବନେଶ୍ୱରକୁ ଆଣିବାରେ ସଫଳ ହୋଇଛନ୍ତି । ଏଥିପାଇଁ ୨ ଏକର ପରିମିତ ଜମି ମଧ୍ୟ ଯୋଗାଇ ଦିଆଯାଇଛି ।

ମୂଲ୍ୟବାନ ତାଳପତ୍ର ପୋଥିଗୁଡ଼ିକର ସୁରକ୍ଷା ପାଇଁ ରାଜ୍ୟ ସଂଗ୍ରହାଳୟରେ ଏକ ସଂରକ୍ଷଣ ପ୍ରକୋଷ୍ଠ ସ୍ଥାପନ କରାଯାଇଛି ।

ଚଳିତ ବର୍ଷ ପାରମ୍ପରିକ କଳାକାରଭତ୍ତାର ସଂଖ୍ୟା ବଢ଼ାଇ ଦିଆଯାଇଛି ।

ଓଡ଼ିଶୀ ନୃତ୍ୟ ଲିପିକୁ ପୁସ୍ତକ ଆକାରରେ ପ୍ରକାଶ କରାଯାଇଛି ।

ପ୍ରାଚୀନ କୀର୍ତ୍ତିରାଜିର ସୁରକ୍ଷା ଓ ସଂରକ୍ଷଣ ପାଇଁ ରାଜ୍ୟ ସରକାର କେତେଗୁଡ଼ିଏ ପଦକ୍ଷେପ ନେଇଛନ୍ତି । ଏଥିପାଇଁ ଦଶମ ଅର୍ଥ କମିଶନ ୧୦ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ସହାୟତାର ବ୍ୟବସ୍ଥା କରିଛନ୍ତି । ୨୦୦୦ ମସିହା ସୁଦ୍ଧା ୪୮୬ଟି ପ୍ରାଚୀନ କୀର୍ତ୍ତିରାଜିର ରକ୍ଷଣାବେକ୍ଷଣ ପାଇଁ ଏହି ପରିକଳ୍ପନାରେ ଚିହ୍ନଟ କରାଯାଇଛି । ପ୍ରଥମ ପଦକ୍ଷେପ ସ୍ୱରୂପ ଚଳିତ ଆର୍ଥିକ ବର୍ଷରେ ୮୪ଟି ପ୍ରାଚୀନ କୀର୍ତ୍ତିରାଜିର କାର୍ଯ୍ୟ ହାତକୁ ନିଆଯାଇଛି ।

ବିଦ୍ୱାନ୍ ଓ ପରିଦର୍ଶକମାନଙ୍କ ରୁଚି ପ୍ରତି ଦୃଷ୍ଟି ଦେଇ ରାଜ୍ୟ ସଂଗ୍ରହାଳୟରେ କେତେକ ନୂତନ ପଦକ୍ଷେପ ନିଆଯିବା ସଙ୍ଗେ ସଙ୍ଗେ ଗ୍ୟାଲେରୀଗୁଡ଼ିକର ପୁନର୍ଗଠନ କରାଯାଇଛି ।

ବିଗତବର୍ଷ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି ।

ଗ୍ରାମାଞ୍ଚଳ ଗ୍ରନ୍ଥାଗାର ଓ ପାଠାଗାର ପାଣ୍ଠିର ପରିମାଣ ୧୯୯୫–୯୬ରେ ୧୫ ଲକ୍ଷ ଟଙ୍କା ଥିବା ସ୍ଥଳେ ୧୯୯୬–୯୭ ଓ ୧୯୯୭–୯୮ରେ ଏହାର ପରିମାଣ ଯଥାକ୍ରମେ ୨୦ ଲକ୍ଷ ଓ ୨୩ ଲକ୍ଷକୁ ବଢ଼ାଇ ଦିଆଯାଇଛି । ଏହା ଫଳରେ ଗ୍ରାମାଞ୍ଚଳରେ ଅଧିକ ଗ୍ରାମ୍ୟ ଗ୍ରନ୍ଥାଗାର ପ୍ରତିଷ୍ଠା ସଙ୍ଗେ ସଙ୍ଗେ ଲୋକମାନଙ୍କର ପଠନ ଅଭ୍ୟାସର ଉନ୍ନତି ଘଟିଛି ।

# ଜଙ୍ଗଲ ଓ ପରିବେଶ ବିଭାଗର ପ୍ରଗତି

ଜଙ୍ଗଲ ଆମ ରାଜ୍ୟର ଅନ୍ୟତମ ପ୍ରଧାନ ପ୍ରାକୃତିକ ସମ୍ପଦ । ରାଜ୍ୟ ସରକାର ଜଙ୍ଗଲର ସୁରକ୍ଷା ଏବଂ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ବିଗତ ୩ ବର୍ଷ ମଧ୍ୟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ।

ରାଜ୍ୟ ସରକାର ନୂତନ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି ସୁରକ୍ଷା ଓ ପରିଚାଳନା ପାଇଁ ସ୍ଥାନୀୟ ଲୋକଙ୍କୁ ସକ୍ରିୟ ଭାବେ ସମ୍ପୃକ୍ତ କରିବା ସଙ୍ଗେ ସଙ୍ଗେ ଭୋଗଦଖଲ ପାଇଁ କେତେକ କ୍ଷମତା ପ୍ରଦାନ କରିଛନ୍ତି । ଜଙ୍ଗଲରେ ଭୂତଳଶାୟୀ ବୃକ୍ଷକୁ ଛାଡ଼ି, ସବୁଜ, ମୃତ ତଥା ଶୁଷ୍କ ଗଛ କାଟିବା ପାଇଁ କେତେକ ଆଇନ୍‌ର ବ୍ୟବସ୍ଥା କରାଯାଇଛି ।

ମିଳିତ ଜଙ୍ଗଲ ପରିଚାଳନା ପାଇଁ ଗ୍ରାମ୍ୟବାସିନ୍ଦାମାନଙ୍କୁ ସମ୍ପୃକ୍ତ କରି ସିଡ଼ା ସହାୟତାରେ ସରକାର ନୂତନ ପରିକଳ୍ପନାମାନ ପ୍ରଚଳନ କରିଛନ୍ତି ।

ବୃକ୍ଷଲତା ତଥା ଜୀବଜନ୍ତୁଙ୍କ ସୁରକ୍ଷା ତଥା ସଂରକ୍ଷଣ ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ।

ଦେଶରେ ପ୍ରଥମକରି ସାମୁଦ୍ରିକ କଇଁଛମାନଙ୍କ ସୁରକ୍ଷା ଲାଗି ଗହିରମଥା ଅଞ୍ଚଳକୁ କଇଁଛମାନଙ୍କ ସାମୁଦ୍ରିକ ଆଶ୍ରୟସ୍ଥଳୀ ରୂପେ ଘୋଷଣା କରିଛନ୍ତି ।

କେନ୍ଦୁପତ୍ର ସଂଗ୍ରହ ଏକ ଶ୍ରମଭିତ୍ତିକ କାର୍ଯ୍ୟ । ଏଥିରେ ଗ୍ରାମାଞ୍ଚଳର ବହୁ ଆଦିବାସୀ କର୍ମନିଯୁକ୍ତି ପାଇଥାନ୍ତି । କେନ୍ଦୁପତ୍ର ତୋଳାଳିମାନେ ଯେପରି ଉପକୃତ ହୋଇପାରିବେ ସେଥିପାଇଁ କେନ୍ଦୁପତ୍ର ସଂଗ୍ରହର ମୂଲ୍ୟ ବଢ଼ାଇ ଦିଆଯାଇଛି ।

ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ ଜାତିସଂଘର ଅନ୍ୟତମ ସଂସ୍ଥା । ଏହି ସଂସ୍ଥା ଜରିଆରେ ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଥାଏ । ଏହି ସଂସ୍ଥାରୁ ଖାଦ୍ୟ ସହାୟତା ଲାଭକରି, ଜଙ୍ଗଲ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କ ପୁଷ୍ଟିସାଧନ ପାଇଁ ଖାଦ୍ୟ ଯୋଗାଇ ଦିଆଯାଇଥାଏ । ସରକାରଙ୍କ ଆନ୍ତରିକ ଉଦ୍ୟମ ଫଳରେ ଏହି ପରିକଳ୍ପନା ଜରିଆରେ ପାନୀୟଜଳ, ପୁଷ୍କରିଣୀର ପୁନରୁଦ୍ଧାର, ଶ୍ରମିକମାନଙ୍କ ପାଇଁ ଗୃହନିର୍ମାଣ, ଜଙ୍ଗଲ ସଚେତନତା କେନ୍ଦ୍ର, ଖାଦ୍ୟ ମହଜୁଦ୍ କରିବା ଗୋଦାମ, ସ୍ୱାସ୍ଥ୍ୟ ଓ ଚିକିତ୍ସା ସୁବିଧା, ଜଙ୍ଗଲ ରାସ୍ତାଗୁଡ଼ିକର ଉନ୍ନତି ସାଧନ ନିମନ୍ତେ ବ୍ୟବସ୍ଥା କରାଯାଇଛି । ନଭେମ୍ବର ୧୯୯୬ ମସିହାରୁ ଏହାର ୨ୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ୩ ବର୍ଷ ପାଇଁ ଆରମ୍ଭ କରାଯାଇଛି । ରାଜ୍ୟ ସରକାର ପରିବେଶର ସୁରକ୍ଷା ନିମନ୍ତେ ଅନୁଗୁଳ ଜିଲ୍ଲାର ୧୧ଟି ଫ୍ଲୋରାଇଡ୍ ଦ୍ୱାରା କ୍ଷତିଗ୍ରସ୍ତ ଗ୍ରାମକୁ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ନାଲ୍‌କୋ ସହାୟତାରେ ଏକ ପ୍ରକଳ୍ପ ଆରମ୍ଭ ହୋଇଛି । ପୁରୀ ସହରର ଆବର୍ଜନା ପରିଷ୍କାର ପାଇଁ ପୁରୀ ମ୍ୟୁନିସିପାଲିଟି ସହାୟତାରେ ଏକ ଯୋଜନା ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି ।

ଚିଲିକା ଏବଂ ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ଲୋକମାନଙ୍କର ସାମାଜିକ ଉନ୍ନତିକୁ ଦୃଷ୍ଟିରେ ରଖି ଚିଲିକା ହ୍ରଦର ଖନନ କାର୍ଯ୍ୟ, ମୃତ୍ତିକା ସଂରକ୍ଷଣ, ନାଳବଣ ଉନ୍ନୟନ ଓ ମତ୍ସ୍ୟଚାଷ ଯୋଜନା ରାଜ୍ୟସରକାର ହାତକୁ ନେଇଛନ୍ତି । ଏଥି ନିମନ୍ତେ ଦଶମ ଅର୍ଥ କମିଶନ ୧୯୯୬–୯୭ରୁ ୨୦୦୦ ମସିହା ପାଇଁ ୨୭ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି

ଶିଳ୍ପାଞ୍ଚଳମାନଙ୍କରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ କେତେକ କାର୍ଯ୍ୟକ୍ରମ ହାତକୁ ନେଇ ସଫଳତା ହାସଲ କରିଛି ।

ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କର ସୁରକ୍ଷା ପାଇଁ ରାଜ୍ୟସରକାର ପୋଷ୍ଟାଲ ଜୋନ୍ ମ୍ୟାନେଜ୍‌ମେଣ୍ଟ ଅଥରିଟି ପ୍ରତିଷ୍ଠା କରିଛନ୍ତି ।

ଜାତୀୟ ପରିବେଶ ସଚେତନତା ଅଭିଯାନ ଆନୁକୂଲ୍ୟରେ ପରିବେଶର ସୁରକ୍ଷା ପାଇଁ ରାଜ୍ୟ ସରକାର କେତେକ ସକ୍ରିୟ ପଦକ୍ଷେପ ହାତକୁ ନେଇଛନ୍ତି ।

# ଓଡ଼ିଶାରେ ଉଠା ଜଳସେଚନ ପ୍ରକଳ୍ପ

୧୯୯୪-୯୫ ଶେଷ ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲ୍ଲାରେ ୩,୪୮୨ଟି ଉଠା ଜଳସେଚନ ପ୍ରକଳ୍ପ ବସାଯାଇ ଖରିଫ ଋତୁରେ ୨.୯୪ ଲକ୍ଷ ହେକ୍ଟର, ରବି ଋତୁରେ ୧.୭୭ ଲକ୍ଷ ହେକ୍ଟର ଜମି ପାଇଁ ଜଳସେଚନର ବ୍ୟବସ୍ଥା କରାଯାଇଥିଲା ।

୧୯୯୫-୯୬, ୧୯୯୬-୯୭ ଏବଂ ୧୯୯୭-୯୮ (ଫେବ୍ରୁଆରୀ ୯୮ ପର୍ଯ୍ୟନ୍ତ) ବର୍ଷ ମାନଙ୍କର କାର୍ଯ୍ୟକ୍ରମ ଓ ପ୍ରଗତି ନିମ୍ନରେ ପ୍ରଦତ୍ତ ହେଲା ।

## ନୂତନ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ :

୧୯୯୫-୯୬, ୧୯୯୬-୯୭ ଓ ୧୯୯୭-୯୮ ବର୍ଷମାନଙ୍କରେ କେତୋଟି ନୂତନ ଉଠା ଜଳସେଚନ ପ୍ରକଳ୍ପ ବସାଇବା ପାଇଁ କାର୍ଯ୍ୟକ୍ରମ ଥିଲା ଓ କେତୋଟି ବସାଯାଇଛି, ତା'ର ବିବରଣୀ ନିମ୍ନରେ ଦର୍ଶାଗଲା ।

| ବର୍ଷ | କାର୍ଯ୍ୟକ୍ରମ | | ସଫଳତା | |
|---|---|---|---|---|
| | ପ୍ରକଳ୍ପ ସଂଖ୍ୟା | ସେଚକ୍ଷମ ପରିମାଣ (ହେକ୍ଟରରେ) | ପ୍ରକଳ୍ପ ସଂଖ୍ୟା | ସେଚଜମିର ପରିମାଣ (ହେକ୍ଟରରେ) |
| (୧) | (୨) | (୩) | (୪) | (୫) |
| ୧୯୯୫-୯୬ | ୭୨୫ | ୧୫୫୭୦ | ୩୬୭ | ୭୧୫୫ |
| ୧୯୯୬-୯୭ | ୭୨୪ | ୧୫୬୫୦ | ୫୬୯ | ୧୨୬୮୪ |
| ୧୯୯୭-୯୮ | ୬୮୭ | ୧୬୯୪୧ | ୨୪୨ | ୪୭୪୭ |

(ଫେବ୍ରୁଆରୀ ୯୮ ପର୍ଯ୍ୟନ୍ତ)

ଏତଦ୍ ବ୍ୟତୀତ, ଫେବ୍ରୁଆରୀ ଶେଷ ସୁଦ୍ଧା ଆଉ ୩୫୬ଟି ଉଠା ଜଳସେଚନ ପ୍ରକଳ୍ପ ସ୍ଥାପିତ ହୋଇ ସାରିଲାଣି ମାତ୍ର ବିଦ୍ୟୁତ୍‌କରଣ ଅପେକ୍ଷାରେ ଅଛି ।

କେତୋଟି ପ୍ରକଳ୍ପ ଚଳାଯାଇ କେତେ ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦିଆଯାଇଛି :–

| ବର୍ଷ | କାର୍ଯ୍ୟକ୍ରମ | | ସଫଳତା | |
|---|---|---|---|---|
| | ପ୍ରକଳ୍ପ ସଂଖ୍ୟା | ଜଳସେଚନ ପାଇଁ କାର୍ଯ୍ୟକ୍ରମ ରଖାଯାଇଥିବା ଜମିର ପରିମାଣ (ହେକ୍ଟରରେ) | କେତୋଟି ପ୍ରକଳ୍ପ ଚଳାଯାଇଛି | କେତେ ହେକ୍ଟର ଜମିକୁ ପାଣି ଯୋଗାଇ ଦିଆଯାଇଛି । |
| (୧) | (୨) | (୩) | (୪) | (୫) |
| ୧୯୯୫-୯୬ | | | | |
| ଖରିଫ | ୯୭୭୬ | ୨୦୨୮୦୭ | ୨୫୭୨ | ୨୧୧୭୬ |
| ରବି | ୯୧୯୩ | ୮୬୨୮୬ | ୭୬୩୦ | ୬୬୬୪୯ |
| ୧୯୯୬-୯୭ | | | | |
| ଖରିଫ | ୯୨୫୫ | ୯୬୩୦୦ | ୭୬୦୬ | ୭୯୪୭୬ |
| ରବି | ୧୦୫୮୯ | ୧୨୦୦୦୦ | ୯୫୭୨ | ୧୧୩୪୯୫ |

| (୧) | (୨) | (୩) | (୪) | (୫) |
|---|---|---|---|---|
| ୧୯୯୭-୯୮ | | | | |
| ଖରିଫ | ୧୦୬୨୨ | ୧୮୦୦୦୦ | ୨୬୪୦ | ୯୬୧୧୪ |
| ରବି | ୧୦୬୨୨ | ୧୪୦୦୦୦ | ୬୩୫୭ | ୪୬୦୪୭ |

(ଫେବ୍ରୁଆରୀ ୯୮ ପର୍ଯ୍ୟନ୍ତ)

**ଅନ୍ୟାନ୍ୟ :-**

ଏତଦ୍ ବ୍ୟତୀତ ୧୯୯୫-୯୬ ବର୍ଷ ଓ ୧୯୯୬-୯୭ ବର୍ଷ, ନାବାର୍ଡ଼ ଆର୍ଥିକ ସହାୟତାରେ ଯଥାକ୍ରମେ ୩୩୯ଟି ଉଠା ଜଳସେଚନ ପ୍ରକଳ୍ପ ଓ ୨୦୮୬ଟି ଉଠା ଜଳସେଚନ ପ୍ରକଳ୍ପର ଜଳବହନ ପ୍ରଣାଳୀ ସମ୍ପୂର୍ଣ୍ଣ କରାଯାଇ ଯଥାକ୍ରମେ ୨୬୮୫ ହେକ୍ଟର ଓ ୨୩୦୫୫ ହେକ୍ଟର ଜମିରେ ଜଳସେଚନ ସୁଦୃଢ଼ୀକରଣ କରାଯାଇଛି । ଏଥିନିମନ୍ତେ, ନାବାର୍ଡ଼ ଆଇ.ଆଇ.ଡ଼ି.ଏଫ୍. ସ୍କିମ୍‌ରେ ୩୦.୨୨ କୋଟି ଟଙ୍କା ମଞ୍ଜୁର କରିଥିଲେ ଯାହାକି ନିଗମକୁ ଯୋଜନା ବଜେଟ୍‌ରେ ମଞ୍ଜୁର କରାଯାଇଥିଲା ।




ଡୁବୁରୀଠାରେ ମେସ୍କୋ ଇସ୍ପାତ୍ କାରଖାନା ଉଦ୍‌ଘାଟନ

# କୃଷି ବିଭାଗର ସଫଳ କାର୍ଯ୍ୟକ୍ରମ

୧୯୯୪-୯୫ରେ ରାଜ୍ୟର କୃଷକମାନଙ୍କ ଦ୍ୱାରା ଉତ୍ପାଦିତ ପ୍ରାମାଣିକ ବିହନର ପରିମାଣ ୫୦,୦୦୦ କୁଇଣ୍ଟାଲ ହୋଇଥିବା ସ୍ଥଳେ ୧୯୯୭-୯୮ରେ ଏହାର ପରିମାଣ ୨,୫୦,୦୦୦ କୁଇଣ୍ଟାଲକୁ ବୃଦ୍ଧି ପାଇଛି ।

୧୯୯୪-୯୫ରେ ରାଜ୍ୟର କୃଷକମାନଙ୍କୁ ଅଧିକ ଅମଳକ୍ଷମ ଓ ଉନ୍ନତମାନର ୧,୦୪,୦୦୦ କୁଇଣ୍ଟାଲ ବିହନ ଯୋଗାଇ ଦିଆଯାଇଥିବା ସ୍ଥଳେ ୧୯୯୭-୯୮ରେ ଏହାର ପରିମାଣ ୨,୯୦,୦୦୦ କୁଇଣ୍ଟାଲକୁ ବୃଦ୍ଧି ପାଇଛି ।

ବିହନର ସ୍ଥାନାନ୍ତିକରଣ ହାର ୧୯୯୪-୯୫ରେ ଶତକଡ଼ା ୨·୫ ଥିବା ସ୍ଥଳେ ୧୯୯୭-୯୮ରେ ଏହାର ପରିମାଣ ଶତକଡ଼ା ୭·୦କୁ ବୃଦ୍ଧି ପାଇଛି ।

ରାଜ୍ୟରେ ହେକ୍ଟର ପିଛା ସାରର ବ୍ୟବହାର ୧୯୯୪-୯୫ରେ ୨୩ କିଲୋ । ଥିବା ସ୍ଥଳେ ୧୯୯୬-୯୭ରେ ୩୧ କିଲୋରେ ପହଞ୍ଚିଛି ।

କୃଷିର ଯାନ୍ତ୍ରିକୀକରଣ ପାଇଁ ୧୯୯୪-୯୫ରେ ୧·୮୨ କୋଟି ଟଙ୍କାର କୃଷିଯନ୍ତ୍ରପାତି ଯୋଗାଇ ଦିଆଯାଇଥିବା ସ୍ଥଳେ ୧୯୯୬-୯୭ରେ ଏହା ୧୦·୨୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

ରାଜ୍ୟ କୃଷିନୀତି ଭିତ୍ତିରେ ୧୯୯୮ ଜାନୁଆରୀ, ଶେଷ ସୁଦ୍ଧା ରାଜ୍ୟରେ ୫,୦୦୦ ଅଗଭୀର ନଳକୂପ ଓ ସେଚକୂପ ସ୍ଥାପନ କରାଯାଇଛି । ଏହା ଫଳରେ ରାଜ୍ୟରେ ଅଧିକ ୧୦,୦୦୦ ହେକ୍ଟର ଜମିକୁ ଜଳସେଚନର ସୁବିଧା ଦିଆଯାଇ ପାରିଛି ।

ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତଳ ଭଣ୍ଡାର ସ୍ଥାପନ କରିବା ପାଇଁ ଆପିକଲ ୧୬ ଜଣ ଉଦ୍ୟୋଗୀଙ୍କୁ ମନୋନୀତ କରିଛି । ବର୍ତ୍ତମାନ ୩ଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ହେଲାଣି ଓ ଅନ୍ୟ ୪ଟିର କାର୍ଯ୍ୟ ଆରମ୍ଭ ହୋଇଛି ।

ଆପିକଲ୍ ଗଠନ ହେବାଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ପରିକଳ୍ପନାରେ ୫୦୦୦ କୋଟିରୁ ଅଧିକ ଟଙ୍କା ବିନିଯୋଗ କରାଯାଇଛି ।

ସରକାର ବଢ଼ବତ ତକଥିବା ଜମିରେ ଫଳ ବୃକ୍ଷ ରୋପଣ କରିବା ପାଇଁ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ୧୯୯୫-୯୬,୧୯୯୬-୯୭ ଓ ୧୯୯୭-୯୮ରେ ଯଥାକ୍ରମେ ୯,୧୦୫ ହେକ୍ଟର, ୧୫,୮୬୬ ହେକ୍ଟର ଓ ୨୨,୩୬୫ ହେକ୍ଟର ଜମିରେ ଫଳ ଗଛ ରୋପଣ କରାଯାଇଛି ।

ଓଡ଼ିଶାକୁ ଆଳୁଚାଷରେ ଆତ୍ମନିର୍ଭରଶୀଳ କରିବାପାଇଁ ଏକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ରାଜ୍ୟରେ ୧୪,୬୫୦ ହେକ୍ଟର ଜମିରେ ଆଳୁଚାଷ କରାଯାଇଛି । ଏହା ବ୍ୟତୀତ ପଠାରେ ଆଳୁଚାଷ କରିବାପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି ।

ରାଜ୍ୟରେ ତାଳ ତେଲ ଚାଷ ପ୍ରବର୍ତ୍ତନ କରାଯାଇ ୧,୩୨୭ ହେକ୍ଟର ଜମିରେ ତାଳ ତେଲ ଚାଷ କରାଯାଇଛି । ୧୯୯୮-୯୯ରେ ଅଧିକ ୧୦୦୦ ହେକ୍ଟର ଜମିକୁ ଏହାର ପରିସରଭୁକ୍ତ କରିବା ପାଇଁ ଯୋଜନା ରଖା ଯାଇଛି ।

କୃଷିନୀତି ଅନୁଯାୟୀ ୨୦୦ରୁ ଅଧିକ ବ୍ଲକ୍‌ରେ ଉନ୍ନତମାନର ଚାରା ଉତ୍ପାଦନ ପାଇଁ ନର୍ସରୀମାନ ସ୍ଥାପନ କରାଯାଇଛି ।

**NWDPRA, DPAP, WDP** ଓ ବହିଃ ସହାୟତା କାର୍ଯ୍ୟକ୍ରମ ଅନୁଯାୟୀ ଜଳ ଅବବାହିକାଭିତ୍ତିକ କାର୍ଯ୍ୟ ମଧ୍ୟ ହାତକୁ ନିଆଯାଇଛି । ଏହି ସବୁ କାର୍ଯ୍ୟକ୍ରମ ଦ୍ୱାରା ବିଗତ ତିନିବର୍ଷ ମଧ୍ୟରେ ୪.୨୪ ଲକ୍ଷ ହେକ୍ଟର ଜମିକୁ ଜଳ ଯୋଗାଇ ଦିଆଯାଇଛି ।

# ଯୋଜନା ଓ ସମନ୍ୱୟ ବିଭାଗର କାର୍ଯ୍ୟାବଳୀ

ଦେବଗଡ଼, ବଲାଙ୍ଗୀର, ଝାରସୁଗୁଡ଼ା, କଳାହାଣ୍ଡି, ନୂଆପଡ଼ା, ସମ୍ବଲପୁର, ସୋନପୁର ଏବଂ ସୁନ୍ଦରଗଡ଼ ଜିଲ୍ଲାମାନଙ୍କରେ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ରାଜ୍ୟ ବିଧାନସଭାରେ ଆଗତ କରାଯାଇ ଥିବା ପଶ୍ଚିମ ଓଡ଼ିଶା ଉନ୍ନୟନ ପରିଷଦ ବିଲ୍ ୧୯୯୬କୁ ମନୋନୟନ କମିଟିକୁ ପ୍ରେରଣ କରାଯାଇଛି । ଏହାର ସୁପାରିଶକୁ ଅପେକ୍ଷା କରାଯାଇଛି । ସେହିପରି ବିଧାନସଭାରେ ଆଗତ କରାଯାଇଥିବା ଓଡ଼ିଶା ଜିଲ୍ଲା ଯୋଜନା କମିଟି ବିଲ୍ ୧୯୯୭ର ମନୋନୟନ କମିଟିର ସୁପାରିଶକୁ ଅପେକ୍ଷା କରାଯାଇଛି ।

ରାଜ୍ୟରେ ବିଦେଶୀ ପୁଞ୍ଜି ସହାୟତାରେ ପରିଚାଳିତ ଯୋଜନାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ଅଧିକ ବୈଦେଶିକ ସାହାଯ୍ୟ ଲାଭ ଉଦ୍ଦେଶ୍ୟରେ ଗତ ୨୬ ଓ ୨୭ ଜାନୁଆରୀ ୯୮ରେ ଏହି ବିଭାଗ ଦ୍ୱାରା ଆର୍ଥିକ ସହାୟତା ଯୋଗାଉଥିବା ସଂସ୍ଥାଗୁଡ଼ିକର ବୈଠକ ଆୟୋଜନ କରାଯାଇଥିଲା । ଏଥିରେ ୭ଟି ସାହାଯ୍ୟକାରୀ ଦେଶ ଭାଗ ନେଇଥିଲେ । ସାହାଯ୍ୟକାରୀ ଦେଶମାନଙ୍କ ଦ୍ୱାରା କୃଷି, ଶକ୍ତି, ସ୍ୱାସ୍ଥ୍ୟ, ଗ୍ରାମ୍ୟଉନ୍ନୟନ, ଖଣି, ଜଳସମ୍ପଦ, କଲ୍ୟାଣ, ପୂର୍ତ୍ତ ଇତ୍ୟାଦି ୩୯ଟି ପ୍ରସ୍ତାବିତ ଯୋଜନା ବେଶ୍ ଆଦୃତ ହୋଇଥିଲା ।

ରାଜ୍ୟର ଉନ୍ନତିକଳ୍ପେ ଅଷ୍ଟମ ଯୋଜନାକାଳରେ ସମୁଦାୟ ଅଟକଳର ପ୍ରାୟ ୯୬·୦୯ ପ୍ରତିଶତ ପୁଞ୍ଜି ବିନିଯୋଗ କରାଯାଇଥିଲା । ନବମ ଯୋଜନା ପାଇଁ ପ୍ରାୟ ୧୫ ଲକ୍ଷ କୋଟି ଟଙ୍କା ବ୍ୟୟ ଅଟକଳ ଯୋଜନା କମିଶନଙ୍କ ଅନୁମୋଦନ ଅପେକ୍ଷାରେ ରହିଛି । ୧୯୯୭–୯୮ ବାର୍ଷିକ ଯୋଜନା ପାଇଁ ୨,୮୧୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ଜାନୁଆରୀ ୧୯୯୮ ସୁଦ୍ଧା ୧୪୦୯·୭୨ କୋଟି ଟଙ୍କା ବ୍ୟୟ କରାଯାଇ ସାରିଛି ।

ରାଜ୍ୟରେ ସ୍ଥାନୀୟ ଚାହିଦା ଅନୁସାରେ କ୍ଷୁଦ୍ର ଓ ଅତ୍ୟାବଶ୍ୟକ କାର୍ଯ୍ୟ ପାଣ୍ଠି ଯୋଗାଇ ଦେବାକୁ ବିଧାୟକମାନଙ୍କର ସୁପାରିଶ କ୍ରମେ ରାଜ୍ୟରେ M.L.A. L.A.D. ନାମକ ଏକ ନୂତନ ଯୋଜନା ୧୯୯୭–୯୮ ମସିହାରେ ପ୍ରବର୍ତ୍ତନ କରାଯାଇଛି । ୧୯୯୭–୯୮ ବର୍ଷରେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପାଇଁ ୫ ଲକ୍ଷ ଟଙ୍କା ହିସାବରେ ମୋଟ ୭୩୫ ଲକ୍ଷ ଟଙ୍କା ବିନିଯୋଗ କରାଯିବାର ପ୍ରସ୍ତାବ ଥିଲା । ୧୯୯୮–୯୯ ମସିହାରେ ମଧ୍ୟ ଏହି ଯୋଜନା ଚାଲୁ ରହିବାର ଆଶା କରାଯାଉଛି ।

ରାଜ୍ୟର ବିଶେଷ ସମସ୍ୟାଗୁଡ଼ିକର ମୁକାବିଲା କରିବା ପାଇଁ ରାଜ୍ୟ ଯୋଜନା ଓ ସମନ୍ୱୟ ବିଭାଗରେ ସ୍ୱତନ୍ତ୍ର ସମସ୍ୟା ପାଣ୍ଠି ନାମକ ନୂତନ ଯୋଜନା ପ୍ରବର୍ତ୍ତନ କରାଯାଇଛି । ଏଥିପାଇଁ ଚଳିତବର୍ଷ ୯୩·୭୭ ଲକ୍ଷ ବ୍ୟୟ ଅଟକଳର ବ୍ୟବସ୍ଥା ହୋଇଛି । ୧୯୯୮–୯୯ ମସିହାରେ ଏହି ଯୋଜନା ଚାଲୁ ରଖିବାର ପ୍ରସ୍ତାବ ରଖାଯାଇଛି ।

# ଗ୍ରାମ୍ୟ ଅର୍ଥନୀତିର ବିକାଶରେ ସମବାୟ ବିଭାଗର ଭୂମିକା

ଗ୍ରାମ୍ୟ ଅର୍ଥନୀତିର ବିକାଶ ନିମନ୍ତେ କୃଷି ଉତ୍ପାଦନର ଅଭିବୃଦ୍ଧି ଏକାନ୍ତ ଆବଶ୍ୟକ । ଏଥି ନିମନ୍ତେ ସମବାୟର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ସମାଜର ଦୁର୍ବଳଶ୍ରେଣୀର ଲୋକମାନଙ୍କ ନିକଟରେ ଅତ୍ୟାବଶ୍ୟକ ଦ୍ରବ୍ୟର ବଣ୍ଟନ ସହ କୃଷି ଉତ୍ପାଦନ ଓ ବିକ୍ରୟ (Markating) ପାଇଁ ମଧ୍ୟ ସମବାୟ ସମିତିମାନ ନିଜକୁ ନିୟୋଜିତ କରୁଛନ୍ତି । ବହୁ ବାଧାବିଘ୍ନସତ୍ତ୍ୱେ ରାଜ୍ୟ ସମବାୟ ବିଭାଗ ଗତ ୧୯୯୫ରୁ ୧୯୯୮ ମଧ୍ୟରେ ଯଥେଷ୍ଟ ପ୍ରଗତି ହାସଲ କରିପାରିଛି । ରାଜ୍ୟ ସମବାୟ ବିଭାଗର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟାବଳୀ ନିମ୍ନରେ ପ୍ରଦତ୍ତ ହେଲା ।

ରାଜ୍ୟର ଗରିବ କୃଷକମାନେ ଋଣଗ୍ରସ୍ତ ହୋଇ କୃଷିର ଉନ୍ନତି ନିମନ୍ତେ ନୂତନ ଋଣ ଗ୍ରହଣ କରି ପାରୁନଥିଲେ । ଏହି ସମୟରେ ରାଜ୍ୟ ସରକାରଙ୍କର ସୁଧ ପ୍ରୋତ୍ସାହନ ଯୋଜନା ଋଣଗ୍ରସ୍ତ ଗରିବ ଚାଷୀମାନଙ୍କ ମନରେ ଆଶାର ସଂଚାର କରିଥିଲା ଏବଂ ସେମାନେ ପୂର୍ବରୁ ନେଇଥିବା ଋଣ ପରିଶୋଧ କରିବା ସହ ନୂତନ ଋଣ ଗ୍ରହଣ ପାଇଁ ସକ୍ଷମ ହୋଇଥିଲେ । ୧୯୯୫–୯୬ ଆର୍ଥିକ ବର୍ଷରେ ୩.୯୪ ଲକ୍ଷ କୃଷକ ପରିବାରଙ୍କୁ ୩୧୦.୬୨ କୋଟି ଟଙ୍କାର ସୁଧ ମଞ୍ଜୁର କରାଯାଇ ପାରିଛି ।

ରାଜ୍ୟ ସରକାରଙ୍କ ବଳିଷ୍ଠ ପଦକ୍ଷେପ ଫଳରେ କୃଷି ଉତ୍ପାଦନରେ ବୈପ୍ଳବିକ ପରିବର୍ତ୍ତନ ଦେଖା ଦେଇଛି । ବିଗତ ତିନି ବର୍ଷ ଯଥା ୧୯୯୫–୯୬, ୧୯୯୬–୯୭, ୧୯୯୭–୯୮ ବର୍ଷରେ ସମବାୟ ସମିତି ଜରିଆରେ ୩୬୬.୫୨ କୋଟି ଟଙ୍କା ଖରିଫ ଋତୁରେ ଏବଂ ୧୩୪.୯୬ କୋଟି ଟଙ୍କା ରବି ଋତୁରେ ଲଗାଣ କରାଯାଇଛି ।

ସମବାୟ ଆଇନର ସଂଶୋଧନ ସରକାରଙ୍କର ଏକ ପ୍ରଗତିକାରୀ ପଦକ୍ଷେପ । ଏହା ଫଳରେ ସମିତିମାନଙ୍କର ପରିଚାଳନା କ୍ଷେତ୍ରରେ ହରିଜନ ଆଦିବାସୀ ମହିଳା ଇତ୍ୟାଦି ସବୁବର୍ଗର ସଭ୍ୟମାନଙ୍କର ପ୍ରତିନିଧିତ୍ୱ ଗଣତାନ୍ତ୍ରିକ ଭାବଧାରା ତଥା ଯୁଗୋପଯୋଗୀ ଚିନ୍ତାଧାରାର ବାର୍ତ୍ତାବହ କହିଲେ ଅତ୍ୟୁକ୍ତି ହେବନାହିଁ । ସାରା ଭାରତବର୍ଷରେ ଓଡ଼ିଶା ଏହି କ୍ଷେତ୍ରରେ ଦିଗ୍‌ଦର୍ଶନ ଦେଇପାରିଛି । ସାର ଯୋଗାଣ କ୍ଷେତ୍ରରେ ସମବାୟ ସମିତିମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ୧୯୯୭–୯୮ ମସିହା ଖରିଫ ଋତୁରେ ମୋଟ ୬୩.୭୭ କୋଟି ଟଙ୍କା ମୂଲ୍ୟର ୧.୨୮ ଲକ୍ଷ ମେଟ୍ରିକ୍‌ଟନ୍ ସାର କାରବାର ହୋଇଛି । ରାଜ୍ୟର ଦୂରବର୍ତ୍ତୀ ଅଞ୍ଚଳମାନଙ୍କରେ ଏହି ସୁବିଧା ପହଞ୍ଚାଇଦେବା ପାଇଁ ୯୭–୯୮ ବର୍ଷରେ ବ୍ଲକ୍ ସ୍ତରରେ ବିକ୍ରୟ କେନ୍ଦ୍ରମାନ ଖୋଲାଯାଇଛି ।

ରାଜ୍ୟର ଆଳୁଚାଷୀମାନଙ୍କ ପାଇଁ ସେମାନଙ୍କ ଫସଲକୁ ସୁରକ୍ଷିତ ଭାବେ ଶୀତଳ ଭଣ୍ଡାରମାନଙ୍କରେ ରକ୍ଷଣାବେକ୍ଷଣ ନିମନ୍ତେ ରାୟଗଡ଼ା, ଭୁବନେଶ୍ୱର ଓ ନିମାପଡ଼ାଠାରେ ତିନୋଟି ସମବାୟ ଶୀତଳଭଣ୍ଡାର ନିର୍ମାଣ କରାଯାଇଛି । ଏହା ଫଳରେ ଅଧିକ ୧୭.୫୦୦ ମେଟ୍ରିକ୍ ଟନ୍ ଫସଲ ସୁରକ୍ଷିତ ହୋଇପାରିବ ।

ଫସଲ ବୀମା ଯୋଜନା ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ଚାଷୀମାନଙ୍କ ପାଇଁ ଆଶୀର୍ବାଦ ସ୍ୱରୂପ । ଏହି ଯୋଜନା ଫଳରେ ଚାଷୀମାନେ ଋଣ ପରିଶୋଧ କରି ନୂତନ ଋଣ ଗ୍ରହଣ କରିବା ସହ ଚାଷ କାର୍ଯ୍ୟ ଅବ୍ୟାହତ ରଖିପାରୁଛନ୍ତି । ୧୯୯୬ ଖରିଫ୍ ଋତୁରେ ଫସଲଋଣ ବୀମାଭୁକ୍ତ କରାଯାଇଛି । ୧୯୯୭–୯୮ ରବି ଋତୁରେ ପରୀକ୍ଷାମୂଳକ ଭାବେ ସମବାୟ ବୀମା ଯୋଜନା ରାଜ୍ୟର ୫ଟି ଜିଲ୍ଲାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କର ଉନ୍ନତିକଳ୍ପେ ଆରମ୍ଭ କରାଯାଇଛି । ଏହାଦ୍ୱାରା ଉଭୟ ଋଣ ନେଇଥିବା ଏବଂ ନେଇନଥିବା ଚାଷୀମାନେ ଉପକୃତ ହେବେ ।

# ଶିଳ୍ପ ବିଭାଗର କାର୍ଯ୍ୟାବଳୀ

ବିଗତ ୩ଟି ଆର୍ଥିକ ବର୍ଷରେ ଯଥା ୧୯୯୫–୯୬, ୧୯୯୬–୯୭, ୧୯୯୭–୯୮ ସରକାର ଶିଳ୍ପର ଅଭିବୃଦ୍ଧି ନିମନ୍ତେ ୧୧ ଗୋଟି ବୃହତ/ମ ମ ପ୍ରକଳ୍ପ କାର୍ଯ୍ୟକାରୀ କରିବାପାଇଁ ବିହିତ ପଦକ୍ଷେପ ନେଇଛନ୍ତି । ଏହି ପ୍ରକଳ୍ପଗୁଡ଼ିକରେ ଇସ୍ପାତ, ଶକ୍ତି ଓ ବନ୍ଦର ପ୍ରକଳ୍ପଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇନାହିଁ କାରଣ ତତ୍‌ସମ୍ବନ୍ଧୀୟ ଅଗ୍ରଗତି ବିବରଣୀ ସମ୍ପୃକ୍ତ ବିଭାଗ ଦ୍ୱାରା ସଂକଳନ ହୋଇଥାଏ ।

### କ୍ଷୁଦ୍ର ଶିଳ୍ପ

ଏହି ଯୋଜନାରେ ବିଗତ ୩ ବର୍ଷରେ (୧୯୯୭ ଡିସେମ୍ବର ସୁଦ୍ଧା) ପ୍ରତିଷ୍ଠା କରାଯାଇଥିବା କ୍ଷୁଦ୍ରଶିଳ୍ପ, ବିନିଯୋଗ ହୋଇଥିବା ଟଙ୍କାର ପରିମାଣ ଏବଂ ସୃଷ୍ଟି ହୋଇଥିବା କର୍ମି ସଂସ୍ଥାନର ଏକ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା ।

| | | |
|---|---|---|
| (୧) | ପ୍ରତିଷ୍ଠା ହୋଇଥିବା କ୍ଷୁଦ୍ରଶିଳ୍ପ | ୭୯୪୪ |
| (୨) | ବିନିଯୋଗ କରାଯାଇଥିବା ଟଙ୍କାର ପରିମାଣ (ଲକ୍ଷ ଟଙ୍କାରେ) | ୨୪୦୧୪·୧୪ |
| (୩) | କର୍ମ ସଂସ୍ଥାନ | ୪୦୨୦୫ |

### ପ୍ରଧାନମନ୍ତ୍ରୀଙ୍କ ରୋଜଗାର ଯୋଜନା :

ଉକ୍ତ ଯୋଜନାରେ ବିଗତ ତିନିବର୍ଷ ମଧ୍ୟରେ ଦିଆଯାଇଥିବା ଋଣ ଅନୁଦାନ, ହିତାଧିକାରୀଙ୍କ ସଂଖ୍ୟା, ପ୍ରତିଷ୍ଠା କରାଯାଇଥିବା ପ୍ରକଳ୍ପ ଏବଂ ତତ୍‌ଜନିତ ସୃଷ୍ଟି ହୋଇଥିବା ଶ୍ରମ ଦିବସର ଅଗ୍ରଗତି ନିମ୍ନରେ ପ୍ରଦାନ କରାଗଲା ।

| | | |
|---|---|---|
| (୧) | ହିତାଧିକାରୀଙ୍କ ସଂଖ୍ୟା | ୧୧୬୦୩ |
| (୨) | ଆବଣ୍ଟିତ ଟଙ୍କାର ପରିମାଣ (ଲକ୍ଷ ହିସାବରେ) | ୭୦୦୯·୩୫ |
| (୩) | ସ୍ଥାପିତ ହୋଇଥିବା ପ୍ରକଳ୍ପର ସଂଖ୍ୟା | ୯୧୭୦ |
| (୪) | ସୃଷ୍ଟି ହୋଇଥିବା ଶ୍ରମ ଦିବସ | ୧୮୬୧୪ |

### ଯାନ୍ତ୍ରିକ ବିଦ୍ୟାଳୟ/ମହାବିଦ୍ୟାଳୟ ସ୍ଥାପନ :

ରାଜ୍ୟର ଦ୍ରୁତ ଶିଳ୍ପ ପ୍ରସାରଣକୁ ଦୃଷ୍ଟିରେ ରଖି ବହୁ ସଂଖ୍ୟକ ବୈଷୟିକ ଶିକ୍ଷାପ୍ରାପ୍ତ ତଥା କୁଶଳୀ କାରୀଗରମାନଙ୍କର ଆବଶ୍ୟତାକୁ ଉପଲବ୍ଧି କରି ସରକାର ନୂତନ ଭାବେ ବିଗତ ତିନିବର୍ଷରେ ୧୨ ଗୋଟି ଯାନ୍ତ୍ରିକ ମହାବିଦ୍ୟାଳୟ ଓ ୩ ଗୋଟି ଯାନ୍ତ୍ରିକ ବିଦ୍ୟାଳୟ ସରକାରୀ ଓ ବେସରକାରୀ ସ୍ତରରେ ପ୍ରତିଷ୍ଠା କରିଛନ୍ତି ।

(୧) ନୂତନ ଯାନ୍ତ୍ରିକ ମହାବିଦ୍ୟାଳୟର ସ୍ଥାନ ସଂଖ୍ୟା —୨୦୧୦

(୨) ନୂତନ ଯାନ୍ତ୍ରିକ ବିଦ୍ୟାଳୟରେ ସ୍ଥାନ ସଂଖ୍ୟା —୫୮୦




ଗଣିଆ–ବରମୂଳ–କୁଟୁରୀ ରାସ୍ତା ଉପରେ ଖଳଖଳା ସେତୁ ଉଦ୍‌ଘାଟନ

# ସରକାରୀ ଉଦ୍ୟୋଗ ବିଭାଗର କାର୍ଯ୍ୟକ୍ରମ

ରାଜ୍ୟର ସରକାରୀ ଉଦ୍ୟୋଗଗୁଡିକର ସୁପରିଚାଳନା ଓ ସୁନିୟନ୍ତ୍ରଣ ତଥା ଆର୍ଥିକ, ବ୍ୟବସାୟିକ, ପୁଞ୍ଜି ବିନିଯୋଗ ଇତ୍ୟାଦି କ୍ଷେତ୍ରରେ ଆବଶ୍ୟକୀୟ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ସେମାନଙ୍କ କାର୍ଯ୍ୟକଳାପକୁ ପର୍ଯ୍ୟବେକ୍ଷଣ କରିବା ସକାଶେ ରାଜ୍ୟ ସରକାର ୧୯୯୧ ମସିହା ଜାନୁଆରୀ ମାସରେ ସରକାରୀ ଉଦ୍ୟୋଗ ବିଭାଗ ଗଠନ କରିଛନ୍ତି ।

ବର୍ତ୍ତମାନ ରାଜ୍ୟରେ ସର୍ବମୋଟ ୩୬ ଗୋଟି ସରକାରୀ ନିଗମ କାର୍ଯ୍ୟ କରୁଛି । ୨୨ଟି ନିଗମରୁ ସଂଗୃହୀତ ତଥ୍ୟ ଅନୁଯାୟୀ ୧୯୯୬–୯୭ ଆର୍ଥିକ ବର୍ଷରେ ସର୍ବମୋଟ ୧୪ ଗୋଟି ନିଗମ ୧୦୭.୨୧ କୋଟି ଟଙ୍କା ଲାଭ କରିଛନ୍ତି ।

ପ୍ରତି ନିଗମ ନିଜର ବାର୍ଷିକ କାର୍ଯ୍ୟକ୍ରମ ଯୋଜନା ପ୍ରସ୍ତୁତ କରି ସେଥିରେ ବିନିଯୋଗ ହେବାକୁ ଥିବା ଅର୍ଥ ଏବଂ ଉଦ୍ଦିଷ୍ଟ ଲକ୍ଷ୍ୟ ହାସଲର ବିବରଣୀର ସୂଚନା ଦେବା ପାଇଁ ପରାମର୍ଶ ଦିଆଯାଇଛି ।

ରାଜ୍ୟ ସରକାର ନିଗମମାନଙ୍କ ସହ ଏକ ବୁଝାମଣାପତ୍ର (MOU) ସ୍ୱାକ୍ଷର କରି ସେମାନଙ୍କ କାର୍ଯ୍ୟକଳାପ ବୃଦ୍ଧି କରିବା ପାଇଁ ପଦକ୍ଷେପ ନେଇଛନ୍ତି । ଏଥିପାଇଁ ଉକ୍ତ ବିଭାଗର ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚଶକ୍ତି ସମ୍ପନ୍ନ କମିଟି ଗଠନ କରାଯାଇଅଛି । ଏହି କମିଟିରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ, ସମ୍ପୃକ୍ତ ପ୍ରଶାସନିକ ବିଭାଗର ଶାସନ ସଚିବ, ଯୋଜନା ଓ ସମନ୍ୱୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସଭ୍ୟ ଏବଂ ସରକାରୀ ଉଦ୍ୟୋଗ ବିଭାଗର ନିର୍ଦ୍ଦେଶକ–ତଥା– ଅତିରିକ୍ତ ଶାସନ ସଚିବ ଆବାହକ ଅଛନ୍ତି ।

ଭାରତୀୟ କମ୍ପାନୀ ଆଇନ୍ ୧୯୫୬ର ବିଭିନ୍ନ ଧାରା ଅନୁଯାୟୀ ନିଗମଗୁଡ଼ିକ ନିଜ ଖର୍ଚ୍ଚର ହିସାବ ଯଥାଯଥ ଭାବେ ରଖିବା ନିତାନ୍ତ ଆବଶ୍ୟକ । ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ Accountant General (Audit—2)ଙ୍କ ସହଯୋଗରେ ଏହି ବିଭାଗ ଦ୍ୱାରା ନିୟମିତ ବୈଠକ ଅନୁଷ୍ଠିତ କରାଯାଇ ନିଗମମାନଙ୍କ ହିସାବ ପୂର୍ଣ୍ଣ କରିବାରେ ଦେଖାଦେଇଥିବା ସମସ୍ୟାଗୁଡ଼ିକ ଆଲୋଚନା କରାଯାଇ ସେଗୁଡ଼ିକର ଦୂରୀକରଣ ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି ଏବଂ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଏକ ସମୟ ସୂଚୀ ଧାର୍ଯ୍ୟ କରାଯାଇଛି ।

ସରକାରୀ ନିଗମଗୁଡ଼ିକର ହିସାବ, C.A.G., Public Accounts Committee ଏବଂ ସରକାରୀ ଉଦ୍ୟୋଗ କମିଟି ଦ୍ୱାରା ତନଖି କରି ପ୍ରସ୍ତୁତ କରାଯାଇଥି… ରିପୋର୍ଟର ବିଭିନ୍ନ ପରିଚ୍ଛେଦ ଉପରେ ନିଗମମାନେ ଠି… ସମୟରେ ଏବଂ ଯଥାଯଥ ଭାବେ କାର୍ଯ୍ୟାନୁଷ୍ଠାନ କରିବାପା… ପରାମର୍ଶ ଦେବାକୁ ଏହି ବିଭାଗ କମିଶନର–ତଥା–ଶାସ… ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି ।

ନିଗମମାନଙ୍କର ବିଭିନ୍ନ ପ୍ରକଳ୍ପରେ ପୁଞ୍ଜି ବିନିଯୋ… ପ୍ରସ୍ତାବଗୁଡ଼ିକ ବିଚାର କରି ଅନୁମୋଦନ କରିବାପାଇଁ ମୁଖ୍… ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ପ୍ରକଳ୍ପ ଅନୁମୋଦ… କମିଟି ଗଠନ କରାଯାଇଛି । ୧୯୯୭–୯୮ ନଭେମ୍… ଶେଷ ସୁଦ୍ଧା ଉକ୍ତ କମିଟି ବିଭିନ୍ନ ନିଗମର ସାତ ଗୋ… ପ୍ରକଳ୍ପରେ ୩୧.୬୪ କୋଟି ଟଙ୍କା ବିନିଯୋଗ କରିବା ପା… ଅନୁମୋଦନ କରିଛନ୍ତି ।

ସରକାରୀ ଉଦ୍ୟୋଗଗୁଡ଼ିକର ବିଭିନ୍ନ ତଥ୍ୟ ସଂଗ୍ରହ… ପଦ୍ଧତିକୁ ସୁଦୃଢ଼ କରିବା ପାଇଁ ଏହି ବିଭାଗରେ ଏକ କମ୍ପ୍ୟୁଟ… ଶାଖା ଖୋଲାଯାଇଛି ଏବଂ ନିଗମମାନେ ମଧ୍ୟ କମ୍ପ୍ୟୁଟ… ସାହାଯ୍ୟରେ ତଥ୍ୟ ପ୍ରସ୍ତୁତ କରି ନିର୍ଭୁଲଭାବେ କମ୍ପ୍ୟୁଟ… ସହାୟତା ନେବାକୁ ପରାମର୍ଶ ଦିଆଯାଇଛି ।

ନିଗମମାନଙ୍କର ଅଣନିର୍ବାହୀ କର୍ମଚାରୀମାନଙ୍କ ଦରମା ଓ… ଭତ୍ତା ସମୀକରଣ ନିମନ୍ତେ ଉକ୍ତ ବିଭାଗ ଶାସନ ସଚିବ… ଅଧ୍ୟକ୍ଷତାରେ ଗଠିତ କମିଟି ସରକାରଙ୍କୁ ତାଙ୍କର ରିପୋର୍… ପ୍ରଦାନ କରିଛନ୍ତି ଏବଂ ସରକାର ତାହା ଗ୍ରହଣ କରିଛନ୍ତି ।

ରାଜ୍ୟରେ କ୍ଷତିରେ ଚାଲୁଥିବା ତଥା ରୁଗ୍ଣ ଅବସ୍ଥାରେ… କାର୍ଯ୍ୟ କରୁଥିବା ନିଗମମାନଙ୍କର କାର୍ଯ୍ୟାବଳୀକୁ ପୁଙ୍ଖାନୁପୁଙ୍ଖ… ଭାବରେ ସମୀକ୍ଷା କରି ପଦକ୍ଷେପ ନେବାକୁ ପରାମର୍ଶ ଦେବ… ପାଇଁ ଉପମୁଖ୍ୟ ମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ… କ୍ୟାବିନେଟ ସବ୍‌କମିଟି ଗଠନ କରାଯାଇଥିଲା । ଉକ୍ତ ସବ୍… କମିଟିର ସୁପାରିଶ ସରକାର ଗ୍ରହଣ କରିଛନ୍ତି । ଉକ୍ତ… ସୁପାରିଶ ଅନୁଯାୟୀ ପୁନର୍ବିନ୍ୟାସ ପଦକ୍ଷେପ ସ୍ୱରୂପ… ଲମାଗତ କ୍ଷତିରେ ଚାଲୁଥିବା, ଓଡ଼ିଶା ରାଜ୍ୟ ହସ୍ତତନ୍ତ ନିଗମ… ଓଡ଼ିଶା ଇନ୍‌ଷ୍ଟ୍ରୁମେଣ୍ଟସ କମ୍ପାନୀ, ଓଡ଼ିଶା ରାଜ୍ୟ ଚମଡ଼ା… ନିଗମ, ଓଡ଼ିଶା ରାଜ୍ୟ ବାଣିଜ୍ୟ ପରିବହନ ନିଗମ ଓ ନି… ମୟୂରଭଞ୍ଜ ଟେକ୍ସଟାଇଲସ୍‌କୁ ବନ୍ଦ କରିଦେବା ପାଇଁ ସରକାର… ନିଷ୍ପତ୍ତି ନେଇଛନ୍ତି ।

# କ୍ରୀଡ଼ା ଓ ଯୁବ ସେବା ବିଭାଗର କାର୍ଯ୍ୟାବଳୀ

୨୦.୮୩ କୋଟି ଟଙ୍କା ବ୍ୟୟ ଅଟକଳରେ ୧୯୭୭-୭୮ ମସିହାରେ କଳିଙ୍ଗ ଷ୍ଟାଡ଼ିୟମର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ବର୍ତ୍ତମାନ ଏହା ପୂର୍ଣ୍ଣାଙ୍ଗ ହୋଇ ନିକଟରେ ଉଦ୍‌ଘାଟିତ ହୋଇଯାଇଛି । ଏହାର ପରିସର ମଧ୍ୟରେ ଭବିଷ୍ୟତରେ ସନ୍ତରଣାଗାର, ତଥା ଇନ୍‌ଡୋର ହଲ୍ ଇତ୍ୟାଦିର ବ୍ୟବସ୍ଥା ପାଇଁ ଯୋଜନା ରଖାଯାଇଛି ।

ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ସମ୍ବଲପୁର, କଳାହାଣ୍ଡି, ଢେଙ୍କାନାଳ ଓ ଫୁଲବାଣୀ ଜିଲ୍ଲାର ସଦରମହକୁମାଠାରେ ମଲ୍ଲକୁସ୍ତି ତଥା ଇନ୍‌ଡୋରହଲ ନିର୍ମାଣ ଶେଷ ହୋଇ କାର୍ଯ୍ୟକ୍ଷମ ହେଲାଣି ।

ପୁରୀ, ଫୁଲବାଣୀ, ଢେଙ୍କାନାଳ ଓ କେନ୍ଦୁଝରଠାରେ ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ୪ଟି ଏସ୍: ପି: ଡ଼ି: ଏ: ନିର୍ମାଣ କରାଯାଇଛି । ରାଜ୍ୟର କ୍ରୀଡ଼ା ଛାତ୍ରାବାସ ଜରିଆରେ ବିଦ୍ୟାଳୟସ୍ତରରେ ଅନେକ ଜାତୀୟ ଓ ଆନ୍ତର୍ଜାତିକ ଖେଳାଳୀ ଶିକ୍ଷାଲାଭ କରିଛନ୍ତି । ରାଜ୍ୟ ସରକାରଙ୍କ ୧୨ ସୂତ୍ରୀ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ପର୍ଯ୍ୟାୟକ୍ରମେ ପଞ୍ଚାୟତସ୍ତରରେ ଖେଳପଡ଼ିଆ ପ୍ରସ୍ତୁତି ପାଇଁ ଭୂମି ଅଧିଗ୍ରହଣ କରାଯାଇ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାରୁ ପାଣ୍ଠି ଯୋଗାଇ ଦିଆଯାଉଛି ।

ସୁନ୍ଦରଗଡ଼ଠାରେ ଆଦିବାସୀ ବାଳକ ବାଳିକାମାନଙ୍କ ପାଇଁ ସ୍ୱତନ୍ତ୍ର ଛାତ୍ରାବାସର ବ୍ୟବସ୍ଥା କରାଯାଇଛି ।

ଗ୍ରାମସ୍ତରରୁ କ୍ରୀଡ଼ାର ମାନ ଉନ୍ନତ କରିବା ପାଇଁ କେତେଗୁଡ଼ିଏ ପରିକଳ୍ପନା ଯଥା-ସବୁସ୍ତରରେ ଥିବା ବିଭିନ୍ନ କ୍ରୀଡ଼ା ଅନୁଷ୍ଠାନମାନଙ୍କୁ ଅନୁଦାନ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରମାନଙ୍କୁ କ୍ରୀଡ଼ା ମେଧାବୃତ୍ତିପ୍ରଦାନ, ଖ୍ୟାତନାମା କ୍ରୀଡ଼ାବିତ୍‌ମାନଙ୍କୁ ପ୍ରୋତ୍ସାହନ ଆକାରରେ ଆର୍ଥିକ ପୁରସ୍କାର ଓ ଦୁସ୍ଥ କ୍ରୀଡ଼ାବିତ୍‌ମାନଙ୍କୁ ପେନ୍‌ସନ୍ ପ୍ରଦାନର ବ୍ୟବସ୍ଥା କରାଯାଇଛି ।

ଓଡ଼ିଶାର ବାଳକ ବାଳିକାମାନେ କ୍ରୀଡ଼ା କ୍ଷେତ୍ରରେ ସେମାନଙ୍କ ଦକ୍ଷତାର ପରିଚୟ ଦେଇ ରାଜ୍ୟକୁ ଗୌରବ ମଣ୍ଡିତ କରାଇ ପାରିଛନ୍ତି ।

୧୯୯୭ ମସିହାରେ ବାଙ୍ଗାଲୋରଠାରେ ଅନୁଷ୍ଠିତ ୪ଥି ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ରାଜ୍ୟର ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରି ଗୋଟିଏ ସ୍ୱର୍ଣ୍ଣପଦକ (ବାଳକ ବିଭାଗ ହକି) ଓ ଭାର ଉତ୍ତୋଳନ ଓ କୁସ୍ତି ପ୍ରତିଯୋଗିତାରେ ୪ଟି ରୌପ୍ୟ ପଦକ (କ୍ରୀଡ଼ା) ଲାଭ କରି ରାଜ୍ୟକୁ ଗୌରବମଣ୍ଡିତ କରିଛନ୍ତି ।

ଅକ୍ଟୋବର ୧୯୯୭ରେ ଦିଲ୍ଲୀଠାରେ ଅନୁଷ୍ଠିତ ୪ଥି ଜାତୀୟ ନେହେରୁ ବାଳିକା ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାଦଳ ରନ୍‌ରସ-ଅପ ହୋଇ ଅର୍ଥ ଆକାରରେ ୩୦ ହଜାର ଟଙ୍କା ପାଇବା ସଙ୍ଗେ ସଙ୍ଗେ ଉତ୍ତମ ତାଲିମ ପାଇଁ କୋଚଙ୍କୁ ଦ୍ୱିତୀୟ ପୁରସ୍କାର ଦିଆଯାଇଛି ।

ଜାତୀୟ ଦଳକୁ ମନୋନୀତ ହୋଇଥିବା ଓଡ଼ିଶାର ଦୁଇଜଣ ମହିଳା ଫୁଟ୍‌ବଲ୍ ଖେଳାଳୀ ୧୯୯୭ ନଭେମ୍ବରରେ ଜର୍ମାନୀଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାପାଇଁ ମନୋନୀତ ହୋଇଥିଲେ ।

ପ୍ରଥମଥର ପାଇଁ ଓଡ଼ିଶାର କନିଷ୍ଠ ହକିଦଳ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ପଞ୍ଚଦଶତମ କନିଷ୍ଠ ନେହେରୁ ହକି ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରି ସେମିଫାଇନାଲକୁ ଉନ୍ନୀତ ହେବାର ଯୋଗ୍ୟତା ଲାଭ କରିଥିଲେ । ଓଡ଼ିଶା ବାଳକ ହକିଦଳ (୧୪ ବର୍ଷ) କଲିକତାଠାରେ ଅନୁଷ୍ଠିତ ପୂର୍ବାଞ୍ଚଳ ସ୍ୱାଧୀନ ହକି ସ୍ୱର୍ଣ୍ଣକପ୍ ଟୁର୍ଣ୍ଣାମେଣ୍ଟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିଲେ । ଭୁବନେଶ୍ୱର ଗୋଲଡ୍ ଡ଼ିଗିଙ୍ଗ କ୍ରୀଡ଼ାଛାତ୍ରାବାସର ଅନ୍ତେବାସୀମାନେ ଅଂଶ ଗ୍ରହଣକରି ୨ଟି ରୌପ୍ୟ ପଦକ ପାଇବାର ଗୌରବଅର୍ଜନ କରିଛନ୍ତି ।

## ଯୁବ ସେବା କାର୍ଯ୍ୟକ୍ରମ


ରାଜ୍ୟର ଯୁବକମାନଙ୍କ କଲ୍ୟାଣ ନିମନ୍ତେ ଯୁବଉତ୍ସବ, ଯୁବତାଲିମ, ସଂହତିଶିବିର, ଯୁବପ୍ରଦର୍ଶନୀ, ଆଦିବାସୀ ଯୁବକ-ଯୁବତୀଙ୍କ ପାଇଁ ତାଲିମ୍ ଓ ପ୍ରଦର୍ଶନୀ, ଯୁବ ଭାବର

ଆଦାନ ପ୍ରଦାନ କାର୍ଯ୍ୟକ୍ରମ, ଯୁବ ଦିବସ, ଯୁବ ସପ୍ତାହ, ବିଭିନ୍ନ ଦୁଃସାହସିକ କାର୍ଯ୍ୟ, କ୍ରୀଡ଼ା ଉତ୍ସବ, ଆଲୋଚନା ଚକ୍ର, ଆଲୋଚନା ସଭା ଓ ଶିକ୍ଷାଗତ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି ।

ଏକ ରାଜ୍ୟସ୍ତରୀୟ ଦୁଃସାହସିକ ଓ ସାମରିକ କଳା କୌଶଳ ଏକାଡେମୀ ପ୍ରତିଷ୍ଠା କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି ।

୧୯୯୭–୯୮ରେ ଚେନ୍ନାଇଠାରେ ଅନୁଷ୍ଠିତ ଜାତୀୟ ଯୁବ ଉତ୍ସବରେ ରାଜ୍ୟ ଯୁବ ଦଳ ଶ୍ରେଷ୍ଠ ନୃତ୍ୟ ଶିଳ୍ପୀ ପୁରସ୍କାର (ଓଡ଼ିଶୀ) ଲାଭ କରିଛନ୍ତି ।

ଚଣ୍ଡୀଗଡ଼ସ୍ଥିତ ଜାତୀୟ ଦୁଃସାହସିକ କ୍ଲବ୍‌ଠାରେ ଅନୁଷ୍ଠିତ ଦୁଃସାହସିକ କ୍ରୀଡ଼ାରେ ଅଂଶ ଗ୍ରହଣ କରି ସବିତା ପଣ୍ଡା ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ବିବେଚିତ ହୋଇ ୩ଟି ବୃତ୍ତି ପାଇଛନ୍ତି ।




ଭୁବନେଶ୍ୱରସ୍ଥ ଇନଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସରେ ଲାଇବ୍ରେରୀ ଓ କମ୍ପ୍ୟୁଟର କେନ୍ଦ୍ର ଉଦ୍‌ଘାଟନ

# ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଅଗ୍ରଗତି

ରାଜ୍ୟର ପ୍ରଗତିରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଗରିବ, ଖଟିଖିଆଙ୍କଠାରୁ ଆରମ୍ଭ କରି ଉଚ୍ଚ, ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ସମେତ ସମସ୍ତେ ନିଜର ଅତ୍ୟାବଶ୍ୟକୀୟ ସାମଗ୍ରୀ ନିମନ୍ତେ ଏହି ବିଭାଗ ଉପରେ ନିର୍ଭର କରିଥାଆନ୍ତି । ଏହି ବିଭାଗର କାର୍ଯ୍ୟ ପରିସର ଅତ୍ୟନ୍ତ ବ୍ୟାପକ । ଆମର ଜନପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କଂଗ୍ରେସ (ଇ) ଦଳ କ୍ଷମତାକୁ ଆସିବା ପରଠାରୁ ଏହି ବିଭାଗ ଯେଉଁ କେତେକ ଉଲ୍ଲେଖନୀୟ ପ୍ରଗତି ଓ ସଫଳତା ହାସଲ କରିଛି ତାହା ନିମ୍ନରେ ପ୍ରଦାନ କରାଗଲା ।

୧. "କ୍ଷୁଧାରୁ ମୁକ୍ତି" ଯୋଜନାରେ ୧୪୩ ଗୋଟି ଆଦିବାସୀ ଅଧ୍ୟୁଷିତ ଓ ମରୁଡି ପ୍ରବଣ ବ୍ଲକରେ (ଆର. ପି. ଡି. ଏସ୍. ବ୍ଲକ) ପ୍ରତ୍ୟେକ ପରିବାରକୁ କିଲୋପ୍ରତି ଦୁଇଟଙ୍କା ଦରରେ ଚାଉଳ ଯୋଗାଇ ଦେବାକୁ କଂଗ୍ରେସ(ଇ) ଦଳର ୧୯୯୫ ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦିଆଯାଇଥିଲା । ତଦନୁସାରେ ଦଳ କ୍ଷମତାକୁ ଆସିବା ସଙ୍ଗେ ସଙ୍ଗେ ରାଜ୍ୟର ୧୪୩ ଗୋଟି ଆର୍. ପି. ଡି. ଏସ୍ ବ୍ଲକରେ (ସହରାଞ୍ଚଳକୁ ବାଦଦେଇ) ପ୍ରତ୍ୟେକ ପରିବାର ପିଛା ମାସିକ ୧୦ କି. ଗ୍ରା. ଚାଉଳ, କି. ଗ୍ରା. ପ୍ରତି ଦୁଇଟଙ୍କା ଦରରେ ଯୋଗାଇ ଦେବାପାଇଁ ରାଜ୍ୟ ସରକାର ଏକ ଯୋଜନା ପ୍ରସ୍ତୁତ କରି ତା୨୧-୪-୧୯୯୫ ରିଖଠାରୁ ଏହି ଯୋଜନାରେ ଚାଉଳ ବିକ୍ରିର ଶୁଭାରମ୍ଭ କରିଛନ୍ତି । ଗତ ୧୯୯୫-୯୬ ଆର୍ଥିକ ବର୍ଷରେ ଏହି ଯୋଜନାରେ ୨,୭୨,୯୨୭ ମେଟ୍ରିକ୍ ଟନ୍ ଚାଉଳ ଯୋଗାଇ ଦିଆଯାଇଥିଲା । ୧୯୯୬-୯୭ ଆର୍ଥିକ ବର୍ଷରେ ଏହି ଯୋଜନାରେ ୨,୮୬,୨୭୬ ମେଟ୍ରିକଟନ୍ ଚାଉଳ ଯୋଗାଇ ଦିଆଯାଇଥିବା ବେଳେ ଚଳିତ ୧୯୯୭-୯୮ ଆର୍ଥିକ ବର୍ଷର ଫେବ୍ରୁଆରୀ ମାସ୍ ସୁଦ୍ଧା ୧,୯୭,୪୮୦ ମେଟ୍ରିକ୍ ଟନ୍ ଚାଉଳ ଯୋଗାଇ ଦିଆଯାଇଛି । ଦୁଇଟଙ୍କିଆ ଚାଉଳ ବିକ୍ରି ବାବଦ ସବ୍‌ସିଡି ରାଜ୍ୟ ସରକାର ସମ୍ପୂର୍ଣ୍ଣ ରୂପେ ବହନ କରୁଛନ୍ତି । ଗତ ୧୯୯୫-୯୬ ଆର୍ଥିକ ବର୍ଷରେ ଏ ବାବଦରେ ରାଜ୍ୟ ସରକାର ୮୦,୨୩,୨୩,୪୬୨ ଟଙ୍କା ବହନ କରିଛନ୍ତି । ସେହିପରି ୧୯୯୬-୯୭ ଆର୍ଥିକ ବର୍ଷରେ ଏ ବାବଦରେ ୧୦୩ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବା ବେଳେ ଚଳିତ (୧୯୯୭-୯୮) ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାରଙ୍କୁ ୯୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ୧୪୩ ଟି ଆର୍. ପି. ଡି. ଏସ୍. ବ୍ଲକରେ ପ୍ରତ୍ୟେକ ପରିବାରକୁ ମାସକୁ ଦୁଇଟଙ୍କିଆ ଚାଉଳ ୧୦ କି. ଗ୍ରା. ସହିତ ଆଉ ୧୦ କି. ଗ୍ରା. ଚାଉଳ କିଲୋ ପ୍ରତି ପାଞ୍ଚଟଙ୍କା ବାରପଇସା ଓ ୫ କି. ଗ୍ରା. ଗହମ କି. ଗ୍ରା. ପ୍ରତି ୩.୭୭ ଟଙ୍କା ଦରରେ ଗତ ୧୯୯୭ ମଇ ମାସ ପର୍ଯ୍ୟନ୍ତ ଯୋଗାଇ ଦିଆ ଯାଉଥିଲା ।

୨. ଲକ୍ଷ୍ୟାନୁବର୍ତ୍ତୀ ସାଧାରଣ ବଣ୍ଟନ ବ୍ୟବସ୍ଥା

ରାଜ୍ୟରେ ଗରିବ ଲୋକମାନଙ୍କ ଉନ୍ନତି ସାଧନ ଉଦ୍ଦେଶ୍ୟରେ ଗତ ୧-୬-୧୯୯୭ ତାରିଖରୁ ଲକ୍ଷ୍ୟାନୁବର୍ତ୍ତୀ ସାଧାରଣ ବଣ୍ଟନ ବ୍ୟବସ୍ଥା (ଟି. ପି. ଡି. ଏସ୍.) ନିମ୍ନମତେ ପ୍ରଚଳନ କରାଯାଉଅଛି ।

(କ) ରାଜ୍ୟରେ ସ୍ୱତନ୍ତ୍ରଭାବେ ଚିହ୍ନଟ କରାଯାଇଥିବା ୧୪୩ ଟି ଆଇ. ଟି. ଡି. ପି. ଓ ଡି. ପି. ଏ. ପି. ବ୍ଲକରେ ଦାରିଦ୍ର୍ୟ ସୀମାରେଖା ତଳେ ବାସକରୁଥିବା ପ୍ରତ୍ୟେକ ପରିବାରଙ୍କୁ ସ୍ୱତନ୍ତ୍ର ରିହାତି ଦରରେ କେଜି ପ୍ରତି ଟ ୨.୦୦ ମୂଲ୍ୟରେ ମାସିକ ୧୦ କି. ଗ୍ରା. ଚାଉଳ ଯୋଗାଇ ଦିଆଯାଉଛି ।

(ଖ) ଉପରୋକ୍ତ ୧୪୩ ଟି ଆଦିବାସୀ ଅଧ୍ୟୁଷିତ ଓ ମରୁଡି ପ୍ରବଣ ବ୍ଲକରେ ଅବଶିଷ୍ଟ ପରିବାରଙ୍କୁ କି. ଗ୍ରା. ପ୍ରତି ୪.୦୦ ଟଙ୍କା ଦରରେ ପରିବାର ପିଛା ମାସିକ ୧୦ କେଜି ଚାଉଳ ଯୋଗାଉ ଦିଆଯାଉଛି ।

(ଗ) ସେହିପରି ରାଜ୍ୟର ଅବଶିଷ୍ଟ ୧୭୧ ଗୋଟି ପି. ଡି. ଏସ୍. ବ୍ଲକରେ ଦାରିଦ୍ର୍ୟ ସୀମାରେଖା ତଳେ ବାସକରୁଥିବା ପ୍ରତ୍ୟେକ ଖାଉଟି ପରିବାର ଯାହାର ବାର୍ଷିକ ଆୟ ଟ. ୬,୦୦୦ ରୁ କମ୍ ଓ ଡି. ଆର୍. ଡି. ଏ./ବ୍ଲକ ବିପିଏଲ୍ ରେଜିଷ୍ଟରଭୁକ୍ତ, ସେମାନଙ୍କୁ କି. ଗ୍ରା. ପ୍ରତି ୪.୦୦ ଟଙ୍କା ଦରରେ ମାସିକ ୧୦ କି. ଗ୍ରା. ଚାଉଳ ଯୋଗାଇ ଦେବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

(ଘ) ସହରାଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ପ୍ରତ୍ୟେକ ପରିବାରକୁ କି. ଗ୍ରା. ପ୍ରତି ୪.୦୦ ଟଙ୍କା ଦରରେ ମାସିକ ୧୦ କି. ଗ୍ରା. ଚାଉଳ ଯୋଗାଇ ଦିଆଯାଉଛି ।

(ଙ) ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଓ ମରୁଡି ପ୍ରବଣ ଅଞ୍ଚଳରେ ସାପ୍ତାହିକ ହାଟମାନଙ୍କରେ ରାଜ୍ୟ ଯୋଗାଣ ନିଗମ ନିୟୋଜିତ ୧୧୭ ଟି ଭ୍ରାମ୍ୟମାଣ ଗାଡି ଜରିଆରେ ରିହାତି ଦରରେ ଖାଦ୍ୟ ଶସ୍ୟ, କିରୋସିନି ଇତ୍ୟାଦି ଅତ୍ୟାବଶ୍ୟକ ଦ୍ରବ୍ୟ ବିକ୍ରୟ କରାଯାଉଛି ।

୩. ରାଜ୍ୟର ସବୁ ପ୍ରାଥମିକ ବିଦ୍ୟାଳୟର ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରିବାପାଇଁ ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦିଆଯାଇଥିଲା ଏବଂ ସେହିଅନୁସାରେ ତା ୧-୭-୧୯୯୫ ରିଖଠାରୁ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାରେ ରାଜ୍ୟର ୪୧ ହଜାରରୁ ଉର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟରେ ୩.୮ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ ହେଉଛନ୍ତି । ଯଦିଓ ମହିଳା ଓ ଶିଶୁକଲ୍ୟାଣ ବିଭାଗ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ପ୍ରମୁଖ ଭୂମିକା ନେଉଛନ୍ତି, ଏଥିପାଇଁ ଆବଶ୍ୟକ ହେଉଥିବା ଚାଉଳ ଲୁଣ ଓ ଖାଇବା ତେଲ ଯୋଗାଇବା ଦାୟିତ୍ୱ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନେଉଛନ୍ତି ।

୪. ବିଗତବର୍ଷମାନଙ୍କରେ ରାଜ୍ୟରେ ଦେଖାଦେଇଥିବା ମରୁଡି ପରିସ୍ଥିତି ଯୋଗୁଁ ଖୋଲା ବଜାରରେ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟବୃଦ୍ଧି ପ୍ରତିହତ କରିବା ପାଇଁ ନିମ୍ନଲିଖିତ ପଦକ୍ଷେପମାନ ଏହି ବିଭାଗ ତରଫରୁ ନିଆଯାଇଥିଲା ।

(କ) ରାଜ୍ୟ ବାହାରକୁ ଧାନ, ଚାଉଳ, ଗହମ ଓ ଚୁଡା ରପ୍ତାନୀ ନିଷିଦ୍ଧ ।

(ଖ) ମିଲରମାନଙ୍କ କ୍ଷମତାପ୍ରାପ୍ତ ଏଜେଣ୍ଟ ଓ ହୁଲାମିଲରମାନେ ଏକକାଳୀନ ୨୦୦ କୁଇଣ୍ଟାଲରୁ ଅଧିକ ଚାଉଳ ମହଜୁଦ୍ ରଖିବା ନିଷିଦ୍ଧ ।

(ଗ) ଖୋଲାବଜାରରେ ଚାଉଳ ଓ ଅଟାର ଦରବୃଦ୍ଧି ରୋକିବା ପାଇଁ ମରୁଡି ପ୍ରପୀଡିତ ଅଞ୍ଚଳରେ ବିଭିନ୍ନ ହାଟରେ ଭ୍ରାମ୍ୟମାଣ ଗାଡି ଜରିଆରେ ଚାଉଳ ଓ ଅଟା ବିକ୍ରୟ ବ୍ୟବସ୍ଥା ।

(ଘ) ରାଜ୍ୟର ଚାଉଳ ସଂଗ୍ରହ ପରିମାଣ ବୃଦ୍ଧି ପାଇଁ ଲେଭି ହାର ଶତକଡା ୫୦ରୁ ଶତକଡା ୭୫କୁ ବୃଦ୍ଧି ।

(ଙ) ମୁନାଫାଖୋର ମହଜୁଦକାରୀ ଓ ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ ଆବଶ୍ୟକ ଆଇନଗତ କଠୋର ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେବା ।

ଗତ ୧୯୯୭ ମସିହା ନଭେମ୍ବର ଓ ଡିସେମ୍ବର ମାସରେ ଅକାଳିଆ ବର୍ଷା ଯୋଗୁଁ ରାଜ୍ୟରେ ଧାନ ଚାଷରେ ବ୍ୟାପକ କ୍ଷତି ହେବା ସଙ୍ଗେ ସଙ୍ଗେ ଚାଷୀମାନଙ୍କ ମଧ୍ୟରେ ନୈରାଶ୍ୟଭାବ ସୃଷ୍ଟି ହୋଇଥିଲା । କିନ୍ତୁ ରାଜ୍ୟ ସରକାରଙ୍କ ସମୟୋପଯୋଗୀ ଅନୁରୋଧ କ୍ରମେ କେନ୍ଦ୍ର ସରକାର ଧାନ ଓ ଚାଉଳର ସ୍ପେସିଫିକେସନରେ (specification) ମାର୍ଚ୍ଚ ୧୯୯୭ ଶେଷ ସୁଦ୍ଧା କୋହଳ ନୀତି ଅବଲମ୍ବନ ଫଳରେ ଚାଷୀମାନେ ତାଙ୍କ ଧାନ ଓ ଚାଉଳର ଉଚିତ ମୂଲ୍ୟ ପାଇବା ପାଇଁ ସକ୍ଷମ ହୋଇପାରିଛନ୍ତି ।

୫. ସାଧାରଣ ବଣ୍ଟନ ପ୍ରଣାଳୀରେ ରିଟେଲର୍ ନିଯୁକ୍ତି କ୍ଷେତ୍ରରେ ମୂକ, ବଧିର ଓ ଅନ୍ଧମାନଙ୍କ ପାଇଁ ୧୦ ଭାଗ ସ୍ଥାନ ସଂରକ୍ଷଣ କରାଯାଇଛି ।

୬. ସାଧାରଣ ବଣ୍ଟନ ପ୍ରଣାଳୀରେ ଖାଉଟିମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଓ ଖାଉଟି ଦ୍ରବ୍ୟର ସୁଷମ ବଣ୍ଟନ ପାଇଁ ଜିଲ୍ଲା ସ୍ତରରେ ଜିଲ୍ଲା ଖାଉଟି ସୁରକ୍ଷା ପରିଷଦ (ଡି. ସି. ପି. ସି.) ପୁନର୍ଗଠନ କରାଯାଇଛି ।

## ବୈଧ ମାପ ବିଜ୍ଞାନ

୭. ଖାଉଟିମାନଙ୍କୁ ସଠିକ୍ ଓଜନ ଓ ମାପର ଖାଉଟି ପଦାର୍ଥ ଯୋଗାଇ ଦେବା ଏହି ବିଭାଗର ଲକ୍ଷ୍ୟ ଓ ସେହି ଉଦ୍ଦେଶ୍ୟରେ "ବୈଧ ମାପ ବିଜ୍ଞାନ" ସଂସ୍ଥାକୁ କାର୍ଯ୍ୟରେ ଲଗାଯାଇଛି । ଏହି ବିଭାଗରେ ୭୨ଟି କ୍ଷେତ୍ର-ପରୀକ୍ଷାଗାର ଅଛି । ପ୍ରତି ପରୀକ୍ଷାଗାରର ଜଣେ ନିରୀକ୍ଷକ ଯେ କି ବୈଷୟିକ ଯୋଗ୍ୟତା ସମ୍ପନ୍ନ ଅଟନ୍ତି, ତାଙ୍କ ଅଧୀନରେ ଅଛି । ଅତ୍ୟାଧୁନିକ ଯନ୍ତ୍ରପାତି ଦ୍ୱାରା ଓଜନ, ମାପ ଓ ତତ୍ ସଂକ୍ରାନ୍ତୀୟ ଯନ୍ତ୍ରପାତିଗୁଡ଼ିକୁ ପରୀକ୍ଷା ନିରୀକ୍ଷା କରାଯାଇ ସଠିକତା ନିର୍ଣ୍ଣୟ କରାଗଲା ପରେ ଏହାର ପ୍ରମାଣ ସ୍ୱରୂପ ମୋହର କରାଯାଏ । ଏହି ତନଖି ବାବଦର ଫିସ ଆଦାୟ ହୋଇ ରାଜକୋଷରେ ଜମା କରାଯାଏ । ଏତଦ୍‌ବ୍ୟତୀତ ଓଜନ ମାପ ଆଇନର ଖିଲାପ କରୁଥିବା ଅସାଧୁ ବ୍ୟବସାୟୀମାନଙ୍କ ବିରୁଦ୍ଧରେ ବିଭାଗୀୟ ଅଧିକାରୀମାନେ ମକଦ୍ଦମା ରୁଜୁ କରି ସେଇ ବାବଦକୁ ପ୍ରତ୍ୟକ୍ଷଭାବେ ଓ ପରୋକ୍ଷଭାବେ (ଆଇନ୍ ଅଦାଲତର ଆଶ୍ରୟ ନେଇ) ଜୋରିମାନା ଆଦାୟ କରାଯାଏ ଓ ଏହା ମଧ୍ୟ ରାଜକୋଷରେ ଜମା କରାଯାଏ ।

ଗତ ୧୯୯୫-୯୬ ଆର୍ଥିକ ବର୍ଷରେ ଏ ବାବଦକୁ ମୋଟ ୧,୯୬,୧୭୫ ଟଙ୍କା ଆଦାୟ ହୋଇ ରାଜକୋଷରେ ଜମା ହୋଇଥିଲା ବେଳେ ୧୯୯୬-୯୭ ଆର୍ଥିକ ବର୍ଷରେ ଏ ବାବଦରେ ଜମାର ପରିମାଣ ଥିଲା ୧,୨୦,୭୭୦ ଟଙ୍କା । ଚଳିତ ୧୯୯୭-୯୮ ଆର୍ଥିକବର୍ଷର ୧୯୯୮ ଜାନୁୟାରୀ ମାସସୁଦ୍ଧା ଏହି ଜୋରିମାନା ଆଦାୟର ପରିମାଣ ୧,୨୧,୭୭୦ ଟଙ୍କା ହୋଇଅଛି ।

ଓଜନ ଓ ମାପର ଠକେଇ ଅଭିଯୋଗରେ ନିରୀକ୍ଷକମାନେ ୧୯୯୪-୯୫ ଆର୍ଥିକ ବର୍ଷରେ ମୋଟ ୮,୧୧୦ ଟି ମକଦ୍ଦମା ରୁଜୁ କରିଥିଲେ । ୧୯୯୫-୯୬ ଆର୍ଥିକ ବର୍ଷରେ ଏହି ମକଦ୍ଦମା ସଂଖ୍ୟା ୮,୧୫୦ ଥିଲା । ୧୯୯୬-୯୭ ରେ ଏ

ବାବଦରେ ୫୫୬୫ ଟି ମକଦ୍ଦମା ରୁଜୁ ହୋଇଥିବା ବେଳେ ଚଳିତ ୧୯୯୭-୯୮ ଆର୍ଥିକ ବର୍ଷର ଜାନୁଆରୀ'୯୮ ମାସସୁଦ୍ଧା ୬୯୫୬ ଟି ମୋକଦ୍ଦମା ରୁଜୁ କରାଯାଇଛି । ପ୍ରତି ଜିଲ୍ଲା ସଦର ମହକୁମା ସହିତ ରାଉରକେଲାଠାରେ ମୋଟ ୩୧ ଗୋଟି "ଜିଲ୍ଲା ଫୋରମ" କାର୍ଯ୍ୟକାରୀ ହେଉଅଛି ଓ ଆମ ରାଜ୍ୟରେ ଖାଉଟିମାନେ ଏହାର ସୁଫଳ ଅନୁଭବ କରୁଛନ୍ତି ।

**Year-wise Collection of Revenue & Detection of Cases**

| Item | 1994-95 | 1995-96 | 1996-97 | 1997-98 (till end of 1998) |
|---|---|---|---|---|
| 1 | 2 | 3 | 4 | 5 |
| 1. Verification & Stamping fees. | Rs. 84,31,069 | Rs. 87,75,689 | Rs. 1,07,11,973 | Rs. 7,60,8,626 |
| 2. Compounding fees. | Rs. 14,27,853 | Rs. 15,19,035 | Rs. 1,18,8,320 | Rs. 8,13,043 |
| 3. Licensing fees | Rs. 45,000 | Rs. 45,500 | Rs. 50,000 | Rs40,000 |
| 4. Fines realised in Mobile Courts/ regular courts. | Rs. 1,80,875 | Rs. 1,96,175 | Rs. 1,20,770 | Rs. 1,21,770 |
| | Rs. 1,00,84,797 | Rs. 1,05,36,399 | Rs. 1,20,71,063 | Rs. 85,83,43 |
| 5. Cases detected | 8,110 | 8,150 | 5,565 | 6,956 |

## ଖାଉଟି ସୁରକ୍ଷା କାର୍ଯ୍ୟକ୍ରମ

୮. ସ୍ୱାଧୀନୋତ୍ତର କାଳରେ ସରକାର ଜନସାଧାରଣଙ୍କ ଅଧିକାର ସୁରକ୍ଷା ଓ ସେମାନଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ଅନେକ ନିୟମ ପ୍ରଣୟନ କରି କାର୍ଯ୍ୟକାରୀ କରିଥିଲେ ମଧ୍ୟ ନ୍ୟାୟ ମିଳିବା ଦିଗରେ ଅନେକ ବିଳମ୍ବ ହେବା ସହିତ ଅଧିକାରକୁ ସୁରକ୍ଷା ଦେବା ସହଜ ହେଉ ନଥିବା ଅନୁଭବ ହେଉଥିଲା । ଏହାକୁ ବିଚାର କରି ସର୍ବଭାରତୀୟ ସ୍ତରରେ ଖାଉଟିମାନଙ୍କୁ ଉପଯୁକ୍ତ ସୁରକ୍ଷା ପ୍ରଦାନ କରିବା ଓ ବିବାଦର ଆଶୁସମାଧାନ ପାଇଁ "ଖାଉଟି ସୁରକ୍ଷା ଅଧିନିୟମ ୧୯୮୬" କାର୍ଯ୍ୟକାରୀ ହେଉଅଛି । ଓଡ଼ିଶା ସରକାର ମଧ୍ୟ ଏହି ଅଧିନିୟମ ପ୍ରକାରେ ଜନସ୍ୱାର୍ଥ ପାଇଁ "ଓଡ଼ିଶା ଖାଉଟି ସୁରକ୍ଷା ନିୟମାବଳୀ ୧୯୮୭" ପ୍ରଣୟନ କରି କାର୍ଯ୍ୟକାରୀ କରି ଆସୁଛନ୍ତି ।

ଏ ଯୁଗାନ୍ତକାରୀ ଅଭିନବ ଆଇନ୍ ଅନୁଯାୟୀ ଖାଉଟିମାନଙ୍କ ଅଧିକାର ଓ ତା'ର ସୁରକ୍ଷା ତଥା ଖାଉଟି କ୍ଷତିଗ୍ରସ୍ତ ବା ସୁବିଧାରୁ ବଞ୍ଚିତ ହେଲେ, ତା'ର ପ୍ରତିକାର ଓ କ୍ଷତିପୂରଣ ପ୍ରଦାନର ବ୍ୟବସ୍ଥା ରହିଛି । ଏହି ବିବାଦର ସମାଧାନ ପାଇଁ ସର୍ବଭାରତୀୟ ସ୍ତରରେ "ଜାତୀୟ କମିଶନ", ରାଜ୍ୟ ସ୍ତରରେ "ରାଜ୍ୟ କମିଶନ" ଓ ଜିଲ୍ଲା ସ୍ତରରେ ଜିଲ୍ଲା ଫୋରମ" ମାନ ଗଠନ କରାଯାଇ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଖାଉଟି ବିବାଦ ଗୁଡିକର ଫଇସଲା କରିବା ପାଇଁ ଆଇନ୍ ଲିପିବଦ୍ଧ ହୋଇଅଛି । ତଦନୁଯାୟୀ ଓଡ଼ିଶାରେ "ରାଜ୍ୟ କମିଶନ" କଟକଠାରେ ଓ

ଏହି ଜନକଲ୍ୟାଣମୂଳକ ପଦକ୍ଷେପ ଓ ଆଇନର କାର୍ଯ୍ୟକାରିତା ଦ୍ୱାରା ୧୯୯୮ ମସିହା ଜାନୁଆରୀ ସୁଦ୍ଧା ଫୋରମମାନଙ୍କରେ ନିମ୍ନମତେ ବିବାଦମାନ ପଞ୍ଜିକୃତ ହୋଇ ଫଇସଲା ହୋଇପାରିଛି ଓ ବିଭିନ୍ନ କ୍ଷେତ୍ରରେ ଅଧିକାରୀ ସୁରକ୍ଷା ହେବା ସହିତ କ୍ଷତିପୂରଣ ମଧ୍ୟ ଖାଉଟିକୁ ପ୍ରଦାନ କରାଯାଇପାରିଛି ।

| | ବିବାଦ ପଞ୍ଜିକୃତ ପରିମାଣ | ଫଇସଲା ପରିମାଣ |
|---|---|---|
| ୧. ଜିଲ୍ଲା ଫୋରମ | ୨୫,୬୨୮ | ୨୨,୦୪୨ |
| ୨. ରାଜ କମିଶନ | (୧) ୧୬୪୦ କେସେସ୍ | (୧) ୧୨୨୮ କେସେସ୍ |
| | (୨) ୩୮୧୫ ଅପିଲିସ୍ | (୨) ୧୫୯୬ ଅପିଲିସ୍ |


ଏ ସମସ୍ତ ସତ୍ତ୍ୱେ ଆମ ସରକାର ଜନସାଧାରଣଙ୍କୁ ଅଧିକ ସଚେତନ କରାଇ ନିଜର ଅଧିକାର ସୁରକ୍ଷା ପାଇଁ ଏ ଆଇନର ବ୍ୟାପକ ସୁଯୋଗ ନେବାକୁ ଉଦ୍ୟମ ଜାରି ରଖିଛନ୍ତି । ଖାଉଟିର ଅଧିକାର, ଖାଉଟି କିଏ, ବା କ'ଣ ଆଇନର ପରିସର, କିଏ କିପରି କେଉଁଠାରେ ଅଭିଯୋଗ ଦାଏର କରିବ ସେ ସମ୍ପର୍କରେ ଜନସାଧାରଣଙ୍କୁ ଅଧିକ ସଚେତନ କରିବାକୁ ପ୍ରତିବର୍ଷ ରାଜ୍ୟ ଓ ଜିଲ୍ଲା ସ୍ତରରେ ଖାଉଟି ସୁରକ୍ଷା ପକ୍ଷ ମାର୍ଚ୍ଚ ୧୫ ରୁ ୩୧ ତାରିଖ ଓ ଖାଉଟି ସୁରକ୍ଷା ଦିବସ ଭାବେ ମାର୍ଚ୍ଚ ୩୧ ତାରିଖ ପାଳିତ ହୋଇଆସୁଛି ।

ରାଜ୍ୟର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ମଧ୍ୟ ଆର୍ଥିକ ସହାୟତା ଯୋଗାଇ ଦେଇ ଏ ଦିଗରେ ଜନସାଧାରଣଙ୍କୁ ଉତ୍ସାହ ଓ ସଚେତନ କରାଯାଉଛି ଏବଂ ଗତ ୧୯୯୪-୯୫, ୧୯୯୫-୯୬ ଓ ୧୯୯୬-୯୭ ବର୍ଷରେ ଯଥାକ୍ରମେ ୨,୦୦,୦୦୦ ଟଙ୍କା, ୨,୦୦,୦୦୦ ଟଙ୍କା ଓ ୨,୦୦,୦୦୦ ଟଙ୍କା ଅନୁଦାନ ସ୍ୱେଚ୍ଛାସେବୀ ସଂସ୍ଥାକୁ ସରକାର ପ୍ରଦାନ କରିଛନ୍ତି ।

ରାଜ୍ୟ ସ୍ତରରେ ମଧ୍ୟ ବିଭିନ୍ନ ସରକାରୀ ଓ ବେସରକାରୀ ପ୍ରତିନିଧିମାନଙ୍କୁ ବିଭିନ୍ନ କର୍ମଶାଳା, ତାଲିମ ଶିବିରମାନ ଅନୁଷ୍ଠିତ କରାଯାଇ ଜନସାଧାରଣଙ୍କୁ ଏ ଦିଗରେ ଆଗ୍ରହ କରାଇବା ଉଦ୍ୟମ ଜାରି ରହିଛି । ବିଜ୍ଞାପନ, ପତ୍ରପତ୍ରିକା ପ୍ରକାଶନ ଦ୍ୱା ଖାଉଟି ଅଧିକାରର ସୁରକ୍ଷା ଦିଗରେ ଜନ ସଚେତନା ସୃଷ୍ଟି କରାଯାଇପାରିଛି ।

ଆମ ସରକାର ଆଶା କରନ୍ତି ଓଡ଼ିଶାର ଖାଉଟିମାନେ ଅର୍ଥଲୋଭୀ ବ୍ୟବସାୟୀ, ଦୁର୍ନୀତିଗ୍ରସ୍ତ କର୍ମଚାରୀ/ ଅଧିକାରୀମାନଙ୍କ ଦ୍ୱାରା ଠକିହେଲେ ବା ହଇରାଣ ହେଲେ ଏହାର ସୁବିଚାର ପାଇଁ ଓ କ୍ଷତିପୂରଣ ପାଇବା ଦିଗରେ ଏ ଆଇନର ଅଧିକ/ବ୍ୟାପକ ସୁଯୋଗ ଲାଭ କରିବେ ।

❖❖❖



ବୃଷଭଦ୍ରା ନଦୀ ଉପରେ ସେତୁ ନିର୍ମାଣର ଶିଳାନ୍ୟାସ



# ରାଜ୍ୟର ସମୃଦ୍ଧି ଦିଗରେ ତିନୋଟି ବର୍ଷ

**କୃଷି ଉନ୍ନୟନ**

* ନୂତନ କୃଷିନୀତିର ସଫଳ ରୂପାୟନ ।

- ପ୍ରାମାଣିକୃତ ଧାନ ବିହନ ଉତ୍ପାଦନ ୧୯୯୫ ମସିହାରେ ୫୦ ହଜାର କ୍ୱିଣ୍ଟାଲଥିବା ସ୍ଥଳେ ୩ ବର୍ଷ ମଧ୍ୟରେ ଏହା ୫ ଗୁଣ ବୃଦ୍ଧି ପାଇଛି ।
- ଚାଷୀମାନଙ୍କୁ ସଚେତନ କରା ଯିବାଫଳରେ ଅଧିକ ୩୦% ସାର ବ୍ୟବହାର ଦ୍ୱାରା କୃଷି ଉତ୍ପାଦନ ବୃଦ୍ଧି ହୋଇଛି ।
- ଅଧିକ ୨୦ ହଜାର ହେକ୍ଟରରେ ଫଳଚାଷ ହୋଇଛି ।

**ଜଳସମ୍ପଦର ଉପଯୋଗ**

- ଇନ୍ଦ୍ରାବତୀ ପ୍ରକଳ୍ପରୁ ଜଳସେଚନ ଆରମ୍ଭ କରାଯାଇ ପ୍ରଥମ ଦଫାରେ ୨୦ ହଜାର ହେକ୍ଟର ଅଣଜଳସେଚିତ ଜମିକୁ ଜଳ ଯୋଗାଇ ଦିଆଯାଇଛି ।
- ବୃହତ୍, ମଧ୍ୟମ ଓ କ୍ଷୁଦ୍ରଜଳ ସେଚନ ପ୍ରକଳ୍ପଦ୍ୱାରା ଅଧିକ ଏକଲକ୍ଷ ହେକ୍ଟର ଜମିକୁ ଜଳସେଚିତ କରାଯାଉଛି । ଭୂତଳ ଜଳସମ୍ପଦର ସଦୁପଯୋଗକରାଯାଉଛି ।
- ଜଳସେଚନ କ୍ଷେତ୍ରରେ ପ୍ରଗତି ହେଉଛି ବୋଲି ଜାଣିବାପରେ ଜାପାନର ଓଇସିଏଫ ଆର୍ଥିକ ସହଯୋଗପାଣ୍ଠି, ବିଶ୍ୱବ୍ୟାଙ୍କ ଓ ନାବାର୍ଡ ରାଜ୍ୟର ଅଧିକ ଅଞ୍ଚଳରେ ଜଳସେଚନପାଇଁ ଅର୍ଥ ବିନିଯୋଗ କରିଛନ୍ତି ।

**ବିଦ୍ୟୁତ୍‌ଶକ୍ତି**

- ବିଦ୍ୟୁତ ସଂସ୍କାର କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ଆଦର୍ଶ ରାଜ୍ୟର ଗୌରବ ହାସଲ କରିଛି ।
- ବିଦ୍ୟୁତ ସରବରାହ ଓ ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ଼କରିବା ଉଦ୍ଦେଶ୍ୟରେ ବିଶ୍ୱବ୍ୟାଙ୍କ ଓ ଡି.ଏଫ୍.ଆଇ.ଡି. ଋଣ ଏବଂ ସହାୟତା ମଂଜୁରି କରିଛନ୍ତି ।
- ଇବ୍ ଉପତ୍ୟକାଠାରେ ଦୁଇଟି ଓ ଦୁବୁରୀଠାରେ ଗୋଟିଏ ବୃହତ୍ ତାପଜ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା କରାଯାଉଛି ।

**ଶିଳ୍ପାୟନର ଜୟଯାତ୍ରା**

- ରାଜ୍ୟରେ ନୂତନ ଇସ୍ପାତ କାରଖାନାଗୁଡିକ ପ୍ରତିଷ୍ଠା ହେବାପାଇଁ ନିର୍ମାଣକାର୍ଯ୍ୟ ଦ୍ରୁତଗତିରେ ଆଗେଇଛି ।
- ଓଡ଼ିଶାରେ ଆଲୁମିନା, ଇସ୍ପାତ, ତୈଳ ବିଶୋଧନାଗାର ଏବଂ ସାର କାରଖାନା ପ୍ରତିଷ୍ଠାଦିଗରେ ଉଦ୍ୟମ ଅବ୍ୟାହତ ରହିଛି ।
- ମହାରାଷ୍ଟ୍ର ଓ ଗୁଜୁରାଟକୁ ପଛରେ ପକାଇ ଓଡ଼ିଶା ଶିଳ୍ପକ୍ଷେତ୍ରରେ ପୁଞ୍ଜିବିନିଯୋଗରେ ଶୀର୍ଷସ୍ଥାନ ଅଧିକାର କରିଛି ।
- ୮ ହଜାର ଅଧିକ କ୍ଷୁଦ୍ର ଶିଳ୍ପମାଧ୍ୟମରେ ୪୦ ହଜାର ବ୍ୟକ୍ତିଙ୍କର କର୍ମସଂସ୍ଥାନ କରାଯାଇଛି । ସେହି ସବୁ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ୨୪୦ କୋଟି ଟଙ୍କା ବ୍ୟୟ କରାଯାଇଛି ।
- ପ୍ରଧାନମନ୍ତ୍ରୀଙ୍କ ରୋଜଗାର ଯୋଜନାରେ ୭୦ କୋଟି ଟଙ୍କା ଆବଣ୍ଟନ କରାଯିବା ଫଳରେ ୧୧ ହଜାର ହିତାଧିକାରୀ ଉପକୃତ ହୋଇଛନ୍ତି ।
- ରାଜ୍ୟରେ ନୂତନ ଭାବେ ସରକାରୀ ଓ ବେସରକାରୀ ସ୍ତରରେ ୧୨ଟି ଇଂଜିନିୟରିଙ୍ଗ୍ ମହା ବିଦ୍ୟାଳୟ ଓ ୩ଟି ଇଂଜିନିୟରିଙ୍ଗ୍ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି ।

**ସାମାଜିକ ନ୍ୟାୟ**

- ୭ ଲକ୍ଷ ୬୨ ହଜାର ଅନୁସୂଚିତ ଜାତି ଓ ୮ ଲକ୍ଷ ୨୬ ହଜାର ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀଙ୍କୁ ପ୍ରାକ୍-ମାଟ୍ରିକ୍ ଛାତ୍ର ବୃତ୍ତି ପ୍ରଦାନ କରାଯାଇଛି ।
- କଲେଜ ସ୍ତରରେ ଅନୁସୂଚିତ ଜାତିର ଏକାନବେ ହଜାର ଓ ଅନୁସୂଚିତ ଜନଜାତିର ଛପନ ହଜାର ଛାତ୍ର ଛାତ୍ରୀଙ୍କୁ ବୃତ୍ତି ପ୍ରଦାନ କରାଯାଇଛି ।
- ଇନ୍ଦିରା ଆବାସ ଯୋଜନାରେ ଦୁଇ ଶହ ଅଠର କୋଟି ଟଙ୍କା ଖର୍ଚ୍ଚ କରାଯାଇ ୧ ଲକ୍ଷ ୩୭ ହଜାର ଗୃହ ନିର୍ମିତ ହୋଇଛି । ଏହା ଦାରିଦ୍ର୍ୟ ସୀମାରେଖା ତଳେଥିବା ପରିବାର ମଧ୍ୟରେ ବଣ୍ଟନ କରାଯାଇଛି ।
- ୫ ଲକ୍ଷ ୨୪ ହଜାର ଅସହାୟ ବୃଦ୍ଧ, ବୃଦ୍ଧା ଓ ବିଧବା ମାନଙ୍କୁ ମାସିକ ୧୦୦ ଟଙ୍କା ଲେଖାଏଁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଛି ।
- ନିଶ୍ଚିତ କୂପ ଯୋଜନା ମାଧ୍ୟମରେ ୫୨ ହଜାର କୂପ ମୁଖ୍ୟତଃ ଆଦିବାସୀ ଓ ହରିଜନଙ୍କ ଜମିରେ ଖୋଳାଯାଇଛି ।
- ରାଜ୍ୟରେ ସଘନ ଫସଲ ବୀମାଯୋଜନା ଚାଲୁ କରାଯାଇଛି, ତଦ୍ୱାରା ୧୯ ହଜାର ୫୬ ଜଣ ଚାଷୀ ଏକ କୋଟି ଅଠସ୍ଠି ଲକ୍ଷ ଟଙ୍କା ବୀମାକ୍ଷତିପୂରଣ ବାବଦରେ ପାଇଛନ୍ତି ।
- ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ୨ ଲକ୍ଷ ୫୨ ହଜାର ୩୮୩ ପରିବାରକୁ ଆତ୍ମନିଯୁକ୍ତି ଦିଆଯାଇଛି । ଏହାଫଳରେ ୧ ଲକ୍ଷ ୩୪ ହଜାର ଆଦିବାସୀ ଓ ହରିଜନ ପରିବାର ଏବଂ ୯୧ ହଜାର ଜଣ ମହିଳା ଉପକୃତ ହୋଇଛନ୍ତି ।
- ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି ନିମନ୍ତେ ଚାଳିଶିହଜାର ବିଦ୍ୟାଳୟର ଚାଳିଶ ଲକ୍ଷ ଛାତ୍ର ଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି ।
- ରାଜ୍ୟର ୧୪୩ଟି ବ୍ଲକ୍‌ରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୨୦ ଲକ୍ଷ ପରିବାରଙ୍କୁ କିଲୋପିଛା ୨ଟଙ୍କା ଦରରେ ଚାଉଳ ଯୋଗାଇ ଦିଆଯାଉଛି ।
- ୩ ହଜାର ବେସରକାରୀ ହାଇସ୍କୁଲ୍‌କୁ ସରକାରୀ କରାଯିବା ଫଳରେ ୩୫ ହଜାର ଶିକ୍ଷକ ଉପକୃତ ହୋଇଛନ୍ତି । ୮ ହଜାର ପ୍ରାଥମିକ ଶିକ୍ଷକ ନୂତନ ନିଯୁକ୍ତି ପାଇସାରିଲେଣି ।
- ଏକବିଂଶ ଶତାବ୍ଦୀର ଚାହିଦାକୁ ନେଇ ଜାତୀୟ ରାଜପଥ ଗୁଡିକୁ ପୁନଃନିର୍ମାଣ କରାଯାଉଛି । ତାଳଚେର-ସମ୍ବଲପୁର ରେଳରାସ୍ତା ପ୍ରାୟ ସଂପୂର୍ଣ୍ଣ ହୋଇ ସାରିଲାଣି । ଦେିତାରୀ-ବାଁଶପାଣି ଏବଂ ଲାଞ୍ଜିଗଡରୋଡ୍-ଜୁନାଗଡ ରେଳରାସ୍ତାର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇଚାଲିଛି । ହରିଦାସପୁର-ପାରାଦ୍ୱୀପ ରେଳରାସ୍ତାର ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରାଯାଉଛି ।
- ୨୦୦୧ ମସିହା ସୁଦ୍ଧା ଭଦ୍ରକ ଜିଲ୍ଲାର ଧାମରା ମୁହାଣରେ ଏକ ବଡ ଧରଣର ସବୁଦିନିଆ ବନ୍ଦର ପ୍ରତିଷ୍ଠା କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି ।
- ସରକାରୀ କାର୍ଯ୍ୟରେ ଓଡିଆ ଭାଷାର ପ୍ରଚଳନ ପାଇଁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବା ଯୋଗୁଁ ସାଧାରଣ ଜନତା ସରକାରଙ୍କୁ ନିଜ ସମସ୍ୟା ଭଲଭାବେ ଜଣାଇ ପାରୁଛନ୍ତି ।

ଓଡ଼ିଶା ସରକାର, ସୂଚନା ଓ ଲୋକ ସଂପର୍କ ବିଭାଗ

**ଏକ ଦକ୍ଷ ପ୍ରଗତିକାମୀ ସରକାର ଏକବିଂଶ ଶତାବ୍ଦୀରେ ଉତ୍କଳବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବ ।**

## STATEMENT OF OWNERSHIP AND OTHER PARTICULARS ABOUT UTKAL PRASANGA

FORM-IV

*(See Rule-8)*

| | | |
|---|---|---|
| 1. Place of publication | : | Bhubaneswar |
| 2. Periodicity of its publication | : | Monthly |
| 3. Printer's Name | : | Shri Keshri Mohan Lal, I. P. S. for and on behalf of Government of Orissa. |
| Nationality | : | Indian |
| Address | : | Director, Printing, Stationery and Publication, Orissa, Madhupatna, Cuttack-753010. |
| 4. Publisher's Name | : | Shri Narendra Kumar Mishra, Director of Information and Public Relations & *Ex-officio* Additional Secretary to Government, Information and Public Relations Department, Bhubaneswar-751001. |
| 5. Editor's Name | : | Shri Maheswar Mulia |
| Nationality | : | Indian |
| Address | : | Utkal Prasanga<br>Information and Public Relations Department.<br>Government of Orissa, Bhubaneswar-751001. |
| Name and Address of individuals who own newspaper and partners or shareholders holding more than one per cent of the total capital. | : | Government of Orissa, Bhubaneswar |


I, Shri Narendra Kumar Mishra, Director of Information and Public Relations and *Ex-officio* Additional Secretary to Government, Information and Public Relations Department, Bhubaneswar, hereby declare that the particulars given above are true to the best of my knowledge and belief.

Narendra Kumar Mishra
*Signature of Publisher*

OGP—MP—PTS (I.&P.R.) 1—6,000—25-7-1998



ବିଶିଷ୍ଟ ଜର୍ମାନ୍ ଐତିହାସିକ ହରମାନ୍ କୁଲ୍କେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ
ସଚିବାଳୟଠାରେ ସାକ୍ଷାତ କରୁଛନ୍ତି (୨୧-୩-୯୮)।



କଳିଙ୍ଗବିହାରଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏସ୍.ଡି. ଆତ୍ମନୋଲଜ୍ ବିଦ୍ୟାଳୟ ଓ
ଲୋୟୋଲା ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି (୨୫-୩-୯୮)।




ଭୁବନେଶ୍ୱରଠାରେ ଭାରତର ନିର୍ବାଚନ କମିଶନର୍ ଶ୍ରୀ ଜି. ଭି. ଜି. କୃଷ୍ଣମୂର୍ତ୍ତି ମୁଖ୍ୟ ଶାସନ ସଚିବ ଓ ବହୁ
ବରିଷ୍ଠ ପଦାଧିକାରୀମାନଙ୍କ ସହ ନିର୍ବାଚନ ସମ୍ପର୍କରେ ଆଲୋଚନା କରୁଛନ୍ତି (୨-୨-୯୮)।



କଟକ ରିଜର୍ଭ ପୋଲିସ ପଡ଼ିଆଠାରେ ଓଡ଼ିଶା ପୋଲିସ୍ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆୟୋଜିତ ପ୍ୟାରେଡ଼ରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଅଭିବାଦନ ଗ୍ରହଣ କରୁଛନ୍ତି ।



ସୂଚନା ଭବନଠାରେ ପରିବାର ସେବା ସଂସ୍ଥା ଦ୍ୱାରା ଆୟୋଜିତ ଏକ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏକ 'ସ୍ୱାସ୍ଥ୍ୟ ପତ୍ରିକା' ଉନ୍ମୋଚନ କରୁଛନ୍ତି ।



ଓଡ଼ିଶା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ରାଜନୈତିକ ସମ୍ମିଳନୀରେ ଭାରତର ନିର୍ବାଚନ କମିଶନର ଶ୍ରୀ ଜି. ଭି. ଜି. କୃଷ୍ଣମୂର୍ତ୍ତି ଉଦ୍‌ବୋଧନ ଦେଉଛନ୍ତି (୭-୬-୯୭) ।

# ଉତ୍କଳ ପ୍ରସଙ୍ଗ

ଅପ୍ରେଲ, ୧୯୯

